

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୧୧ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 11 JULY 2022

Vol.No. 35 ■ No. 179 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ବାସଭବନରେ ବିକ୍ଷୋଭକାରୀଙ୍କ ବିଳାସ



କଲମ୍ବୋ, ୧୦/୦୭ (ନି.ପ୍ର): ଶ୍ରୀଲଙ୍କା ରାଷ୍ଟ୍ରପତି ଭବନରୁ ମିଳିଲା ବିଡ଼ା ବିଡ଼ା ନୋଟ୍ । ଗତକାଲିଠୁ ସେଠାରେ ଆଡ୍ଡା ଜମାଇ ବସିଥିବା ଆନ୍ଦୋଳନକାରୀଙ୍କ ହାତରେ ଲାଗିଲା ଦେଢ଼ କୋଟିରୁ ଅଧିକ ସିଂହଳୀ ଟଙ୍କା। ଏନେଇ ଶ୍ରୀଲଙ୍କା ଗଣମାଧ୍ୟମରେ ଚର୍ଚ୍ଚା ହେଉଥିବା ବେଳେ, ପ୍ରେସିଡେନ୍ସିଆଲ୍ ପ୍ୟାଲେସ ଭିତରେ ଆହୁରି ଅନେକ ରୋଚକ ଭିଡିଓ ଭାଇରାଲ୍ ହେଉଛି । ତେବେ ଏହି ମହାଆନ୍ଦୋଳନର ପରିଣାମ ସ୍ୱରୂପ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ପଦରୁ ହଟିବା ପରେ, ଦେଶରେ ସରକାର କିପରି ଚାଲିବ, ତାକୁ ନେଇ ବଢ଼ିଛି ଉତ୍ସୁକତା। ଏମିତିକି ବିକ୍ଷୋଭକାରୀଙ୍କ ବିଚିତ୍ର କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା । ସୁଇମିଂ ପୁଲରେ ଡିଆଁଡେଇଁ, କିଚେନରେ ରୋଷେଇ, ଡାଇନିଂ ହଲରେ ଖାଇବା ଦୃଶ୍ୟ ଭାଇରାଲ ହେବାରେ ଲାଗିଛି । ଆନ୍ଦୋଳନକାରୀମାନେ ରାଷ୍ଟ୍ରପତିଙ୍କ ବେଡ୍‌ରୁମରେ ଶୋଇ ସେଲ୍ଫି ନେଥିଲେ। ତା ଭିତରେ କିଏ ଲାଉଞ୍ଜରେ ବିଶ୍ରାମ ନେଇଥିଲା ତ ଆଉ କିଏ ଜିମ୍‌ରେ ମଜା ନେଇଥିଲା। କିଛି ଲୋକ ଆକ୍ୱାରିୟମରେ ମାଛକୁ ଖାଦ୍ୟ ଦେବାର ଭିଡିଓ ବି ଭାଇରାଲ୍ ହେଉଛି । କହିବାକୁ ଗଲେ, ଆନ୍ଦୋଳନକାରୀ ଗତକାଲି ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ବାସଭବନକୁ କବ୍ଜାକୁ ନେବା ପରେ, ରିତିମତ୍ ଟୁରିଷ୍ଟ ସ୍ପଟ୍ ପାଲଟିଯାଇଛି ଏଇ ବ୍ରିଟିଶ୍ ଅମଳର ରାଜପ୍ରାସାଦ । ହଜାର ହଜାର ଲୋକ ସେଠାରେ କାଲିଠୁ ଆଡ୍ଡା ଜମାଇ ବସିଛନ୍ତି। ତେବେ ଏଭିତରେ ପ୍ରେସିଡେନ୍ସିଆଲ୍ ପ୍ୟାଲେସ୍‌ର ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଭିଡିଓ ମଧ ଭାଇରାଲ୍ ହେଉଛି । ଅନ୍ୟପଟେ ଗତକାଲି ବିଦାୟୀ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ନିଜସ୍ୱ ବାସଭବନରେ ନିଆଁ ଲଗାଇବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି। ଗତକାଲି କଲମ୍ବୋ ସମେତ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିବା ବେଳେ, ୯ ଜଣଙ୍କ ମୃତ୍ୟୁ ଓ ୩ଶହ ଆହତ ହୋଇଥିବା ଖବର ସାମ୍ନାକୁ ଆସୁଛି । ଲୋକଙ୍କୁ ଶାନ୍ତ ହେବା ପାଇଁ ଅପିଲ୍ କରିଛନ୍ତି ଶ୍ରୀଲଙ୍କା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଶବେନ୍ଦ୍ର ସିଲ୍ଭା। ଖାଦ୍ୟ ଓ ଇନ୍ଧନ ସଂକଟରେ ବ୍ୟତିବ୍ୟସ୍ତ ଶ୍ରୀଲଙ୍କାବାସୀଙ୍କ ଏହି ମହାଆନ୍ଦୋଳନର ପ୍ରଭାବ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଗାଦି ଉପରେ ପଡ଼ିଛି। ପ୍ରଧାନମନ୍ତ୍ରୀ ପଦରୁ ରାନିଲ ୱିକ୍ରମ ସିଂଘେ ଇସ୍ତଫା ଘୋଷଣା କରିଥିବା ବେଳେ, ଶୁକ୍ରବାର ରାତିଠୁ ଅଜ୍ଞାତବାସରେ ଥିବା ରାଷ୍ଟ୍ରପତି ଗୋଟାବାୟା ରାଜପକ୍ସା ମଧ ଆସନ୍ତା ୧୩ ତାରିଖରେ ପଦ ଛାଡ଼ିବେ। ଗୋଟାବାୟାଙ୍କ ସହ ଯୋଗାଯୋଗ ପରେ, ଏନେଇ ସୂଚନା ଦେଇଛନ୍ତି ବାଚସ୍ପତି। ତେବେ ପ୍ରଶ୍ନ ଉଠୁଛି ତା ପରେ କଣ ହେବ। ଶ୍ରୀଲଙ୍କାରେ କିଏ ଗଢ଼ିବ ନୂଆ ସରକାର ? କିଏ ହେବ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ? ନା ଜାରି ରହିବ ଅରାଜକତା ? ଶ୍ରୀଲଙ୍କା ସମ୍ବିଧାନ ଅନୁସାରେ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଅନୁପସ୍ଥିତିରେ ୩୦ ଦିନ ପାଇଁ ବାଚସ୍ପତି କାମଚଳା ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବେ। ଏହି ୩୦ ଦିନ ଭିତରେ ସାଂସଦମାନେ ନିଜ ଭିତରୁ ଜଣଙ୍କୁ ନୂଆ ରାଷ୍ଟ୍ରପତି ଭାବେ ନିର୍ବାଚିତ କରିବେ । ତେବେ ବର୍ତ୍ତମାନର ସଂକଟ ସ୍ଥିତିରେ ଶ୍ରୀଲଙ୍କାରେ ସର୍ବଦଳୀୟ ସରକାର ଗଠନ ପାଇଁ ନିଷ୍ପତ୍ତି ହୋଇଛି । ଗତକାଲି ସବୁ ରାଜନୈତିକ ଦଳକୁ ନେଇ ଅନୁଷ୍ଠିତ ଜରୁରୀକାଳୀନ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

## ଅମରନାଥ ଯାତ୍ରା : ବାଦଲ ଫାଟିବାରୁ ଚାଲିଯାଇଛି ଅନେକ ଜୀବନ, ଶବ ଚିହ୍ନଟ କରିପାରୁନାହାନ୍ତି ପରିବାର ଲୋକେ



ନୂଆଦିଲ୍ଲୀ, ୧୦/୦୭ : ଗତ କିଛିଦିନ ତଳେ ଆରମ୍ଭ ହୋଇଥିବା ଅମରନାତ ଯାତ୍ରା ଉପରେ ଏବେ କଟକଣା ଲାଗିଛି । ଭଗବାନଙ୍କୁ ଦର୍ଶନ କରିବାକୁ ଯାଉଥିବା ଲୋକଙ୍କୁ ଅଧା ରାସ୍ତାରୁ ନିରାସ ହୋଇ ଘରକୁ ଫେରିବାକୁ ପଡିଛି । କାରଣ ଅମନାଥ ଗୁମ୍ଫା ନିକଟରେ ବାଦଲ ଫାଟିବା କାରଣରୁ ବଡ ଧରଣର ଦୁର୍ଘଟଣା ଘଟିଛି । ଯେଉଁଥିରେ ଅନେକ ଲୋକଙ୍କ ଜୀବନ ଚାଲିଯାଇଛି । ପରିସ୍ଥିତି ଏପରି ହୋଇଯାଇଛି କି, ଉଦ୍ଧାର କରାଯାଉଥିବା ମୃତ ଶରୀରକୁ ଛିହ୍ନଟ କରିପାରୁନାହାନ୍ତି ପରିବାର ଲୋକେ । ଦିଲ୍ଲୀର ଆମ୍ବେଦକର ନଗରରେ ରହୁଥିବା ୫୭ ବର୍ଷିୟା ପ୍ରକାଶୀ ଦେବୀ ଏବଂ ୬୨ବର୍ଷିୟା ବୀରମତି ଅମରନାଥ ଦର୍ଶନ କରିବା ପାଇଁ ଯାଇଥିଲେ । କିନ୍ତୁ ଭଗବାନଙ୍କୁ ଦର୍ଶନ କରିବାର ଆଶା କେବଳ ଆଶାରେ ରହିଗଲା । ବାଦଲ ଫାଟିବାରୁ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଚାରିଆଡେ ଜଳମଗ୍ନ ହୋଇଯାଇଥିଲା । ଆଉ ସେହି ଜଳର ତୀବ୍ର ଶ୍ରୋତରେ ବହିଯାଇଥିଲେ ଏହି ଦୁଇ ମହିଳା । ଏବେ ଅନେକ ମୃତ ଦେହକୁ ଉଦ୍ଧାର କରାଯାଇଛି । କିନ୍ତୁ ପରିବାର ଲୋକେ ନିଜ ଲୋକର ଶବକୁ ଚିହ୍ନଟ କରିପାରୁନାହାନ୍ତି । ବର୍ତ୍ତମାନ ସୁଦ୍ଧା ୧୬ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ସୂଚନା ମିଳିଥିବା ବେଳେ ୪୦ଜଣ ନିଖୋଜ ଲୋକଙ୍କୁ ଉଦ୍ଧାର ପାଇଁ ଅପରେଶନ୍ ଜାରି ରହିଛି । ସେନା ପକ୍ଷରୁ ଅପରେସନକୁ ଆହୁରି ଜୋରଦାର କରାଯାଇଛି । ଉଦ୍ଧାର କାର୍ଯ୍ୟରେ ସ୍ଥଳସେନା, ବାୟୁସେନା ସମେତ ଭାରତୀୟ ସେନାର ଅନ୍ୟାନ୍ୟ ରେଜିମେଣ୍ଟ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛିନ୍ତି ।

## ବଢୁଛି କରୋନା ସଂକ୍ରମଣ : ଗୋଟିଏ ଦିନରେ ୫୭୬ ଚିହ୍ନଟ

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୭୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୩୫୦୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୬୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୧୨୯୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୦୨୭ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୩୩୭ ଜଣ ସଂଗରୋଧରୁ ଓ ୨୩୯ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧୬, ବରଗଡ ଜିଲ୍ଲାରେ ୨, ଭଦ୍ରକ ଜିଲ୍ଲାରେ ୬, ବଲାଙ୍ଗୀର ଜିଲ୍ଲାରେ ୨, ବୌଦ୍ଧ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୧୮. ଦେବଗଡ ▶▶ପୃଷ୍ଠା ୭

## ଭାରତ ସମେତ ୫ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କଲେ ଜେଲେନସ୍କି



ନୂଆଦିଲ୍ଲୀ, ୧୦/୦୭ : ଋଷିଆର ଆକ୍ରମଣର ସମ୍ମୁଖୀନ ହେଉଥିବା ୟୁକ୍ରେନ ରାଷ୍ଟ୍ରପତି ଭୋଲଦମିର ଜେଲେନସ୍କି ଇଙ୍ଗ ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତ ସମେତ ୫ଟି ରାଷ୍ଟ୍ରରେ ଅବସ୍ଥାପିତ ରାଷ୍ଟ୍ରଦୂତଙ୍କୁ ସେ ବହିଷ୍କାର କରିଛନ୍ତି । ଶନିବାର ୟୁକ୍ରେନ ରାଷ୍ଟ୍ରପତି ଭୋଲଦମିର ଜେନେନସ୍କିଙ୍କ ୱେବସାଇଟରୁ ଏହି ସୂଚନା ମିଳିଛି । ତେବେ ଜର୍ମାନୀ, ଭାରତ, ଚେକ୍ ରିପବ୍ଲିକ୍, ନରୱେ ଏବଂ ହଙ୍ଗେରୀରେ ଅବସ୍ଥାପିତ ନିଜ ଦେଶର ରାଷ୍ଟ୍ରଦୂତଙ୍କୁ କାହିଁକି ୟୁକ୍ରେନ ବରଖାସ୍ତ କଲା ସେ ନେଇ କୌଣସି ସୂଚନା ମିଳିନି । ଏବେ ଏହି ବରଖାସ୍ତ ହୋଇଥିବା ଅଧିକାରୀଙ୍କୁ ମଧ ନୂଆ ନିଯୁକ୍ତି ଦେଇନାହାନ୍ତି ଜେଲେନସ୍କି । ରୁଷ ଦ୍ୱାରା ୟୁକ୍ରେନ ଉପରେ ହୋଇଥିବା ଆକ୍ରମଣକୁ ଖୋଲାଖୋଲି ବିରୋଧ କରିନଥିବା ଦେଶ ମଧରେ ଭାରତ ଅନ୍ୟତମ । ତେବେ ମିଳିତ ଜାତିସଂଘରେ ରୁଷ ବିରୋଧରେ ଆସିଥିବା ସଂକଳ୍ପ ଉପରେ ଭାରତ ଅଂଶଗ୍ରହଣ କରିନଥିଲା । ତେବେ ୟୁକ୍ରେନ ପାଇଁ ଆନ୍ତର୍ଜାତୀୟ ସହାୟତା ଏବଂ ସାମରିକ ସହାୟତା ପ୍ରଦାନ କରିବାକୁ ଜେଲେନସ୍କି ତାଙ୍କ କୂଟନୀତିଜ୍ଞମାନଙ୍କୁ ଅନୁରୋଧ କରିଛନ୍ତି ।

## ନିଯୁକ୍ତି କ୍ଷେତ୍ରରେ ବିରଳ ଘଟଣା : ୧୦ ମାସର ଶିଶୁକୁ ମିଳିଲା ରେଲୱେ ଚାକିରି

ଭୁବନେଶ୍ୱର, ୧୦/୦୭ (ନି.ପ୍ର): କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ । ରାୟପୁର ରେଳବାଇ ବିଭାଗ ପକ୍ଷରୁ ଏମିତି ନିଯୁକ୍ତି ଦିଆଯିବା ଖବର ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ୧୦ ମାସର ଶିଶୁ କନ୍ୟା ରାଧିକାକୁ ନିଯୁକ୍ତି ଦେଇଛନ୍ତି ରାୟପୁର ରେଳ ବିଭାଗ । ଏଥିପାଇଁ ରାଧିକାର ଆଙ୍ଗୁଠି ଚିହ୍ନ ନିଆଯାଇଛି । ସୂଚନା ମୁତାବକ, ରାଧିକାର ବାପା, ମା' ଏକ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ରାଧିକାର ଭବିଷ୍ୟତ ସୁରକ୍ଷିତ କରିବାକୁ ରିହାବିଲିଟେସନ୍ ସ୍କିମରେ ଏହି ନିଯୁକ୍ତି ମିଳିଛି । ସୂଚନା ମୁତାବକ, ଶିଶୁଟିର ବାପା ରାଜେନ୍ଦ୍ର ଯାଦବ ଭିଲାଇରେ ରେଳବାଇରେ ପିପି ୟାର୍ଡରେ ସହକାରୀ ଭାବେ କାର୍ଯ୍ୟ କରୁଥିଲେ । ସେଠାରେ ପତ୍ନୀ ଓ ଝିଅ ସହ ରେଲୱେ କ୍ୱାର୍ଟରରେ ରହୁଥିଲେ । ସେ ମନ୍ଦିର ସୌଦ ଇଲାକାର ବାସିନ୍ଦା । ତେବେ ସେ ଗତ ଜୁନ୍ ୧ ତାରିଖ ଦିନ ମୋଟର ସାଇକେଲ ଯୋଗେ ପତ୍ନୀ ମଞ୍ଜୁଲତାଙ୍କ ସହ ଗାଁରୁ ଭିଲାଇ ଫେରୁଥିବାବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ଫଳରେ ଘଟଣା ସ୍ଥଳରେ ହିଁ ରାଜେନ୍ଦ୍ର କୁମାର ଓ ପତ୍ନୀ ମଞ୍ଜୁ ଯାଦବଙ୍କର ମୃତ୍ୟୁ ହୋଇଥିଲା । ହେଲେ ଭଗବାନଙ୍କ କୃପା ଅଳ୍ପକେ ବର୍ତ୍ତି ଗଲା କଅଁଳ ଜୀବନ । ▶▶ପୃଷ୍ଠା ୭

## ପଦବୀ, କାମ ସମାନ ହେଲେ ବି ଦରମା ହୋଇପାରିବନି ସମାନ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୦/୦୭ : ପଦବୀ, କାମ ସମାନ ହେଲେ ବି ଦରମା ସମାନ ହୋଇପାରିବନି । ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି କରି ଏପରି ରାୟ ଦେଇଛନ୍ତି । କେବଳ ପଦବୀ ଓ କାମରେ ସମାନତାକୁ ଆଧାର କରି ଜଣେ କର୍ମଚାରୀ ଅନ୍ୟ କର୍ମଚାରୀଙ୍କ ଭଳି ସମାନ ଦରମା ଦାବି କରିପାରିବେ ନାହିଁ । ସବୁ କ୍ଷେତ୍ରରେ ସମାନତା ରହିଥିଲେ ଜଣେ କର୍ମଚାରୀ ଅନ୍ୟ କର୍ମଚାରୀଙ୍କ ଭଳି ପେ-ସ୍କେଲ ଦରମା ଦାବି କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ମଧ୍ୟପ୍ରଦେଶ ସରକାର ବନାମ ସୀମା ଶର୍ମା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହା ରାୟ ଦେଇଛନ୍ତି । ଦରମା ନିର୍ଦ୍ଧାରଣ ଏକ ନୀତିଗତ ବିଷୟ । କୋର୍ଟ କେବଳ ବିଶେଷ କ୍ଷେତ୍ରରେ ହସ୍ତକ୍ଷେପ କରିପାରିବେ । ଯେତେବେଳେ ଗୋଟିଏ ସଂସ୍ଥାରେ ସମାନ ଯୋଗ୍ୟତା, ସମାନ ପଦବି, ସମାନ କାମରେ ନିଯୁକ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଦରମା ପ୍ରଦାନରେ ପାତର ଅନ୍ତର କରାଯିବ ତାକୁ ବିଶେଷ କ୍ଷେତ୍ର ଭାବେ ବିବେଚନା କରି କୋର୍ଟ ସେଥିରେ ହସ୍ତକ୍ଷେପ କରିପାରିବେ ବୋଲି କହିଛନ୍ତି । ସୀମା ଶର୍ମା। ମଧ୍ୟପ୍ରଦେଶର ଉଜ୍ଜୈନିସ୍ଥିତ ଏକ ସରକାରୀ ଆୟୁର୍ବେଦିକ କଲେଜର ଲାଇବ୍ରେରିଆନ ▶▶ପୃଷ୍ଠା ୭

## ରଥ ଉପରେ ଶ୍ରୀଜିଉଙ୍କ ସୁନାବେଶ



ପୁରୀ, ୧୦/୦୭ (ନି.ପ୍ର): ସୁନାବେଶରେ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତୀ । ବାହୁଡା ଏକାଦଶୀରେ ରଥଉପରେ ମହାପ୍ରଭୁ ସୁନାବେଶ ହୋଇଥାନ୍ତି । ଜନ୍ମବେଦୀରୁ ଫେରିବା ପରେ ସିଂହଦ୍ୱାରରେ ଏହି ବେଶ ଅନୁଷ୍ଠିତ ହୋଇଥାଏ । ବର୍ଷରେ ୫ ଥର ମହାପ୍ରଭୁଙ୍କ ସୁନାବେଶର ପରମ୍ପରା ରହିଥିବା ବେଳେ ରଥ ଉପରେ ଥରେ ଏହି ବେଶ ହୋଇଥାଏ । ଆଶାଢ ଶୁକ୍ଳ ଏକାଦଶୀରେ ସିଂହଦ୍ୱାରରେ ରଖାଯାଇଥିବା ତିନି ରଥ ଉପରେ ସୁନାବେଶରେ ସଜ୍ଜିତ ହୋଇଥାନ୍ତି । ଶ୍ରୀଜିଉଙ୍କ ମଧାହ୍ନ ଧୂପ ହେବା ପରେ ଏହି ବେଶ ଆରମ୍ଭ ହୋଇଥାଏ । ଭିତିରଚ୍ଛ ମହାପାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ, ତଳିଚ୍ଛ ମହାପାତ୍ର ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ବାଡ଼ରେ ଓ ପୁଷ୍ପାଳକ ସେବାୟତ ଦେବୀ ସୁଭଦ୍ରାଙ୍କ ବାଡ଼ରେ ଯଥାକ୍ରମେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥରେ ଶ୍ରୀବିଗ୍ରହମାନଙ୍କୁ ସୁନାବେଶରେ ସଜ୍ଜିତ କରିବାର ପରମ୍ପରା ରହିଛି। ରଥ ଉପରେ ସୁନାବେଶ ବେଶରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି ହୋଇଥାଏ । ମହାପ୍ରଭୁଙ୍କ ମଧାହ୍ନ ଧୂପ ପରେ ରଥ ଉପରେ ସୁନାବେଶ ପାଇଁ ଭଣ୍ଡାର ଗୃହରୁ ପାଳିଆ ଭଣ୍ଡାରି ମେକାପ, ପାଳିଆ ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ ପୋଲିସ ଓ ଶ୍ରୀମନ୍ଦିର ଅଫିସରଙ୍କ ଉପସ୍ଥିତିରେ ବେଶ ଅଳଙ୍କାର ଗଣତି କରି ଆଣିଥାନ୍ତି । ତିନି ରଥରେ ରଥାରୂଢ଼ ଦାରୁଦେବତାଙ୍କୁ ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଚ୍ଛ, ଭିତରଚ୍ଛ ପ୍ରମୁଖ ସୁନାବେଶ ଆଭୁଷଣ ଲାଗି କରିଥାନ୍ତି ।

## ୨୪ ଘଂଟା ମଧରେ ୧୪ ଜିଲ୍ଲାରେ ପ୍ରବଳ ବର୍ଷା



ଭୁବନେଶ୍ୱର, ୧୦/୦୭ (ନି.ପ୍ର): ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ତତ୍‌ସଂଲଗ୍ନ ଅଂଚଳରେ ଥିବା ଲଘୁଚାପ କ୍ଷେତ୍ର ବର୍ତମାନ ଦକ୍ଷିଣ ଓଡ଼ିଶା ଉତର ଆନ୍ଧ୍ରପ୍ରଦେଶର ଉପକୂଳବର୍ତୀ ଅଂଚଳରେ ଅବସ୍ଥିତ ରହିଛି ଏବଂ ସାମୁଦ୍ରିକ ପ୍ରଚଳନ ସହିତ ଦକ୍ଷିଣ-ପଶ୍ଚିମ ଆଡକୁ ଗତିକରୁଛି। ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ। ତେବେ, ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆଗାମୀ ୨୪ଘଂଟା ମଧରେ ସମଗ୍ର ରାଜ୍ୟରେ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୧୪ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି । କେନ୍ଦ୍ର ପକ୍ଷରୁ ଜାରୀ କରା ଯାଇଥିବା ବୁଲେଟିନରେ କୁହାଯାଇଛି ଯେ ଆଗାମୀ ୨୪ ଘଂଟା ମଧରେ ଅର୍ଥାତ ଜୁଲାଇ ୧୧ ତାରିଖ, ସୋମବାର ମଧାହ୍ନ ସୁଦ୍ଧା ରାଜ୍ୟର କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କାନ୍ଧମାଳ, ବୌଦ୍ଧ. ଅନୁଗୁଳ, କଟକ, ଢ଼େଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ପ୍ରଭୃତି ୧୪ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ସବୁ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି ।

## 'ବିଶାଳ କାର୍ଯ୍ୟକର୍ତ୍ତା ସମାବେଶ'କୁ ସମ୍ବୋଧିତ କଲେ କେନ୍ଦ୍ରମନ୍ତ୍ରୀ



ଗୋଳନ୍ଥରା, ୧୦/୦୭ (ନି.ପ୍ର): ମୋଦି ସରକାରରେ ଓଡ଼ିଶା ଜନକଲ୍ୟାଣର ପ୍ରୟୋଗଶାଳା ହୋଇଛି । ପ୍ରଧାନମନ୍ତ୍ରୀ ଭାବରେ ନୁହେଁ ବରଂ ପ୍ରଧାନସେବକ ଭାବରେ ନରେନ୍ଦ୍ର ମୋଦି ଦେଶର ସେବା କରୁଛନ୍ତି । ମୋଦି ଦେଇଥିବା କଥାକୁ ଘରେ ଘରେ ପହଂଚାଇବା ପାଇଁ ପଡ଼ିବ । ଓଡ଼ିଶାକୁ ଭବ୍ୟ, ସମୃଦ୍ଧ ସହ ଯୁବକଙ୍କୁ ରୋଜଗାର ସହ ଯୋଡ଼ିବାକୁ ହେଲେ ରାଜ୍ୟକୁ ମୋଦିମୟ କରିବାକୁ ପଡ଼ିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ, ସେବା, ଗରିବ କଲ୍ୟାଣର ୮ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ବିଶାଳ କାର୍ଯ୍ୟକର୍ତ୍ତା ସମାବେଶ'କୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ମୋଦି ସରକାରରେ ଓଡ଼ିଆ ସମ୍ମାନିତ । ଓଡ଼ିଶାର ସାଧାରଣ ପରିବାରର ଜନଜାତି ମହିଳା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ପାଇଁ ପ୍ରାର୍ଥୀ କରି ପ୍ରଧାନମନ୍ତ୍ରୀ ସାଢ଼େ ୪ କୋଟି ଓଡ଼ିଆ ଲୋକଙ୍କୁ ସମ୍ମାନ କରିଛନ୍ତି । ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପାର୍ଥୀ ହେବା ଏକ ▶▶ପୃଷ୍ଠା ୭

### ସ୍କୁଲ୍ ଭିତରେ ଗଣମାଧମର ପ୍ରବେଶ ଉପରେ ଅଙ୍କୁଶ ପ୍ରସଙ୍ଗ

## ଗଣମାଧମର ଭୂମିକା ଆବଶ୍ୟକତା ଠାରୁ ଅଧିକ ହେଉଛି : ମନ୍ତ୍ରୀ

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ସ୍କୁଲ୍ ଭିତରେ ଗଣମାଧମର ପ୍ରବେଶକୁ ନେଇ ବିଇଓ ଲଗାଇଥିବା କଟକଣାକୁ ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ବିଭିନ୍ନ ସ୍ଥାନରେ ଆବଶ୍ୟକତା ଠାରୁ ଅଧିକ ଗଣମାଧମ ସ୍କୁଲକୁ ପ୍ରବେଶ କରୁଛନ୍ତି ।କିଛି ସ୍ଥାନରେ ସେପରି ଘଟଣା ଘଟିବା ପରେ ବିଇଓମାନେ ଏଭଳି ଚିଠି ଜାରି କରିଛନ୍ତି । ଏଥିପାଇଁ ସମସ୍ତ ଗଣମାଧମ ଆମକୁ ସହଯୋଗ କରିବାକୁ ସେ ଅପିଲ କରିଛନ୍ତି । ଗଣଶିକ୍ଷା ମନ୍ତ୍ରୀ ପୁଣି କହିଛନ୍ତି ଯେ, ଯାହା ଆବଶ୍ୟକ ରହିଛି, ଯାହା ସମସ୍ୟା ରହିଛି ତାକୁ ନଜରକୁ ଆଣିବା ପାଇଁ ଗଣମାଧମର ଅଧିକାର ରହିଛି। କେତେ ଗୁଡ଼ିଏ ସ୍ଥାନରେ ଗଣମାଧମର ଭୂମିକା ମଧ ଆବଶ୍ୟକତା ଠାରୁ ଅଧିକ ହେଉଛି। ତେବେ ବିଭାଗର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଗଣମାଧମ ଉପରେ ଏପରି ଅଙ୍କୁଶ କି ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ, ଯାହା ଆମର ଦୋଷ ଦୁର୍ବଳତା ଆମେ ଆମର ଜାଣିଛୁ। କେବଳ ଗଣମାଧମ କହିଲେ ଯେ ଆମେ ଜାଣୁଛୁ ସେ କଥା ନୁହେଁ । ଆମର ବ୍ୟବସ୍ଥା ଭିତରେ ଆମେ ଚାଲୁଛୁ। ଯାହା ସମ୍ଭବ ଆମେ କରୁଛୁ । ସ୍ୱୀକୃତି ପ୍ରାପ୍ତ ଗଣମାଧମ ବାଦ୍ ମଧ ଅନେକ ୱେବ ଚ୍ୟାନେଲ ହୋଇ ଗଲେଣି। ସେମାନେ ମଧ ପ୍ରେସ୍ ମାରି ବୁଲୁଛନ୍ତି । ଅନାବଶ୍ୟକ ଭାବେ ସ୍କୁଲରେ ପଶିକି ପାଠ ପଢ଼ାରେ ଇଂଟରଭିଂ କରୁଛନ୍ତି। ଗଣମାଧମ ନାଁରେ ପିଲା ଓ ଶିକ୍ଷକମାନଙ୍କୁ ଏପରି ହଇରାଣ କରିବା ଅନୁଚିତ । ତେଣୁ ଅନୁମତି ନେଇ ସ୍କୁଲରେ ପଶିବାକୁ ଚିଠି କରାଯାଇଛି ।

# ଏନ୍‌ଜିଟିରେ ବେଆଇନ ମୋରମ ଖନନ ମାମଲା : ପରିବେଶ କ୍ଷତିପୂରଣ ଭରଣା ପାଇଁ ୫୩ ଲକ୍ଷ ଟଙ୍କା

କଟକ ,୧୦/୦୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅନ୍ତର୍ଗତ ଅଞ୍ଚଳରୁ ବେଆଇନ ମୋରମ ଖନନ ଯୋଗୁଁ ଜଙ୍ଗଲ ଜମି ନଷ୍ଟ ହେବା ସହିତ ପରିବେଶର କ୍ଷତି ହୋଇଛି । ଜାତୀୟ ଗ୍ରିନ ଟ୍ରିବୁନାଲ (ଏନଜିଟି)ଙ୍କ ନିର୍ଦ୍ଦେଶରେ ଗଠିତ ଯୁଗ୍ମ କମିଟି ଦାଖଲ କରିଥିବା ?ରିପୋର୍ଟରୁ ଏଭଳି ତଥ୍ୟ ସ୍ପଷ୍ଟ ହୋଇଛି । ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଯୁଗ୍ମ କମଟି ଦାଖଲ କରିଥିବା ରିପୋର୍ଟରେ ବେଆଇନ ମୋରମ ଖନନ ଯୋଗୁଁ ପରିବେଶର ହୋଇଥିବା କ୍ଷତି ଭରଣା ପାଇଁ ପରିବେଶ କ୍ଷତିପୂରଣ ରାଶି ୨୦ ଲକ୍ଷ ୩୦ ହଜାର ଟଙ୍କା ଆକଳନ କରାଯାଇଛି । ସେହିଭଳି ଜଙ୍ଗଲ ଜମି ଓ ରାଜସ୍ୱ ଜଙ୍ଗଲ ଜମିର ହୋଇଥିବା ହାନି ପାଇଁ କ୍ଷତିପୂରଣ ରାଶି ୩୧ ଲକ୍ଷ ୪୩୦ ଟଙ୍କା ଧାର୍ଯ୍ୟ କରାଯାଇଛି । କ୍ଷତିଗ୍ରସ୍ତ ହୋଇଥିବା ରାଜସ୍ୱ ଜଙ୍ଗଲ ଜମିରେ ଚାରା ରୋପଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଆକଳନ କରାଯାଇଛି । କ୍ଷତିପୂରଣ ବାବଦ ଏହି ଅର୍ଥ ଆଦାୟ ଉପରେ ଏନଜଟି ଗୁରୁତ୍ୱାରୋପ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧କୁ ଧାର୍ଯ୍ୟ କରାଯାଇଛି । ଶାନ୍ତନୁ କୁମାର ଭୁକ୍ତାଙ୍କ ଆବେଦନର ଶୁଣାଣି କରି ଏନଜିଟି ଏପରି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ ଯେ ୫୩ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିଲା ବେଳେ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ପରଜଙ୍ଗ ଓ କାମାକ୍ଷାନଗର ତହସିଲ ଅନ୍ତର୍ଗତ ସରକାରୀ ଜମି, ସଂରକ୍ଷିତ ଓ ଅଣ ସଂରକ୍ଷିତ ଜଙ୍ଗଲ କିସମ ଜମିରୁ ବେଆଇନ ମୋରମ ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଥିଲା । ଏ ନେଇ ବାରମ୍ବାର ତହସିଲଦାର ଓ ବନ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ବେଆଇନ ମୋରମ ଖନନ ପ୍ରସଂଗକୁ ନେଇ ୨୦୨୦ରେ ଶ୍ରୀ ଭୁକ୍ତା ଏନଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ । ମୋରମ ଖନନ କରାଯାଉଥିବା ସ୍ଥାନ ଅନୁଧ୍ୟାନ କରି ରିପୋର୍ଟ ଦାଖଲ ପାଇଁ ଏକ ଯୁଗ୍ମ କମିଟି ଗଠନ ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଥିଲେ । ଢେଙ୍କାନାଳ ଜିଲ୍ଲାପାଳ, ବନପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ, କାମାକ୍ଷାନଗର ଓ ପରଜଙ୍ଗ ତହସିଲଦାର ବେଆଇନ ମୋରମ ଉତ୍ତୋଳନ ସ୍ଥଳ ଗୁଡିକ ପରିଦର୍ଶନ କରିବା ସହିତ ପରିବେଶ କ୍ଷତି ଭରଣା ପ୍ରସଂଗରେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଜଙ୍ଗଲ ଜମିର ହୋଇଥିବା ହାନି ଓ ପରିବେଶର ହୋଇଥିବା କ୍ଷତି ପାଇଁ କ୍ଷତିପୂରଣ ସହିତ ବୃକ୍ଷରୋପଣ ପାଇଁ ଅର୍ଥ ପରିମାଣ ଆକଳନ କରାଯାଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି ।

# ପୁଅକୁ ଫେରି ପାଇବାକୁ 'ଆଶାର ଯାତ୍ରା'

ପୁରୀ ,୧୦/୦୭ (ନି.ପ୍ର): ମହାପ୍ରଭୁ ତୁମେ ତ ଗୁଣ୍ଡିଚା ବାଡ଼ି ବୁଲିବାକୁ ଆସି ଶ୍ରୀମନ୍ଦିର ଫେରିଗଲ, କିନ୍ତୁ ମୋ ପୁଅ ଆଉ ଫେରୁନାହିଁ କାହିଁକି ? ମୋ ଗୁହାରି ଶୁଣ । ମୋତେ ବି ମୋ ପୁଅ ସହ ବଞ୍ଚିବାକୁ ସୁଯୋଗ ଦିଅ । ପୁଅକୁ ଫେରି ପାଇବା ପାଇଁ ମହାପ୍ରଭୁଙ୍କୁ ଏଇ ଗୁହାରି କରିଛନ୍ତି ସଞ୍ଜୀବ ପଣ୍ଡା । ତେବେ କଷ୍ଟ ସ୍ୱୀକାର କରି ଆସିଲେ କାଳେ ମହାପ୍ରଭୁ ଭକ୍ତର ଦୁଃଖ ଶୁଣନ୍ତି ବୋଲି ବିଶ୍ୱାସ ରହିଥିବାରୁ ସେଇ ଆଶାରେ ୫ ଜଣ ବନ୍ଧୁ ରାଜଧାନୀରୁ ଚାଲିଚାଲି ଆସି ଆଜି ଶ୍ରୀକ୍ଷେତ୍ରରେ ପହଞ୍ଚି ଦୁଃଖ ଜଣାଇଛନ୍ତି । ବିଭିନ୍ନ କାରଣରୁ ନିଜର ସନ୍ତାନମାନଙ୍କଠାରୁ ଦୂରେଇ ରହୁଥିବା ସମ୍ବଲପୁରର ସଞ୍ଜୀବ ପଣ୍ଡାଙ୍କ ସମେତ, କଟକର ରୋହନ ଅଗ୍ରୱାଲ, ସେକ୍ ଜାକିର ହୁସେନ, ସମ୍ବଲପୁରର ସୁବ୍ରତ ପ୍ରଧାନ ଓ ସୌରଭ ଗାନ୍ଧୀ ଏହି 'ଆଶାର ଯାତ୍ରା'ରେ ସାମିଲ୍ ହୋଇଥିଲେ । ସେମାନଙ୍କ ଟି-ସାର୍ଟରେ ନିଜ ସନ୍ତାନମାନଙ୍କ ସହ ବିରଳ ମୁହୂର୍ତ୍ତର ଫଟୋ ଚିତ୍ର ସହ ପିତୃତ୍ୱକୁ ନେଇ କିଛି ସ୍ଲୋଗାନ ଉଲ୍ଲେଖ ଥିଲା । ଗତକାଲି ସେମାନେ ଯାତ୍ରା ଆରମ୍ଭ କରିଥିବା ବେ ?ଳେ ରାତି ସାଢ଼େ ୧ଟା ସମୟରେ ବାଟମଙ୍ଗଳା ମନ୍ଦିର ନିକଟରେ ପହଞ୍ଚି ରହଣି କରିଥିଲେ । ସେଠାରୁ ସେମାନେ ଭୋ ?ରୁ ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ଶ୍ରୀକ୍ଷେତ୍ର ଅଭିମୁଖେ ବାହାରି ବାହୁଡ଼ା ପହଣ୍ଡି ଓ ବାହୁଡ଼ା ଯାତ୍ରା ଦେଖି ଫେରିଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି, ମୁଁ ଓ ମୋ ପତ୍ନୀଙ୍କ ମଧ୍ୟରେ ବିବାଦ ଯୋଗୁ ୩ ବର୍ଷ ହେଲା ମୋ ସନ୍ତାନଠାରୁ ଦୂରେଇ ରହିବାକୁ ପଡ଼ିଛି । କୋର୍ଟର ଆଶ୍ରୟ ବି ନେଇଛି । ହେଲେ ପୁତ୍ର ସନ୍ତାନ ସହ ମିଶିବାର ସୁଯୋଗ ଏଯାଏ ପାଇନାହିଁ । ବିଭିନ୍ନ ସୂତ୍ରରୁ ମୋତେ ହଇରାଣ କରାଯାଉଛି । ଦୀର୍ଘବର୍ଷ ହେଲା ପୁଅକୁ ଭେଟିବାକୁ ଚାହୁଁଥିଲେ ବି ତାହା ସମ୍ଭବ ହୋଇପାରୁନାହିଁ । ତେଣୁ ସବୁଠୁ ଆଶା ତୁଟିଗଲା ପରେ ଶେଷରେ ମହାପ୍ରଭୁଙ୍କ ପାଖକୁ କିଛି ଆଶା ନେଇ ଆସିଥିଲୁ । ମହାପ୍ରଭୁଙ୍କୁ ଏତିକି ଜଣାଇଥିଲୁ, ଯଦି ତୁମେ ଯାତ୍ରାରେ ଆସି ନିଜ ଘରକୁ ଫେରି ପାରିଲ, ଆମ ସନ୍ତାନମାନେ କାହିଁକି ଘରକୁ ଫେରିବେ ନାହିଁ । ଏହି ଅଭିମାନ ଓ ଦୁଃଖ ଜଣାଇବା ପରେ ସନ୍ତାନମାନେ ଆମ ପାଖକୁ ଫେରି ଆସିବାର ଭରସା ନେଇ ଏହି ଯାତ୍ରାର ଆରମ୍ଭ କରିଥିଲୁ । ପୁଅ ପାଇଁ ମୁଁ ବ୍ୟକ୍ତିଗତ ଭାବେ ରାଜ୍ୟ ବାହାରୁ ଭଲ ଚାକିରି ଛାଡ଼ି ଆସି ଓଡ଼ିଶାରେ ରହିଲି । ଆଶା ଥିଲା ସବୁକିଛି ପରିବର୍ତ୍ତନ ହୋଇଯିବ । ମାତ୍ର କିଛି ବି ସମ୍ଭବ ହେଲା ନାହିଁ । ତେଣୁ ଦୀର୍ଘବର୍ଷ ହେଲା ଅକଥନୀୟ ଯନ୍ତ୍ରଣା ଭୋଗୁଛି । ଅନ୍ୟମାନେ ବି ସେଇ ସମସ୍ୟା ସହ ଯୁଝୁଥିବାରୁ ସମସ୍ତେ ପରସ୍ପର ସହ ଦୁଃଖ ବାଣ୍ଟିବା ବେଳେ ମହାପ୍ରଭୁଙ୍କ ନିକଟକୁ ଚାଲିଚାଲି ଆସିବାକୁ ନିଷ୍ପତ୍ତି ନେଇଥିଲୁ । ସେଇ ନିଷ୍ପତ୍ତି ପୂର୍ବକୁ ଶ୍ରୀକ୍ଷେତ୍ର ଆସିଥିଲୁ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ଆନନ୍ଦମାର୍ଗ ପକ୍ଷରୁ ଆଧ୍ୟାତ୍ମିକ ଜାଗରଣ ସଦ୍‌ଭାବନା ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୧୦/୦୭ (ନି.ପ୍ର): ବିଶ୍ୱ ଆଧ୍ୟାତ୍ମିକ ଓ ସମାଜସେବା ସଂଗଠନ ଆନନ୍ଦମାର୍ଗ ପକ୍ଷରୁ କେନ୍ଦ୍ରାପଡାରେ ୩ଦିନ ବ୍ୟାପି ଯୋଗ ସାଧନା ଓ ବିଜ୍ଞାନ ତଥା ଆଦର୍ଶ ସମାଜ ନିର୍ମାଣ ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କପାଳେଶ୍ୱର ପଂଚାୟତ ସ୍ଥିତ ଆନନ୍ଦମାର୍ଗ ଯୋଗଧ୍ୟାନ କେନ୍ଦ୍ର ଠାରେ ଅନୁଷ୍ଠିତ ଏହି ଶିବିରରେ ବହୁ ଛାତ୍ର, ଯୁବକ ଅଂଶଗ୍ରହଣ କରିଥିଲେ । ଶନିବାର ଅପରାହ୍ନରେ ଏକ ସଦ୍‌ଭାବନା ଶୋଭାଯାତ୍ରା କେନ୍ଦ୍ର ପରିସରରୁ ବାହାରି ପୁରୁଣା ବସଷ୍ଟାଣ୍ଡ ବାଟେ ସହର ପରିକ୍ରମା କରି ନୂଆ ବସଷ୍ଟାଣ୍ଡ ଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇ ଥିଲା । ଏଥିରେ ବହୁ ଛାତ୍ର, ସମାଜସେବୀ , ସନ୍ୟାସୀ, ସନ୍ୟାସିନୀ, ମହିଳା ଅଂଶ ଗହଣ କରିଥିଲେ । ଆନନ୍ଦମାର୍ଗ ସଂଗଠନର ଆଚାର୍ଯ୍ୟ ବିକାଶନନ୍ଦ, ଆଚାର୍ଯ୍ୟ ପର୍ଶୁରାମନନ୍ଦ, ଆଚାର୍ଯ୍ୟ ପ୍ରେମାନନ୍ଦ, ଆନନ୍ଦ ରୂପାଚିତା, ପ୍ରଫେସର କୂଳମଣି ନାୟକ, ଅନସୂୟା ପାତ୍ର, ବନ୍ଦିତା ଦାସ, ରାଜଶ୍ରୀ ବିଶ୍ୱାଳ, ପ୍ରମୋଦ ଦେବ, ତାରାକାନ୍ତ ଆଚାର୍ଯ୍ୟ, ଗଣେଶ ପରିଡା ଓ ସରୋଜ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ଡକ୍ଟରସ୍ ଫୋରମର ମାସିକ ବୈଠକ

ଗଞ୍ଜାମ,୧୦/୦୭ (ନି.ପ୍ର): ବ୍ରହ୍ମପୁର ଡକ୍ଟରସ ଫୋରମର ମାସିକ ବୈଠକ ଡାକ୍ତର ଶଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବରିଷ୍ଠ ମଧୁମେହ ବିଶେଷଜ୍ଞ୍ୟା ଡାକ୍ତର ପ୍ରକାଶ ଚନ୍ଦ୍ର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସଂପାଦକ ଅତୁଲ୍ୟ ପଟ୍ଟନାୟକ ବିବରଣୀ ପାଠ କରିଥିଲେ । ଆସନ୍ତା ମାସ ସାତ ତାରିଖରେ ଫୋରମର ବାର୍ଷିକ ଉତ୍ସବ ସଂପର୍କରେ ଆଲୋଚନା ହୋଇଥିଲା । ଯୋଗ ଓ ପ୍ରାଣାୟମ ଦ୍ୱାରା ମଧୁମେହ ରୋଗକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ଡାକ୍ତର ପ୍ରକାଶ ଚନ୍ଦ୍ର ପାତ୍ର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ମାସରେ ଜନ୍ମିତ ଫୋରମର ସଦସ୍ୟଙ୍କ ଜନ୍ମଦିନରେ ଶୁଭେଚ୍ଛା ଓ ଦୀର୍ଘଜୀବନ କାମନା କରାଯାଇଥିଲା ।ଉପସ୍ଥିତ ଡାକ୍ତର ହୃଷୀକେଶ ମହାନ୍ତି ଓ ଡାକ୍ତର ସାଗର ରଂଜନ ତ୍ରିପାଠିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଓ ଦୀର୍ଘଜୀବନ କାମନା କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଡାକ୍ତର ସମେରନ୍ଦ୍ର ସାହୁ, ଇନ୍ଦୁଭୂଷଣ ପଟ୍ଟନାୟକ, ଗାନ୍ଧି ଚୌଧୁରୀ, ବିଜୟ ସୁବୁଦ୍ଧି, ରାମଚନ୍ଦ୍ର ରଥ, ସୁକାନ୍ତ ଶତପଥୀ, ରାଜେନ୍ଦ୍ର ତ୍ରିପାଠୀ, ପ୍ରଶ୍ନ କୁମାର କର, ମୀରାବାଇ ପଣ୍ଡା ଉପସ୍ଥିତ ଥିଲେ ।ଡାକ୍ତର ରବିନ୍ଦ୍ର କୁମାର ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ । ଆଇସିଆଇସି ବ୍ୟାଙ୍କ ପରିଚାଳକ ଓ ତାଙ୍କ ସହକର୍ମୀମାନେ ଗ୍ରାହକସେବା ସଂପର୍କ ତଥ୍ୟ ପ୍ରଦାନ କରିଥିଲେ ।

# କ୍ଲାସ୍‌ରେ ଶୋଇପଡ଼ିଲେ ମାଧବ ସାର : ପିଲା ଡାକିଲେ ବୋଲି ନିର୍ଘାତ ପିଟିଲେ




ନରସିଂହପୁର,୧୦/୦୭ (ନି.ପ୍ର): ସାର ପାଠ ପଢ଼ାଇବେ କ'ଣ କ୍ଲାସ୍ ରୁମ୍‌ରେ ଶୋଇ ପଡିଲେ ! ପିଲାମାନେ ଡାକି ଦେବାରୁ ନିଘୋଡ଼ ନିଦରେ ଶୋଇଥିବା ସାର ଚିହିଁକି ଉଠିଲେ । ଆଉ ପିଲାମାନଙ୍କୁ ନିର୍ଘାତ ପିଟିଲେ । ଏପରି ଘଟଣା କଟକ ଜିଲ୍ଲା ନରସିଂହପୁର ବ୍ଲକ ଅଞ୍ଚଳରେ ଘଟିଛି । ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସାର ଭୁଲ ମାଗିବା ସହିତ ଭବିଷ୍ୟତରେ ଏମିତି କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି ।

ନରସିଂହପୁର ଥାନା ଅନ୍ତର୍ଗତ ଦେବଭୂମି ପଞ୍ଚାୟତ ନୂଆଗଡ଼ ପ୍ରାଥମିକ ବିଦ୍ୟାଳୟର ଏକମାତ୍ର ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦେହୁରୀ ମଧ୍ୟାହ୍ନ ଭୋଜନ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କ ଯାଇଥିଲେ । ତେଣୁ ଦେବଭୂମି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାଧବ ରାଉତଙ୍କୁ ନୂଆଗଡ଼ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଦିନ ପାଇଁ ଡେପୁଟେସନ୍‌ରେ ପଠା ଯାଇଥିଲା । ସେ ସ୍କୁଲରେ ପହଞ୍ଚି ପିଲାମାନଙ୍କୁ ପାଠ ପଢ଼ାଇବେ କଣ କ୍ଲାସ୍ ରୁମ୍‌ରେ ଶୋଇ ପଡ଼ିଥିଲେ । ଘୁଙ୍ଗୁଡି ମାରୁଥିବା ଅଭିଯୋଗ ହେଉଛି । ସେହି ସମୟରେ ୫ ଜଣ ଛାତ୍ର ଶୌଚ ପାଇଁ ସାରଙ୍କୁ ଅନୁମତି ମାଗିଥିଲେ । ନିଘୋଡ଼ ନିଦରେ ଶୋଇଥିବା ସାର ଶୌଚ ଯିବାକୁ ପିଲାଙ୍କୁ ଅନୁମତି ଦେଇଥିଲେ । ହେଲେ ତାଙ୍କ ନିଦ ଭାଙ୍ଗି ଯାଇଥିବାରୁ ରାଗି ଯାଇଥିଲେ । ପିଲାମାନେ ଶୌଚ ସାରି କ୍ଲାସ୍‌କୁ ଆସିବା ପରେ ଆରମ୍ଭ ହୋଇଥିଲା ନିର୍ଘାତ ମାଡ଼ । ଜଣେ ପରେ ଜଣେ ୫ ଜଣ ଛାତ୍ରଙ୍କୁ ଡାଙ୍ଗରେ ନିର୍ଘାତ ମାଡ଼ ମାରିଥିଲେ ମାଧବ ସାର । ମାଡ଼ରେ ଛାତ୍ରଙ୍କ ପିଠିରେ ରୁଳା ପଡ଼ିଥିବା ଦେଖିବାକୁ ମିଳିଛି । ପିଲାମାନେ ଏନେଇ ଅଭିଭାବକଙ୍କୁ ଜଣାଇଥିଲେ । ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ତେବେ ଘଟଣାକୁ ନେଇ ମାଡ଼ ମାରିଥିବା ମାଧବ ସାର ସ୍ୱୀକାର କରିଥିବା ବେଳେ ନିଜ ଭୁଲ ପାଇଁ ପଶ୍ଚାତାପ କରିଥିଲେ । ଭବିଷ୍ୟରେ ଏପରି ଭୁଲ ଦୋହରାଇବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ସେପଟେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ନରସିଂହପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖରେ ଦାବି କରିଛନ୍ତି । ବ୍ଲକ ଶିକ୍ଷାଅଧିକାରୀ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି ।

## ବାରୁଅ ସାହସପୁର ରାସ୍ତା ଶୋଚନୀୟ

କେନ୍ଦ୍ରାପଡ଼ା,୧୦/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ସାହସପୁର ରାସ୍ତା ଅତି ଶୋଚନୀୟ ହୋଇପଡିଥିବା ଜଣାପଡିଛି । ଦୈନିକ ହଜାର ହଜାର ଲୋକ ଏହି ରାସ୍ତାରେ ଯିବା ଆସିବା କରୁଥିବା ବେଳେ ରାସ୍ତାକୁ ତୁରନ୍ତ ନିର୍ମାଣ କରିବା ପାଇଁ କଂସାର ସରପଂଚ ସରୋଜିନୀ ନାୟକ ଦାବି କରିଛନ୍ତି । ବର୍ଷାଦିନରେ ବଡ ବଡ ଖାଲରେ ବର୍ଷାପାଣି ଜମାହୋଇ ରହୁଥିବାରୁ ଯାତାୟତ କରୁଥିବା ବ୍ୟକ୍ତିମାନେ ଜାଣିପାରୁ ନାହାନ୍ତି । ଯାହାଦ୍ୱାରା ଦୈନିକ ଏହି ରାସ୍ତାରେ ଦୁର୍ଘଟଣା ମାନ ଘଟୁଛି । ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବା ପାଇଁ କଂସାର ସରପଂଚ ଦାବି କରିଛନ୍ତି ।

## ଗଞ୍ଜେଇ ଚାଲାଣ ବେଳେ ଚଢଉ : ଜଣେ ଗିରଫ

ଜୟପୁର,୧୦/୦୭ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢଉ କରିଛି । ବିନା ନମ୍ବର ବିଶିଷ୍ଟ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ସଦର ପୋଲିସ ସୂଚନା ପାଇ ଏହି ଚଢଉ କରିଥିଲା । ଚଢଉ କରି ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଛତିଶଗଡର କୁଲେଶ୍ୱର ଚନ୍ଦ୍ର ବସିଂ ।

ପୋଲିସର ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଜୟପୁର ସଦର ପୋଲିସ ପାତ୍ରପୁଟ ନିକଟରେ ଚଢଉ କରିଥିଲା । ଚଢଉ କରି ୧୧୭ କେଜି ଗଞ୍ଜେଇ ଜବତ କରିଛି । ଲମତାପୁଟ ଅଞ୍ଚଳରୁ ଗଞ୍ଜେଇ ଆଣି ଚାଲାଣ ହେଉଥିବା ବେଳେ ପୋଲିସ ଚଢଉ କରିଥିଲା । ଗିରଫ ଅଭିଯୁକ୍ତ ଠାରୁ ବିନା ନମ୍ବରର ଏକ କାର୍, ମୋବାଇଲ ଫୋନ ଓ ୧୧୭ କେଜି ଗଞ୍ଜେଇ ଜବତ ହୋଇଛି । ଘଟଣାରେ ଛତିଶଗଡର କୁଲେଶ୍ୱର ଚନ୍ଦ୍ର ବସିଂକୁ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

## ପ୍ରଗତୀ ଚିନ୍ତନ ପକ୍ଷରୁ ୭୩ ତମ ବନ ମହୋତ୍ସବ

କନ୍ଧମାଳ,୧୦/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ବୁଦ୍ଧିଜୀବୀ ମାନଙ୍କର ସଂଗଠନ ପ୍ରଗତୀ ଚିନ୍ତନ ପରିଷଦ ପକ୍ଷରୁ ଫୁଲବାଣୀ ବ୍ଲକ ଅନ୍ତର୍ଗତ ଘୋଡାଗାଡୁ ଗ୍ରାମରେ ୭୩ ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖଜୁରୀପଡା ବ୍ଲକ ର ପୂର୍ବତନ ଅଧକ୍ଷ ତଥା ବରିଷ୍ଠ ଆଇନଜୀବୀ ପିତାମ୍ବର ସାହୁ, ଅନୁଷ୍ଠାନର ଉପାଧକ୍ଷ ତଥା ଅବସରପ୍ରାପ୍ତ ପୋଲିସ ଅଧିକ୍ଷକ ଦିଲ୍ଲୀପ ସାହାଣୀ, ପୂର୍ବତନ ବ୍ୟାଙ୍କ ଅଧିକାରୀ ଶୁଭେନ୍ଦୁ ତ୍ରିପାଠୀ, ସମାଜସେବୀ ବିଷ୍ଣୁ ଚରଣ ପ୍ରଧାନ, କ୍ଷୀରୋଦ ସାହୁ, ପ୍ରଫେସର ଅମୂଲ୍ୟ ତ୍ରିପାଠୀ, ସଂଗଠନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନ, ବରାଳ ଦେବୀ ସିଡ ଷ୍ଟୋର ମାଲିକ ତ୍ରିଲୋଚନ ମହାପାତ୍ର, ରମେଶ ପ୍ରଧାନ ଓ ଗ୍ରାମର ବହୁ ଯୁବକ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ ।

# ବାବା ଅମରନାଥଙ୍କୁ ଦର୍ଶନ କରିବାକୁ ଯାଇ ଫସିଛନ୍ତି ୫ ଓଡ଼ିଆ



କଲ୍ୟାଣସିଂହପୁର,୧୦/୦୭ (ନି.ପ୍ର): ବାବା ଅମରନାଥଙ୍କୁ ଦର୍ଶନ କରିବାକୁ ଯାଇ କଶ୍ମୀରରେ ଫସି ରହିଛନ୍ତି ରାୟଗଡ଼ାର ୫ ଶ୍ରଦ୍ଧାଳୁ । ବର୍ଷା ଜଳ ହଠାତ ଗୁମ୍ଫା ପାର୍ଶ୍ୱରୁ ମାଡ଼ି ଆସିବାରୁ ଅସ୍ଥାୟୀ ଟେଣ୍ଟରେ ରହୁଥିବା ବହୁ ଶ୍ରଦ୍ଧାଳୁ ଭାସି ଯାଇଥିଲେ । ସେ ?ଭାଗ୍ୟବଶତଃ ଆମ ଜୀବନ ବଞ୍ଚିଗଲା ବୋଲି କହିଛନ୍ତି ରାୟଗଡ଼ାର ବସନ୍ତ ସେନାପତି । ବସନ୍ତଙ୍କ ସହ ସେଠାରେ ସୌମ୍ୟରଞ୍ଜନ ପାତ୍ର, ନିହାର ରଞ୍ଜନ ପାତ୍ର, କେ. ରବି କୁମାର ଓ ଟୁକୁନା ପ୍ରଧାନ ଫସି ରହିଛନ୍ତି ।

ଏମାନେ ଜୁଲାଇ ୧ ତାରିଖରେ ରାୟଗଡ଼ାରୁ ଅମରନାଥ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ୬ ତାରିଖରେ ଦର୍ଶନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । କିନ୍ତୁ ପ୍ରବଳ ଭିଡ଼ ଯୋଗୁ ୭ ତାରିଖରେ ଦର୍ଶନ ପାଇଁ ଅନୁମତି ମିଳିଥିଲା । ୭ ତାରିଖରୁ ଯାତ୍ରା ଆରମ୍ଭ କରି ୮ ତାରିଖ ସଂଧ୍ୟା ୫ଟାରେ ସମସ୍ତ ଶ୍ରଦ୍ଧାଳୁ ଅମରନାଥଙ୍କ ଦର୍ଶନ କରିଥିଲେ । ବାବାଙ୍କୁ ଦର୍ଶନ କରି ଅସ୍ଥାୟୀ କ୍ୟାମ୍ପକୁ ଆସିବା କ୍ଷଣି ଆରମ୍ଭ ହୋଇଥିଲା ବାଦଲ ଫଟା ବର୍ଷା ।

ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାରୁ ପାହାଡ଼ରୁ ହଠାତ୍ ପାଣି ମାଡ଼ି ଆସିଥିଲା । ଫଳରେ ଗୁମ୍ଫା ନିକଟରେ ଥିବା ଶହ ଶହ ଅସ୍ଥାୟୀ ଟେଣ୍ଟ୍ ସହ ବହୁ ଶ୍ରଦ୍ଧାଳୁମାନେ ଭାସି ଯାଇଥିଲେ । ଅତଡ଼ା ଖସିବା କାରଣରୁ କିଛି ଶ୍ରଦ୍ଧାଳୁ ମାଟି ତଳେ ଫଶି ଯାଇଥିଲେ । ତେବେ ଓଡ଼ିଆ ଶ୍ରଦ୍ଧାଳୁ ବସନ୍ତ ସେନାପତି, ସୌମ୍ୟରଞ୍ଜନ ପାତ୍ର, ନିହାର ରଞ୍ଜନ ପାତ୍ର, କେ. ରବି କୁମାର ଓ ଟୁକୁନା ପ୍ରଧାନଙ୍କ ଜୀବନ ବର୍ତ୍ତି ଯାଇଥିଲା । ସେମାନେ ସତର୍କତାର ସହ ଅସ୍ଥାୟୀ କ୍ୟାମ୍ପରୁ ଚାଲି ଚାଲି ଆସି ରାତି ୩ଟାରେ ପଞ୍ଚତରଣୀରେ ପହଞ୍ଚି ଥିଲେ । ସେଠାରେ ବିଶ୍ରାମ ନେବା ପରେ ସକାଳୁ ପୁଣି ଚାଲିବା ଆରମ୍ଭ କରି ୧୮ ହଜାର ଫୁଟ ଉଚ୍ଚରେ ଥିବା ବାଲତାଲ୍ ଅଭିମୁଖେ ଯାତ୍ରା କରିଥିଲେ ।

ବାଲତାଲରେ ପହଞ୍ଚିବା ପରେ ଜମ୍ମୁ ଅଭିମୁଖେ ଯାତ୍ରା କରିବେ ବୋଲି ବସନ୍ତ ସେନାପତି କହିଛନ୍ତି । ତେବେ ଦୁଇ ଦିନ ହେଲା ଭଲ ଭାବରେ କିଛି ଖାଇନଥିବା ଓ ବର୍ଷା ଜଳରେ ସମସ୍ତ ସାମଗ୍ରୀ ଏବଂ ବ୍ୟାଗ୍ ଭାସି ଯାଇଥିବାରୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଭିଡ଼ିଓ ବାର୍ତ୍ତା ଜାରି କରି ଓଡ଼ିଶା ସରକାର, ରାୟଗଡ଼ା ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି ଓଡ଼ିଆ ଶ୍ରଦ୍ଧାଳୁମାନେ । ସେପଟେ ସହାୟତା ପାଇଁ ଜମ୍ମୁ-କାଶ୍ମୀର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ହେଲପ ଲାଇନ ନମ୍ବରରେ କେହି ଉଠାଉ ନାହାନ୍ତି । ପାଖରେ ନଗଦ ଟଙ୍କା କିଛିନଥିବା ବେଳେ ରାସ୍ତାରେ ଥିବା ଦୋକାନୀ ଫୋନ ପେ' କିମ୍ବା ଗୁଗୁଲ୍ ପେ' ପେମେଣ୍ଟ କରିବାକୁ ମନା କରୁଛନ୍ତି । ରାୟଗଡ଼ା ସମେତ ଓଡ଼ିଶାର ଅନ୍ୟ ଜିଲ୍ଲାରୁ ମଧ ବହୁ ଶ୍ରଦ୍ଧାଳୁ ଫଶି ରହିଥିବାରୁ ରାଜ୍ୟ ସରକାର ପଦକ୍ଷେପ ନେବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି ।

## ବାଇକ୍‌ରୁ ପଡି ମହିଳା ଆହତ ମେଡିକାଲରେ ଭର୍ତ୍ତି

ବଲାଙ୍ଗିର ,୧୦/୦୭ (ନି.ପ୍ର): ଆଜି ସକଲେ ସୋନପୁର ଜିଲ୍ଲା ପିପିଲି ପାଲି ଗାଁ ର ପଙ୍କଜିନୀ ସାହୁ (୨୫) ନିଜ ସ୍ୱାମୀ ରାଜନ ସାହୁ ଙ୍କ ସାଙ୍ଗରେ ଏକ ବାଇକ୍ ଯୋଗେ ଲୋଇସିଂହା ବ୍ଲକ ବକଟି ର ନିଜର ଏକ ସମ୍ପର୍କୀୟ ଘର କୁ ଯାଉଥିଲେ । ବକ ଟି ପାଖରେ ପଙ୍କଜିନୀ ସାହୁ ବାଇକରୁ ଖସି ପଡ଼ିଥିଲେ । ଏଥିରେ ପଙ୍କଜ ଜି ନୀ ଆହାତ ହୋଇ ଥିବା ବେଳେ ତାଙ୍କୁ ପ୍ରଥମେ ଲୋଇସିଂହା ହସ୍ପିଟାଲ ଓ ପରେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ସର୍ଜରୀ ୱାର୍ଡରେ ଭର୍ତି କରଯାଇଛି ।

## ରାମ ଚନ୍ଦ୍ର ସାହୁ ଜନ୍ମ ଶତବାର୍ଷିକ ପାଳନ ଚୁଡାନ୍ତ

କୋରେଇ,୧୦/୦୭ (ନି.ପ୍ର): ପାଣିକୋଇଲି ହାଇସ୍କୁଲର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକରାମ ଚନ୍ଦ୍ର ସାହୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ସମାରୋହ ଚୁଡାନ୍ତ ହୋଇଛି । ଆସନ୍ତା ୧୦ ତାରିଖ ଦୁଇଟି ପର୍ଯ୍ୟାୟରେ ଏହା ପାଳନ ହେବ । ଏହାକୁ ଯାଜପୁର ଲୋକସଭା ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ ଉଦ୍ଘାଟନ କରିବେ । କୋରାଇ ବିଧାୟକ ଅଶୋକ କୁମାରବ ଳ ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ଡା. ସୂର୍ଯ୍ୟମଣି ଖୁଂଟିଆ ମୁଖ୍ୟ ବକ୍ତା, ଅଧ୍ୟାପକ ମନୋରଂଜନ ମହାନ୍ତି, ଡଃ ପ୍ରିତୀ ପ୍ରଭିଭା ଭୋଳ ଅନ୍ୟତମ ବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ଣରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପୂର୍ବର୍ତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ, ବିଜୟ ମହାପାତ୍ର, କବି ହୋସେନ ରବୀ ଗାନ୍ଧୀ, ସମ୍ପାକର ସନ୍ତୋଷ ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ପ୍ରସ୍ତୁତି କିମିଟିର ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ବହୁ ସଂଖ୍ୟାରେ ଅଂଚଳବାସୀ ଯୋଗଦେବାକୁ ଜଣାଇଛନ୍ତି ।

# କୋଏଲ ନଦୀରୁ ଉଦ୍ଧାର ହେଲା ଚତୁର୍ଥ ମୃତଦେହ



ରାଉରକେଲା,୧୦/୦୭ (ନି.ପ୍ର): ଗତକାଲି କୋଏଲ ନଦୀରେ ଗାଧୋଇବା ସମୟରେ ଯେଉଁ ୪ ଜଣ ନାବାଳକ ବୁଡ଼ିଯାଇଥିଲେ, ସେମାନଙ୍କ ମଧ୍ୟରୁ ଆଉ ଦୁଇଜଣଙ୍କ ମୃତଦେହ ଉଦ୍ଧାର ହୋଇଛି । ଗତକାଲି ତିନିଜଣଙ୍କ ପ୍ରାଣହାନି ଘଟିଥିଲା । ଆଜି ଚତୁର୍ଥ ମୃତଦେହ ଉଦ୍ଧାର ହୋଇଛି । ସୂଚନାଯୋଗ୍ୟ, ଗତକାଲି ଝିରିପାଣି ପମ୍ପ ହାଉସରେ ଅଘଟଣ ଘଟିଥିଲା । ନଦୀରେ ଗାଧୋଇବା ସମୟରେ ୪ ଜଣ ନାବାଳକ ବୁଡ଼ି ଯାଇଥିଲେ । ଏମାନେ ସମସ୍ତେ ଭାଇ ଭାଇ । ତେବେ ୨ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଛନ୍ତି । ମୃତକମାନେ ହେଲେ ରିଷି ସାହୁ (୧୧) ଓ କୁନାଲ ସାହୁ (୧୩) । କୌଶଲ ଓ ଆୟୁଷ ନିଖୋଜ ଥିଲେ । ତାପରେ ଏଦୁହିଁଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ସୂଚନା ଅନୁସାରେ ଝିରିପାଣିରେ ରହୁଥିବା ସମ୍ପର୍କୀୟ ରମେଶ ସାହୁଙ୍କ ଘରକୁ ଝାଡ଼ଖଣ୍ଡରୁ ନିଜ ପିତାମାତାଙ୍କ ସହ ଆସିଥିଲେ ରିଷି ସାହୁ, ଆୟୁଷ ସାହୁ, କୁନାଲ ସାହୁ ଓ କୌଶଲ ସାହୁ । ଗତକାଲି ଅପରାହ୍ନ ପ୍ରାୟ ୩ଟାରେ ୪ ଭାଇ କୋଏଲନଦୀର ଝିରିପାଣି ପମ୍ପ ହାଉସ ଘାଟକୁ ଗାଧୋଇବାକୁ ଆସିଥିଲେ । ସମସ୍ତେ ବୁଡିଯାଉଥିବା କିଛି ସ୍ଥାନୀୟ ଲୋକ ଦେଖି ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ । ରିଷି ଓ ଆୟୁଷକୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସରକାରୀ ହସ୍ପିଟାଲ ପଠାଇଥିଲେ । ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ । ଅନ୍ୟ ଦୁଇଜଣ କୁନାଲ ଓ କୌଶଲ ଏପର୍ଯ୍ୟନ୍ତ ନିଖୋଜ ଥିଲେ । ଅଗ୍ନିଶମ ବିଭାଗର ଗୋଟିଏ ଟିମ ଉଭୟଙ୍କୁ ଖୋଜାଖୋଜି କରୁଥିଲେ ।

## ରାସ୍ତାରେ ପଡି ଯୁବକ ଗୁରୁତର

କୋରେଇ, ୦୯ ଜୁଲାଇ (ହି.ସ.) - ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଗ୍ରାମ ନିକଟରେ ଜଣେ ବାଇକ ଆରେହୀ ପାଣିକୋଇଲି ଅସୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣା ଗସ୍ତ ହୋଇଥିଲେ । ବାଇକ ଆରୋହୀ ଯୁବକ ଜଣକ ଭଦ୍ରକ ଅଂଚଳରୁ ଆସିଥିବା ସୂଚନା ମିଳିଛି । ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରାସ୍ତାରେ ପଡିଥିବା ବେଳେ ସ୍ଥାନୀୟ ଲୋକମାନେ ସେଠାରେ ପହଂଚି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।

## ବିଜୁ ଯୁବଛାତ୍ର ଜନତା ଦଳ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧୦/୦୭ (ନି.ପ୍ର): ବିଜୁ ଜନତା ଦଳର ୨୫ତମ ବର୍ଷ ପୁର୍ତ୍ତି ଉପଲକ୍ଷେ ବିଜୁ ଯୁବଛାତ୍ର ଜନତା ଦଳ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ କେନ୍ଦ୍ରାପଡା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶତାଧିକ ଔଷଧୀୟ ବୃକ୍ଷରୋପଣ କରାଯାଇ ଥିଲା । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ ଓ ପୌରସଂସ୍ଥା ଅଧ୍ୟକ୍ଷା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଜୁ ଯୁବ ସଭାପତି ରାଜେଶ ଦାସ, ଛାତ୍ର ସଭାପତି ପ୍ରଦିପ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ , ପୂର୍ବତନ ବ୍ଲକ ଚେୟାର ମ୍ୟାନ ଶିବ ପ୍ରସାଦ ଭୋଳ, ନଗର ମହିଳା ସଭାନେତ୍ରୀ ସ୍ୱୟଂ ପ୍ରଭା କର, ନଗର ସଭାପତି ଯଜାତି କେଶରୀ ମହାନ୍ତି,ଦୁର୍ଗା ପତି, ଅଭୟ ବେହେରା, ଅଭୟ ସ୍ୱାଇଁ, କମଳ ପ୍ରସାଦ ହରିଚନ୍ଦନ, ବିଜେଡି ସଂପାଦକ ଲେଲିନା ସ୍ୱାଇଁ, ସ୍ୱାଧିନ ନାୟକ, ମାନସ ସେଠୀ, ନିରାକାର ସ୍ୱାଇଁ, ରଞ୍ଜନ ସାହୁ, ମହେନ୍ଦ୍ର ମିଶ୍ର, ରଞ୍ଜନ କର, ପୂର୍ବତନ ଚେୟାରମ୍ୟାନ, ରୋସନା ସାହୁ, ମହେଶ ପାଢି, ପ୍ରଦୀପ ଜେନାଙ୍କ ସହ ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।

## ବଗିରିଆ ସମବାୟ ସମିତିର ସଭାପତି ଭାବେ ବିଜୟ ନିର୍ବାଚିତ

କୋରେଇ,୧୦/୦୭ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଂଚାୟତର ବଗିରିଆ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ବିଜୟ କୁମାର ସାହୁ ନିର୍ବାଚିତ ହୋଇଛନ୍ତି । ଆଜି ନିର୍ବାଚନ ରେ ବିଜୟ କୁମାର ସାହୁ ଓ ପାର୍ବତୀ ରାଉତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦୀତା ହୋଇଥିଲା । ପାବତୀ ସାତ ଖଣ୍ଡ ଭୋଟ ହାତେଇଥିବା ବେଳେ ବିଜୟ ୮ଖଣ୍ଡ ଭୋଟ ପାଇ ଖଣ୍ଡେ ଭୋଟରେ ବିଜୟୀ ହୋଇଥିଲେ । ନିର୍ବାଚନ ଅଧିକାରୀ ଭାବେ ଶ୍ରୀବାସ ରାଉତ, ପୋଲଇଙ୍ଗ ଅଫିସର ଶ୍ରୀକାନ୍ତ କୁମାର ରାଉତ, ପ୍ରିଜାଡିଙ୍ଗ ଅଫିସର ଭାବେ ବିଜୟ କୁମାର ତରାଇ, କମ୍ପୁଟର ଭାବେ ଯିଶୁକ୍ରିଷ୍ଣା ସାହୁ, ସମ୍ପାଦକ ସୁଦର୍ଶନ ମଲିକ ଉପସ୍ଥିତ ଥିଲେ । ମଧୁସୂଦନ ସତପଥି, ନିରୁପମା ସେନାପତି, ତରଣୀ ମଳିକ, ନବଘନ ପରିଡା, ରମାାକନ୍ତ ଯେନା, ଅରୁଣ କୁମାର ସାହୁ, ସୁବାସ ଯେନା, ଅକ୍ଷୟ କୁମାର ଧଳ, ଅଶୋକ କୁମାର ସାହୁଙ୍କ ସମେତ ସମସ୍ତ ଭୋଟଦାତା ଉପସ୍ଥିତ ଥିଲେ ।

# ରୋମାଞ୍ଚକର ହିଲ ଷ୍ଟେସନ

**ମନୋରାମ ପାହାଡ଼ି କ୍ଷେତ୍ରକୁ ହିଲଷ୍ଟେସନ କୁହାଯାଏ। ଭାରତରେ ପାହାଡ଼ର ବିଶାଳତମ, ଲମ୍ବା, ସୁନ୍ଦର ଓ ଅଦ୍ଭୁତ ଶୃଙ୍ଗ ରହିଛି । କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତରେ ଅନେକ ବିସ୍ମୟକର ସ୍ଥଳ ଓ ମନୋରମ ଘାଟି ରହିଛି । ଭାରତରେ ବିଶ୍ୱର ଅନେକ ପ୍ରାଚୀନ ପର୍ବତମାନ ରହିଛି । ପଢ଼ନ୍ତୁ ଏପରି କିଛି ହିଲ ଷ୍ଟେସନ ବିଷୟରେ ଯାହା ଆପଣଙ୍କୁ ବିସ୍ମିତ କରିବ ।**



### ଶ୍ରୀନଗର :

ଶ୍ରୀନଗର ନାମ ଶୁଣିଲେ ମନରେ ଡାଲ ହ୍ରଦ, ସୁନ୍ଦର ଉଚ୍ଚ ବୃକ୍ଷ ଓ ବରଫାବୃତ୍ତ ପାହାଡ଼ର ଦୃଶ୍ୟ ଆମ ଆଖି ଆଗରେ ନାଚି ଉଠେ । ଶ୍ରୀନଗରକୁ ଦେଖିବା ସ୍ୱର୍ଗକୁ ଦେଖିବା ସହ ସମାନ ବୋଲି କୁହାଯାଏ । ଏହି ସହର ହାଉସବୋଟ, ହିଷ୍ଟୋରିକ ଗାର୍ଡେନ ଓ ଘାଟି ପାଇଁ ପ୍ରସିଦ୍ଧ । ଡଲ ହ୍ରଦ ଓ ଝେଲମ ନଦୀର କୂଳରେ ସ୍ଥିତ ଘାଟି ସବୁ ଦେଖିବାକୁ ଖୁବ ସୁନ୍ଦର । ଗାନ୍ଧୀ ଟ୍ୟୁଲିପ୍ ଗାର୍ଡେନ, ଶଙ୍କରାଚାର୍ଯ୍ୟ ପାହାଡ଼ି, ସିନ୍ଥନ ଚୋଟି, ନାଗିନହ୍ରଦ ଆଦି ଦର୍ଶନୀୟ ସ୍ଥାନ ରହିଛି । ଶ୍ରୀନଗରରୁ କିଛି ଦୂରରେ ସୂର୍ଯ୍ୟ ମନ୍ଦିର ରହିଛି । ଶ୍ରୀନଗରରୁ କିଛି ଦୂରରେ ସୂର୍ଯ୍ୟମନ୍ଦିର ରହିଛି । ଶ୍ରୀନଗରରୁ କିଛି ଦୂରରେ ସୂର୍ଯ୍ୟ ମନ୍ଦିର ରହିଛି । ଶ୍ରୀନଗର ରାଷ୍ଟ୍ରୀୟ ରାଜମାର୍ଗ - ୧ଦ୍ୱାରା ଅନେକ ପ୍ରମୁଖ ସହର ସହିତ ଯୋଡ଼ି ହୋଇଛି । ଏହା ଜମ୍ମୁ ଠାରୁ ୨୯୩ କି.ମି ଦୂରରେ ଅବସ୍ଥିତ । ଦେଶର ରାଜଧାନୀ ଦିଲ୍ଲୀ ଠାରୁ ୮୭୬ କିମି ଦୂରରେ ଅବସ୍ଥିତ ।

### ମୁନ୍ନାର :

କେରଳର ତିନୋଟି ପର୍ବତ ଶୃଙ୍ଗ- ମୁଥିରପୁଝା, ନଲ୍ଲଥନୀ ଓ କୁଣ୍ଡଳର ମିଳନସ୍ଥଳରେ ମୁନ୍ଡ଼ାର ଅବସ୍ଥିତ । ଏହି ହିଲ ଷ୍ଟେସନରେ ଚା କ୍ଷେତ, ଔପନୀ ବେଷ୍ଟିତ ବଙ୍ଗଳା, ଛୋଟ ନଦୀ, ଝରଣା ଓ ଥଣ୍ଡା ପାଣିପାଗ ଆପଣଙ୍କୁ ରୋମାଞ୍ଚିତ କରିବ । ଚା’ ବଗିଚା ବ୍ୟତୀତ ଏଠାରେ ମସଲା ଚାଷ ହେବାର ଦେଖାଯାଏ । ମୁନ୍ନାର ଠାରୁ ୧୫କିମି ଦୂର ଇରବୀ କୁଲମ ଶାଷ୍ଟ୍ରୀୟ ଉଦ୍ୟାନରେ ଲୁପ୍ତପ୍ରାୟ ପ୍ରାଣୀଙ୍କୁ ଦେଖିବାକୁ ମିଳିଥାଏ । ନୀଳ କୁରିଞ୍ଜି ଫୁଲ ଫୁଟିଲେ ପାହାଡ଼ର ତଳଦେଶରେ ନୀଳ ଚାଦର ଘୋଡ଼ାଇ ହେଲା ପରି ମନେ ହୁଏ । ସେତେବେଳେ ଏହା ଗ୍ରୀଷ୍ମର ପର୍ଯ୍ୟଟନ ସ୍ଥଳ ହୋଇଯାଏ । ତେବେ ଏହି ଫୁଲ ୧୨ ବର୍ଷରେ ଥରେ ଫୁଟିଥାଏ ।



### ସିମଲା :

ମନକୁ ଶାନ୍ତି ଦେଉଥିବା ପର୍ଯ୍ୟାବରଣ ଦ୍ୱାରା ପରିବେଷ୍ଟିତ ସିମଲାକୁ ସାତ ପାହାଡ଼ର ଦେଶ ବୋଲି କୁହାଯାଏ । ଗରମ ଦିନରେ ସେଠାରେ ଅଧିକତମ ତାପମାତ୍ରା ୨୫ଡିଗ୍ରୀ ପାଖାପାଖି ଥାଏ। ବରଫରେ ସ୍କିଇଙ୍ଗ କରୁଥିବା ଲୋକମାନଙ୍କ ପାଇଁ ଜାନୁଆରୀରୁ ମାର୍ଚ୍ଚ ମଧ୍ୟବର୍ତ୍ତୀ ସମୟ ଉତ୍କୃଷ୍ଟ ଅଟେ । ଫିସିଙ୍ଗ, ଗଲଫ ସହିତ ସେଠାରେ ଟ୍ରେକିଙ୍ଗର ମଜା ମଧ୍ୟ ନେଇପାରିବେ। ବୁଲିବା ପାଇଁ ଦି ମଲ, ତାରାବେଦୀ ମନ୍ଦିର, ସମର ହିଲ ଓ ସିମଲାଷ୍ଟେଟ ମ୍ୟୁଜିୟମ ପରି ସ୍ଥାନ ରହିଛି । ଦିଲ୍ଲୀ ଠାରୁ ଏହା ୨୪୫ କିମି ଦୂରରେ ସିମଲା ଅବସ୍ଥିତ ।



### ଶିଲଂ :

ମେଘାଳୟର ରାଜଧାନୀ ଶିଲଂ ଭାରତର ସୁନ୍ଦର ହିଲଷ୍ଟେସନ । ଏହାକୁ ପୂର୍ବର ସ୍କଟଲ୍ୟାଣ୍ଡ ବୋଲି କୁହାଯାଏ । ଏଠାରେ ବିଶ୍ୱର ସବୁଠାରୁ ଉଚ୍ଚ ଓ୍ୱାଟର ଫଲ ରହିଛି । ସୁନ୍ଦର ପାହାଡ଼ ମଧ୍ୟରେ ସ୍ଥିତ ଏହି ସ୍ଥାନ ଭାରତର ପ୍ରସିଦ୍ଧ ବ୍ଲୁସ ମ୍ୟାନଙ୍କ



ଘର ମଧ୍ୟ ରହିଛି । ଶିଲିଂରେ ଅନେକ ଦର୍ଶନୀୟ ସ୍ଥାନ ରହିଛି ଯେପରିକି ଏଲିଫ୍ୟାଣ୍ଟ ଫଲ, ଶଲଂ ଭ୍ୟୁ ପଏଣ୍ଟ, ଲେଡ଼ି ହ୍ୟାନରୀ ପାର୍କ ଇତ୍ୟାଦି । ବର୍ଷସାରା ବର୍ଷା ହେଉଥିବା ଚେରାପୁଞ୍ଜି ଶିଲଂ ଠାରୁ ୫୬କିମି ଦୂରରେ ଅବସ୍ଥିତ । ଦିଲ୍ଲୀରୁ ଏହାର ଦୂରତା ୪୯୦ କିମି ।



### ନୈନିତାଲ :

ଏହା ଉତ୍ତରାଖଣ୍ଡରେ ଅବସ୍ଥିତ । ସେଠାରେ ନୈନାଦେବୀଙ୍କ ମନ୍ଦିର ଓ ଏକ ତାଲ ରହିଛି । ନୈନିତାଲ ଅର୍ଥ ଆଖି ଏବଂ ତାଲର ଅର୍ଥ ହ୍ରଦ । ବରଫାବୃତ୍ତ ପାଡାଡ଼ି ମଧ୍ୟରେ ହ୍ରଦରେ ଘେରାଥିବା ନୈନୀତାଲ ଉତ୍ତରାଖଣ୍ଡ ରାଜ୍ୟରା ପ୍ରମୁଖ ହନିମୁନ ସ୍ପଟ । ସେଠାରେ ଥିବା ନୈନୀତାଲ ହ୍ରଦ, ନୈନାଦେବୀ ମନ୍ଦିର, ନୈନା ଚୋଟି, ଗଭର୍ଣ୍ଣର ହାଉସ, ଟିଫିନ ଟପ ଓ ପଣ୍ଡିତ ଜି.ବି ପନ୍ଥ ପ୍ରାଣୀ ଉଦ୍ୟାନ ସବୁଠାରୁ ପ୍ରସିଦ୍ଧ ସ୍ଥଳ ଅଟେ । ସପିଙ୍ଗ ପାଇଁ ଆପଣ ମଲରୋଡ଼ ଯାଇପାରିବେ । ଗରମ ଦିନରେ ନୈନା ହ୍ରଦର ପାଣି ସବୁଜ, ବର୍ଷାଦିନେ ମଇଳା ରଙ୍ଗର ଓ ଶୀତଦିନେ ହାଲୁକା ନୀଳ ଦେଖାଯାଇଥାଏ । ଜାତୀୟ ରାଜପଥ-୮୭ ରୋଡ଼ ନୈନୀତାଲକୁ ସାରା ଦେଶ ସହ ସଂଯୋଗ କରିଛି ।





### ଦାର୍ଜିଲିଂ :

‘କ୍ୱିନ ଅଫ ହିଲସ’ ଭାବେ ଜଣାଶୁଣା ଦାର୍ଜିଲିଂ ଏକ ହନିମୁନ ଡେଷ୍ଟିନେସନ । ଏଠାରେ ଥିବା ଚା ବଗିଚା ପାଇଁ ମଧ୍ୟ ଏହି ହିଲଷ୍ଟେସନ ପ୍ରସିଦ୍ଧି ଲାଭ କରିଛି । ପୂର୍ବରୁ ମସଲା ପ୍ରସ୍ତୁତିରେ ମଧ୍ୟ ଏହି ଅଞ୍ଚଳ ଯଥେଷ୍ଟ ପ୍ରସିଦ୍ଧି ଲାଭ କରିଥିଲା । ତେବେ ଏହି ଅଞ୍ଚଳର ସୌନ୍ଦର୍ଯ୍ୟ ଏତିକିରେ ସୀମିତ ନୁହେଁ ବରଫାବୃତ୍ତ ସୁନ୍ଦର ପାହାଡ଼ରେ ଦେବଦାରୁ ଗଛର ଜଙ୍ଗଲ ଏହି ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ । ଏଠାରେ ଥିବା ଟୟ ଟ୍ରେନ ଦ୍ୱାରା ଆପଣ ଏହି ଅଞ୍ଚଳ ବୁଲି ଦେଖିପାରିବେ । ଏଠାରେ ଥିବା ଟାଇଗର ହିଲ ସହରଠାରୁ ୧୩କିମି ଦୂରରେ ଅବସ୍ଥିତ । ଏଠାରୁ ସୂର୍ଯ୍ୟୋଦୟର ଅଦ୍ଭୁତ ଦୃଶ୍ୟ ଦେଖିପାରିବେ ।



### ଉଟି :

ତାମିଲନାଡୁର ବିଶ୍ୱପ୍ରସିଦ୍ଧ ସହର ଉଟି ହନିମୁନ ପାଇଁ ସବୁଠାରୁ ଉପଯୁକ୍ତ ସ୍ଥାନ । ଏହାକୁ ପାହାଡ଼ର ରାଣୀ ବୋଲି କୁହାଯାଏ । ଏଠାରେ ଦୋଦାବେଟ୍ଟା ପିକ, ଲ୍ୟାମ୍ବସ ରକ, କୋଡ଼ାନାଡୁ ଭ୍ୟୁପଏଣ୍ଟ, ଉଦ୍ଭିଦ ଉଦ୍ୟାନ, ଅପର ଭବାନୀ ହ୍ରଦ ଇତ୍ୟାଦି ଦର୍ଶନୀୟ ସ୍ଥାନ ରହିଛି । ଏହା ବ୍ୟତୀତ ଫେଅଡ଼ ଫୁଲର ବଗିଚା, ଫୁସର ଛାତ ଥିବା ଚର୍ଚ୍ଚ ଓ ସୁନ୍ଦର ସଡ଼କ ଅଛି । ଏଠାରେ କିଛି କିମି ଚାଲିଲେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିହେବ ।



### କୁନୁର :

ଉଟିଠାରୁ ମାତ୍ର କିଛି କିମି ଦୂରରେ କୁନୁର ଅବସ୍ଥିତ । କମ କ୍ଷେତ୍ରଫଳରେ ଥିବା କୁନୁର, ନୀଳଗିରି ପର୍ବତ ଉପରେ ଅବସ୍ଥିତ ଯାହା ଚାରିଆଡୁ ପାହାଡ଼, ଚା ଓ କଫି ବଗିଚା ଦ୍ୱାରା ପରିବେଷ୍ଟିତ । କୁନୁର ଠାରୁ ଉଟି ପର୍ଯ୍ୟନ୍ତ ଟ୍ରେନ ଚଳାଚଳ ସୁବିଧା ଥିବାରୁ ପର୍ଯ୍ୟଟକମାନଙ୍କ ପାଇଁ ଗମନାଗମନାରେ ସୁବିଧା ହେବା ସହ ମନୋରଞ୍ଜକ ମଧ୍ୟ କରିଥାଏ । ଟ୍ରେନଯାତ୍ରାରେ ୱେଲିଂଟନ ଠାରୁ ଆରମ୍ଭ କରି କ୍ୟାଣ୍ଟନମେଣ୍ଟ ଅଞ୍ଚଳ ଆଦି ଅନେକ ଦର୍ଶନୀୟ ସ୍ଥଳର ଦୃଶ୍ୟ ଉପଭୋଗ କରିପାରିବେ । ଦର୍ଶନୀୟ ସ୍ଥାନ ମଧ୍ୟରେ ହେରିଟେଜ ଟ୍ରେନ, ସିମ ପାର୍କ, ୱେଲିଂଟନ ଗଲଫ କୋର୍ସ, ଡଲଫିନ ହାଇଫିଲ୍ଡ ଟ୍ରି ଫ୍ୟାକ୍ଟ୍ରି, ଲ୍ୟାମ୍ବରକ ଓ ଡ୍ରୁଗ ଜିଲ୍ଲା ପ୍ରମୁଖ ଅଟେ ।





# ଜ୍ୱର

ପ୍ରତ୍ୟେକ ସୁସ୍ଥ ଲୋକର ଦେହର ତାପମାତ୍ରା ୩୬୮ ଡିଗ୍ରୀ ସେଲସିୟସ ବା ୯୯.୪ଡିଗ୍ରୀ ଫାରେନହିଟ୍ । ଏହା ଦିନ ଭିତରେ ଖୁବ ବେଶୀରେ ୦.୫ ଡିଗ୍ରୀ ସେଲସିୟସ ବଦଳିପାରେ ଏଥିରୁ ଅଧିକ ତାପମାତ୍ରା ରହିଲେ





ଜ୍ୱର ବୋଲି କୁହାଯାଏ । ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବାକୁ ମସ୍ତିଷ୍କର ହାଇପୋଥାଲାମସରେ ଏକ ‘ଥର୍ମୋଷ୍ଟାଟ’ ଅଛି । ଜ୍ୱରର କେତେକ ପ୍ରକାର ଏହିପରି । ଦେହରେ ତାତି ଭର୍ତ୍ତି ହୋଇଥିବ, କିନ୍ତୁ ଥର୍ମୋମିଟରରେ ପରୀକ୍ଷା କଲେ ସବୁ ସମୟରେ ତାପମାତ୍ରା ଜଣାପଡ଼େ ନାହିଁ । ଏହାକୁ ‘ହୁଲା’ କୁହାଯାଏ । କେତେକ ରୋଗୀଙ୍କ ଦେହରେ ଉତ୍ତାପ ବଢ଼ିବା ପୂର୍ବରୁ କମ୍ପ ହୁଏ । ଏହାକୁ ଡାକ୍ତରୀ ଭାଷାରେ ‘ରାଇଗର’ କୁହାଯାଏ । ମୁଖ୍ୟତଃ ମ୍ୟାଲେରିଆ, ଭାଇରାଲ ଜ୍ୱର ପାରାସିଟାମଲ ବଟିକା ଖାଇ ଜ୍ୱର କମିଗଲା ପରେ ଦ୍ୱିତୀୟ ପାଳିରେ ଯେଉଁ ଜ୍ୱର ଆସେ ତା ପୂର୍ବରୁ କମ୍ପ ହୁଏ । ଜ୍ୱର ହୋଇ ରାତ୍ରିରେ ଅଧିକ ଝାଳ ବାହାରିଲେ ଫୁସଫୁସରେ ଯକ୍ଷ୍ମା କିମ୍ୱା ଶରୀରର ଅନ୍ୟ ଅଙ୍ଗରେ ଯକ୍ଷ୍ମାରୋଗ ହୋଇଛି ବୋଲି ଡାକ୍ତରମାନେ ଅନୁମାନ କରି ପରୀକ୍ଷାନିରୀକ୍ଷା କରନ୍ତି । ଏହା ବ୍ୟତୀତ ମହିଳାଙ୍କର ରଜୋନିବୃତ୍ତି ପରେ, ଅଧିକ ମାନସିକ ଉତ୍କଣ୍ଠା, ମଦପାନ ପରେ, ମଧୁମେହ ଓ ହାଇପରଥାଇରଏଡ ରୋଗରେ ଅଧିକ ଝାଳ ବୋହିଥାଏ । ମୁଣ୍ଡବିନ୍ଧା ଭାଇରାଲ ଫିଭର, ଇନଫ୍ଲୁଏନଜା, ଟାଇଫଏଡ, ମ୍ୟାଲେରିଆ, ବାନ୍ତି, ଝାଡ଼ା, ଡିସେଣ୍ଟ୍ରି, ପରିସ୍ରା ସଂକ୍ରମଣ ଇତ୍ୟାଦି ଜ୍ୱରରେ ଏକ ପ୍ରମୁଖ ଲକ୍ଷଣ । ଆଲୋକକୁ ଚାହିଁ ନପାରିଲେ, ଅଧିକ ମୁଣ୍ଡ ବିନ୍ଧିଲେ ମସ୍ତିଷ୍କ ଜ୍ୱର ହେବାର ସମ୍ଭାବନା ଥାଏ । ଜ୍ୱରା ଯୋଗୁ ବାଉଳିଚାଉଳି ହେଲେ, ମସ୍ତିଷ୍କ ଜ୍ୱର ହୋଇପାରେ । ଶିଶୁ ଓ ବୃଦ୍ଧ ବ୍ୟକ୍ତି ଅଧିକ ଆକ୍ରାନ୍ତ ହୋଇଥାଆନ୍ତି । ଏହାକୁ ‘ଡେଲିରିଅମ’ କହନ୍ତି । ଜ୍ୱରରେ ମାଂସପେଶୀ ଯନ୍ତ୍ରଣା ବିଶେଷ କରି ଭାଇରାଲ ଜ୍ୱର ଓ ସେପ୍ଟିସେମିଆ ରୋଗରେ ଏହା ଅଧିକ ହୋଇଥାଏ । କେତେକ ଜ୍ୱର ବାରମ୍ବାର ଲେଉଟେ । ପିତ୍ତକୋଷରେ ପୂଜା ହେବା, ବୃକକ୍ ପ୍ରଦାହ ପେଟର ଗୁପ୍ତପୂଜ ଯୋଗୁଁ ବି ଜ୍ୱର ବାରମ୍ବାର ଲେଉଟେ । ୧୦୩ ଡିଗ୍ରୀ ଫାରେନହିଟରୁ ଜ୍ୱର ଅଧିକ ରହିଲେ ଡାକ୍ତରଙ୍କୁ ପରାମର୍ଶ କରି ନିର୍ଦ୍ଦେଶ ଅନୁସାରେ, ରକ୍ତ ଓ ପରିସ୍ରା ପରୀକ୍ଷା, ଛାତି ଏକ୍ସ-ରେ, ଆବଶ୍ୟକ ସ୍ଥଳେ ପେଟ ଅଲଟ୍ରାସାଉଣ୍ଡ ଇତ୍ୟାଦି କରିବା ଆବଶ୍ୟକ ହୁଏ ।

ସାଧାରଣ ଜ୍ୱର କାରଣ ଗୁଡ଼ିକ ହେଲେ ‘ଫ୍ଲୁ’ ଭାଇରସ, ପେଟଯନ୍ତ୍ରଣା, ଝାଡ଼ାବାନ୍ତି, ଗ୍ରୀଷ୍ମଋତୁରେ ହିଟ୍ ଷ୍ଟ୍ରୋକ, ତଣ୍ଟି ଦରଜ, ଟନସିଲାଇଟିସ, ଫାରିଞ୍ଜାଇଟିସ, ନିମୋନିଆ ଆଣ୍ଠୁଗଣ୍ଠି ବାତ ସହିତ ଟାଇଫଏଡ, ମ୍ୟାଲେରିଆ, ଡେଙ୍ଗୁ, ଚିକୁନଗୁନିଆ ଯକୃତ ଓ ପିତ୍ତକୋଷରେ ଯକ୍ଷ୍ମା କର୍କଟ ଇତ୍ୟାଦି । ସମସ୍ତଙ୍କ ପାଇଁ ଜ୍ୱରର ସାଧାରଣ ଚିକିତ୍ସା ଜାଣିବା ଗୁରୁତ୍ୱପୂର୍ଣ୍ଣ। ପାଣି ଫୁଟାଇ ଥଣ୍ଡାକରି ୧୦/୧୨ ଗ୍ଲାସ ପିଇବା ଭଲ । ଅଳ୍ପ ଅଳ୍ପ ଉଷୁମପାଣିରେ ଅଦା ଗୋଲମରିଚ ପକାଇ ପିଇଲେ । ଯନ୍ତ୍ରଣା କମିଯାଏ । ମଦ, କଫି, ଚାର ପିଇଲେ ଦେହରୁ ଜଳୀୟ ଅଂଶ କମିଯାଏ। ଦୁର୍ବଳତା ବଢ଼େ । ସାଧାରଣ ଜ୍ୱରରେ କୌଣସି କଷ୍ଟ କିମ୍ୱା ଅସୁବିଧା ନଥିଲେ ଔଷଧ ଖାଇବା ଆବଶ୍ୟକ ନାହିଁ । ସାଧାରଣରୁ ଅଧିକ ଜ୍ୱରରେ ଉତ୍ତାପ ଓ ବିନ୍ଧା କମାଇବା ପାଇଁ ପାରାସିଟାମଲ, ଆଇବୁପ୍ରୋଫେନ, ନାପ୍ରୋକ୍ସେନ ଭଳି ଔଷଧ ଖାଇବାକୁ ଦିଆଯାଏ। ଆସ୍ପିରିନ ବଟିକାରେ ଉତ୍ତାପ କମୁଥିଲେ ମଧ୍ୟ ଏହା କେବଳ ବୟସ୍କ ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ଡାକ୍ତରଙ୍କ ବିନା ପରାମର୍ଶରେ ଶିଶୁ କିଶୋରଙ୍କୁ କସ୍ମିନ କାଳେ ଆସ୍ପିରିନ ବଟିକା ଖାଇବାକୁ ଦେବା ଉଚିତ




# ମଧୁମେହର ତିନି ମହୌଷଧ

**ସାରାବିଶ୍ୱରେ ମଧୁମେହ ଏକ ସାଧାରଣ ସମସ୍ୟା ପାଲଟିଗଲାଣି । ଏଥିରେ ଶରୀରରେ ଏକାଧିକ ଏକାଧିକ ମେଟାବଲିକ ଡିଜଅର୍ଡର ଦେଖାଯାଇଥାଏ । ଯାହା ଫଳରେ ଶର୍କରା ସ୍ତର ସଠିକ୍ ରହେନାହିଁ । ଏହା ପାରିବାରିକ ତଥା ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଖାଦ୍ୟଚାର ଯୋଗୁ ହୋଇଥାଏ । ଏହି ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ କଷ୍ଟସାଧ୍ୟ । ତେବେ ଖାଦ୍ୟରେ କିଛି ପରିବର୍ତ୍ତନ କରି ଏହାକୁ ଯଥେଷ୍ଟ ନିୟନ୍ତ୍ରଣ କରାଯାଇପାରେ । ଆୟୁର୍ବେଦ ଶାସ୍ତ୍ରରେ ମଧୁମେହ ନିୟନ୍ତ୍ରଣ ଲାଗି ତିନୋଟି ଚମତ୍କାରୀ ସୂତ୍ର ରହିଛି।**

**ତେଜପତ୍ର :** ମଧୁମେହ ରୋଗୀଙ୍କ ଲାଗି ତେଜପତ୍ର ଏକ ମହୌଷଧି ବୋଲି କୁହାଯାଇପାରେ। ନିୟମିତ ଖାଦ୍ୟ ପ୍ରସ୍ତୁତିରେ କିମ୍ୱା ସିଝାଇ ଏହାର ପାଣିକୁ ବ୍ୟବହାର କଲେ ମଧୁମେହ ନିୟନ୍ତ୍ରଣରେ ରଖାଯାଇପାରିବ ।

**ହଳଦି :-** ଯେକୌଣସି ବୟସରେ ହଳଦି ଖାଇପାରିବେ। ଏହା ରକ୍ତି ପରିଷ୍କାର କରିବା ସହ ମଧୁମେହ ରୋଗରେ କୌଣସି କ୍ଷତ ହେଲେ ଏହାର ତୁରନ୍ତ ଉପଚାର କରିବାରେ ସହାୟକ ହୋଇଥାଏ ।

**ଘିକୁଆଁରୀ :-** ଏହା ମଧୁମେହ ରୋଗୀଙ୍କ ପାଇଁ ଖୁବ ଉପକାରୀ । କାରଣ, ରକ୍ତଶର୍କରା ପରିମାଣ ସଠିକ୍ ରଖିବାରେ ଏହା ସହାୟକ ହୋଇଥାଏ । ଏଥିରେ ଥିବା ଇମୋଡିନ ତତ୍ତ୍ୱ ଶରୀରରେ ବଢ଼ିଥିବା ଗ୍ଲୁକୋଜ ସ୍ତର କମ କରିବାରେ ସହାୟକ ହୋଇଥାଏ । ଏଇଥିସହିତ ଗ୍ଲୁକୋଜ ମାନନ ଏବଂ ମୁସିଲେଜ ତନ୍ତୁ ଓଜନ କମାଇବା ସହ ଭୋକ ଶାନ୍ତ କରେ । ଇନସୁଲିନ ସ୍ତର ନିୟନ୍ତ୍ରଣ କରିବା ସହ ମଧୁମେହରୁ ସୁରକ୍ଷା ଦିଏ ।







## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମିଳିତ କୌଶଳ ଆବଶ୍ୟକ...

ଶ୍ରୀ ରାଜନୀତିରେ ଜଣେ ସର୍ବଶ୍ରେଷ୍ଠ ଉତ୍ତରଜୀବୀ ଅର୍ଥାତ୍ କଳେ ବଳେ କୌଶଳେ ନିଜର ଗାଦି ବଞ୍ଚାଇବା ବ୍ୟକ୍ତିଙ୍କ ପାଇଁ ଶେଷ ସମୟ ଖୁବ୍ ଦ୍ରୁତ ବେଗରେ ଆସିଛି । ଯୁକ୍ତରାଜ୍ୟ (ୟୁକେ)ର ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନ୍ ତାଙ୍କ ସରକାରର ଅନେକ ମନ୍ତ୍ରୀଙ୍କ ଇସ୍ତଫା ପ୍ରଦାନଜନିତ ଜୁଆରରେ ଭାସି ଯାଇଛନ୍ତି । ଯେଉଁ ଜୁଆର ମଙ୍ଗଳବାର ଦିନ ଦୁଇ ଟୋପା ବର୍ଷା ଭଳି ସାଜିଦ୍ ଜାଭିଦ୍ ଏବଂ ରିଷି ସୁନଙ୍କ ଇସ୍ତଫାରୁ ଆରମ୍ଭ ହୋଇଥିଲା, ତାହା ପରବର୍ତ୍ତୀ ଦୁଇଦିନରେ ୫୦ରୁ ଅଧିକ ସଂଖ୍ୟକ ମନ୍ତ୍ରୀ ଓ ସହାୟକଙ୍କ ଇସ୍ତଫା ସହିତ ଏକ ବଡ଼ ଧରଣର ବନ୍ୟାରେ ପରିବର୍ତ୍ତିତ ହୋଇ ବୋରିସ୍‌ଙ୍କ ଭେଳାକୁ ବୁଡ଼ାଇ ଦେଇଛି । ତିନି ବର୍ଷ ପୂର୍ବେ ମାର୍ଗାରେଟ୍ ଥାଚରଙ୍କ ଭଳି ଯାଦୁକରୀ ବ୍ୟକ୍ତିତ୍ୱ ପ୍ରଦର୍ଶନ କରି ସାମ୍ବାଦିକରୁ ରାଜନେତା ପାଲଟି ଥିବା ଯେଉଁ ବ୍ୟକ୍ତି କଞ୍ଜରଭେଟିଭ ଦଳକୁ ୮୦ଟି ଆସନର ସଂଖ୍ୟାଗରିଷ୍ଠତା ହାସଲ କରିବାର ପଥରେ ପଥିକ କରାଇ ଥିଲେ ଏବଂ ବ୍ରେକ୍ସଟ୍ ତରଙ୍ଗକୁ ଅତିକ୍ରମ କରିବା ସହିତ କ୍ଷମତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଥିଲେ, ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜର ପଦକୁ ବଜାୟ ରଖିବା ପାଇଁ ତାଙ୍କୁ କଠୋର ସଂଘର୍ଷ କରିବାକୁ ପଡ଼ିଥିଲା । କିନ୍ତୁ ଲଗାତର ୪୮ ଘଣ୍ଟା ଧରି ଇସ୍ତଫାର ମୂଷଳ ଧାରାର ବର୍ଷା ତାଙ୍କୁ ବୁଡ଼ାଇ ଦେଇଥିଲା । ଡାଉନିଂ ଷ୍ଟ୍ରିଟ୍ର ବଞ୍ଚିବା ନିମନ୍ତେ ଘୋର ସଂଘର୍ଷ ସତ୍ତ୍ୱେ ଦଳର ଆଭ୍ୟନ୍ତରୀଣ ବିଦ୍ରୋହ ବନାଗ୍ନି ପରି ବ୍ୟାପି ଯାଇଥିଲା ଯାହା ତାଙ୍କର ବିଶ୍ୱସ୍ତ ଲୋକମାନଙ୍କୁ ମଧ୍ୟ ନିଜ କବ୍‌ଜାକୁ ନେବାରେ ସମର୍ଥ ହୋଇଥିଲା । ନିଜ ପଦକୁ ବଞ୍ଚାଇବାର ହାତରେ ଆଉ କୌଣସି ବିକଳ୍ପ ନ ପାଇ ଶେଷରେ ବୋରିସ୍ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଥିଲେ । ତେବେ ଆସନ୍ତା ଅକ୍ଟୋବରରେ ଦଳ ଜଣେ ନୂଆ ନେତା ଚୟନ କରିବା ପର୍ଯ୍ୟନ୍ତ ସେ ଦଳର ନେତା ଭାବରେ ରହିବେ। । ବ୍ରେକ୍ସିଟ୍‌କୁ ତୁରନ୍ତ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି ପ୍ରଦାନ କରି ୨୦୧୯ର ଐତିହାସିକ ନିର୍ବାଚନରେ ବୋରିସ୍ ମାର୍ଗାରେଟ୍‌ଙ୍କଠାରୁ ମଧ୍ୟ ଅଧିକ ସଂଖ୍ୟକ ଭୋଟ୍ କଞ୍ଜରଭେଟିଭ ଦଳ ପାଇଁ ଅର୍ଜନ କରିବା ସହିତ କ୍ଷମତାସୀନ ହୋଇଥିଲେ। ଏକାଧିକ ଦୋଦୁଲ୍ୟମାନ ଅବସ୍ଥା ପରେ ବ୍ରିଟେନ୍ ଏବଂ ୟୁରୋପୀୟ ରାଷ୍ଟ୍ରସଂଘ ପରସ୍ପରଠାରୁ ଅଲଗା ହେବାର ଏକ ଚୁକ୍ତି ଠିକ୍ ସମୟରେ ସମ୍ପନ୍ନ କରି ପାରିଥିଲେ । ତେବେ ସେତେବେଳକୁ ଏହି ପଦକ୍ଷେପ ଯୋଗୁଁ ସୃଷ୍ଟି ହେବାକୁ ଯାଉଥିବା କ୍ଷତି ସୁସ୍ପଷ୍ଟ ହୋଇ ସାରିଥିଲା ; ମୋଟ ଘରୋଇ ଉତ୍ପାଦ (ଜିଡିପି) ଏବଂ ମୁଣ୍ଡପିଛା ଆୟର ହାର ବିପଦଗ୍ରସ୍ତ ହୋଇ ସାରିଥିଲା । ପରିଣତି ଏହି ଉପଲକ୍ଷେ କରାଯାଇଥିବା ମତଦାନ ଉଲ୍ଲେଖନୀୟ ଭାବରେ ସୂଚନା ପ୍ରଦାନ କରିଛି ଯେ ଯେଉଁମାନେ ୟୁରୋପୀୟ ରାଷ୍ଟ୍ରସଂଘକୁ ପରିତ୍ୟାଗ କରିବା ଠିକ୍ ବୋଲି ବିଚାର କରୁଥିଲେ, ସେମାନଙ୍କ ଅପେକ୍ଷା ଅଧିକାଂଶ ବ୍ରିଟିଶ ନାଗରିକ ଆଜି ଏହା ଏକ ବଡ଼ ଭୁଲ୍ ଥିଲା ବୋଲି ବିଚାର କରନ୍ତି । ବ୍ରିଟେନ୍ ଭିତରେ କେବଳ ବ୍ରେକ୍‌ଟ୍ ନୁହେଁ, ଜୀବନ ବଞ୍ଚିବାର ମୂଲ୍ୟରେ ଦ୍ରୁତ ବୃଦ୍ଧି ବୋରିସ୍‌ଙ୍କ ଲୋକପ୍ରିୟତା ହାନିର ଅନ୍ୟ ଏକ ବଡ଼ କାରଣ । ଏହି ସମସ୍ୟା ସହିତ ଲୋକମାନେ ଯୁଝୁଥିବା ବେଳେ ତାଙ୍କ ନାଁରେ ସାଧାରଣ ନାଗରିକଙ୍କୁ ମହାମାରୀଠାରୁ ସୁରକ୍ଷିତ ରହିବା ପାଇଁ ଦେଶରେ ଜାରି କରାଯାଇଥିବା ଲକଡାଉନ୍ ଇତ୍ୟାଦିକୁ ପାଳନ କରିବାର ପରାମର୍ଶ ପ୍ରଦାନ କରିବା ବେଳେ ନିଜେ ଡ୍ରିଙ୍କିଙ୍ଗ୍ ପାର୍ଟିରେ ଯୋଗଦାନ କରିବାଠାରୁ ଆରମ୍ଭ କରି ନିଜର ବାସଗୃହ ପାଇଁ । ଆବଶ୍ୟକତାଠାରୁ ବହୁ ଅଧିକ ଖର୍ଚ୍ଚ କରିବା, ଯୌନ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ମନ୍ତ୍ରୀଙ୍କୁ ସୁରକ୍ଷା ପ୍ରଦାନ କରିବା ଭଳି ଅଭିଯୋଗମାନ ଆସିବାକୁ ଲାଗିଲା ଏବଂ ସେ ଅନେକଗୁଡ଼ିଏ ନିରାଶାଜନକ ବିବାଦରେ ଛନ୍ଦି ହୋଇ ଯାଇଥିଲେ । ଆଉ ଏସବୁ ଦଳକୁ ଦୁଇଗୋଟି ଉପନିର୍ବାଚନରେ ମଧ୍ୟ ବିପର୍ଯ୍ୟୟ ଆଣିଦେଲା । ସମ୍ପ୍ରତି ତାଙ୍କ ଇସ୍ତଫା ପରେ ତାଙ୍କ ଉତ୍ତରାଧିକାରୀ ସୂତ୍ରରେ ଉଭୟ ଅର୍ଥନୀତି ଏବଂ ରାଜନୀତି ଦୃଷ୍ଟିରୁ ଏକ ଦୁର୍ବଳ ରାଷ୍ଟ୍ରର ନେତୃତ୍ୱ ନେବେ । ଗତ ମେ ମାସରେ ଏହି ରାଷ୍ଟ୍ରର ମୁଦ୍ରାସ୍ଫୀତି ବିଗତ ୪୦ ବର୍ଷର ରେକର୍ଡ ଭାଙ୍ଗି ୯.୧ ପ୍ରତିଶତ ହୋଇଥିବା ବେଳେ ଚଳିତ ବର୍ଷ ଏହା ୧୧ ପ୍ରତିଶତକୁ ଛୁଇଁବ ବୋଲି ବ୍ୟାଙ୍କ ଅଫ୍ ଇଂଲଣ୍ଡ ଆଶା କରୁଛି । ଏଥି ଯୋଗୁଁ ଅର୍ଥନୀତିକ ମାନ୍ଦାବସ୍ଥାର ଜନ୍ମ ଘଟିବ ବୋଲି କେତେକ ଅର୍ଥନୀତିଜ୍ଞ ଆଶା କରୁଛନ୍ତି । ବେକ୍ସିଟ୍ ଘଟଣାର ଏବେ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ସୁଖଦ ଉପାୟରେ ସମାଧାନ କରାଯାଇ ପାରିନାହିଁ । ଏହା ନହେଲେ ଉତ୍ତର ଆୟର୍ଲାଣ୍ଡରେ ଯେଉଁ ଶାନ୍ତି ବିରାଜମାନ କରୁଛି, ତାହା ଭଙ୍ଗ ହେବାର ଆଶଙ୍କା ରହିଛି । ଅପର ପକ୍ଷରେ ସ୍କଟ୍‌ଲ୍ୟାଣ୍ଡ ତା'ର ସ୍ୱାଧୀନତା ନିମନ୍ତେ ଏକ ଗଣଭୋଟ୍ ଅନୁଷ୍ଠିତ କରାଇବା ପାଇଁ ଦାବି କରୁଛି । ମୋଟାମୋଟି ବ୍ରିଟେନ୍‌ର ଅବସ୍ଥା ଏବେ ସୁଖଦ ନୁହେଁ । ବୋରିସ୍‌ଙ୍କ ଉତ୍ତରାଧିକାରୀ ଏହାକୁ ଆଗାମୀ ସମୟରେ କିପରି ପରିଚାଳନା କରୁଛନ୍ତି, ତାହା ସମୟ କହିବ ।

# ବିତର୍କ ଭିତରେ ମା' କାଳୀ



**ଡକ୍ଟର ଲକ୍ଷ୍ମଣ ସାହୁ**

ମୁକ୍ତିଲାଭ କରିବାକୁ ଯାଉଥିବା ପ୍ରାମାଣିକ ଚଳଚ୍ଚିତ୍ର 'କାଳୀ'ର ନିର୍ମାତ୍ରୀ ଲୀନା ମଣିମେକଲାଇଙ୍କ ବିରୋଧରେ ଲୁକଆଉଟ ନୋଟିସ ଜାରି କରିଛି । ଏହାପୂର୍ବରୁ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର କହିଥିଲେ ଯେ ସେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଲୀନାଙ୍କ ବିରୋଧରେ ଲୁକଆଉଟ ନୋଟିସ ଜାରି କରିବାକୁ ଅନୁରୋଧ କରିଛନ୍ତି । ନିଜ ଫିଲ୍ମର ପୋଷ୍ଟରରେ ଜଣେ ନାରୀ ଦେବୀ କାଳୀଙ୍କ ପରି ବେଶଭୂଷା ହୋଇ ହାତରେ 'ଏଲ୍‌ଜିବିଟିକ୍ୟୁ' ପତାକା ଧରି ସିଗାରେଟ୍ ଟାଣୁଥିବାର ଦୃଶ୍ୟ ଦେଖାଇ ବିବାଦୀୟ ହୋଇପଡ଼ିଥିବା ଲୀନାଙ୍କ ପାଇଁ ଏବେ ସ୍ଥିତି ବିଗିଡ଼ିବାରେ ଲାଗିଛି।

ଯମ ଯହହ୍ଲନ୍ୟୁଜ୍ ଏଜେନ୍ସି ଏଏନଆଇ ରିପୋର୍ଟ କରିଛି ଯେ ଭୋପାଳ ପୁଲିସ ଲୀନାଙ୍କ ବିରୋଧରେ ଲୁକଆଉଟ ନୋଟିସ ଜାରି କରିବାକୁ ନିର୍ଦ୍ଦେଶ ଦେଇଛି । କେନ୍ଦ୍ର ଗୃହ ମନ୍ତ୍ରାଳୟର ଅନୁମତି ପାଇବା ପରେ ଚଳଚ୍ଚିତ୍ର 'କାଳୀ'ର ନିର୍ମାତ୍ରୀ ଲୀନା ମଣିମେକଲାଇଙ୍କ ବିରୋଧରେ ଲୁକଆଉଟ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ, ଭାରତର ମଦୁରାଇରେ ଜନ୍ମିତା ଏବଂ ଟରଣ୍ଟୋରେ ବସବାସ କରୁଥିବା ଲୀନା ମଣିମେକଲାଇ ପ୍ରଥମେ 'କାଳୀ' ଚଳଚ୍ଚିତ୍ରର ଏକ ପୋଷ୍ଟର୍ ସାମାଜିକ ଗଣମାଧ୍ୟମରେ ସେୟର କରିଥିଲେ । ସେଥିରେ ଜଣେ ନାରୀ ଦେବୀ କାଳୀଙ୍କ ପରି ବେଶଭୂଷା ହୋଇ ହାତରେ 'ଏଲ୍‌ଜିବିଟିକ୍ୟୁ' ପତାକା ଧରି ସିଗାରେଟ୍ ଟାଣୁଥିବାର ଦୃଶ୍ୟ ରହିଛି। ଏହି ପୋଷ୍ଟ୍ ଭାଇରାଲ୍ ହେବା ପରେ ବିବାଦ ଆରମ୍ଭ ହୋଇଥିଲା । ପ୍ରାମାଣିକ ଚଳଚ୍ଚିତ୍ର 'କାଳୀ'ର ପୋଷ୍ଟର ସାମାଜିକ ଗଣମାଧ୍ୟମରେ ରିଲିଜ୍ କରିବା ପରଠାରୁ ଲୀନା ତୀବ୍ର ସମାଲୋଚନାର ସରବ୍ୟ ହୋଇ ଆସୁଛନ୍ତି । ତାଙ୍କ ନାଁରେ କେତେଗୁଡ଼ିଏ 'ଏଫ୍‌ଆଇଆର' ମଧ୍ୟ ପଞ୍ଜିକୃତ ହୋଇଛି । 'କାଳୀ'ର ପୋଷ୍ଟରକୁ କେନ୍ଦ୍ର କରି ବିଭିନ୍ନ ରାଜନୈତିକ ଦଳମାନଙ୍କ ମଧ୍ୟରେ ବି ରାଜନୈତିକ ବାଦବିବାଦ ଚାଲିଛି ।

'କାଳୀ' କହିଲେ ସାଧାରଣତଃ ଆମ ମନ ମଧ୍ୟରେ ଉଭାସିତ ହୋଇଉଠେ ଦେବୀଙ୍କ ଭିତିପ୍ରଦ ରୂପ । ମା' କାଳୀ ମୁକ୍ତକେଶୀ, ଶ୍ୟାମା ଓ ମହାରବା । ନରମୁଣ୍ଡ ବିଭୂଷିତା ଦେବୀ ନରହସ୍ତ ନିର୍ମିତ ମେଖଳା ପରିହିତା । ମା'ଙ୍କ ଚତୁଃ ହସ୍ତରେ ନରମୁଣ୍ଡ, ଖଡ୍ଗ, ବର ଓ ଅଭୟ । ଦେବୀଙ୍କ ଅନ୍ୟ ଏକ ରୂପ ହେଲା ପ୍ରସନ୍ନ ବଦନା । ନରମୁଣ୍ଡ ଧାରଣୀ ମାତା କାଳୀ ବାହାରକୁ ଭୟଙ୍କର ଦେଖା ଯାଉଥିଲେ ମଧ୍ୟ ସେ ପରାଶକ୍ତି। ବାତ୍ସଲ୍ୟ ପ୍ରେମର ମୂର୍ତ୍ତିମନ୍ତ ସ୍ୱରୂପ । ସେ ହେଉଛନ୍ତି ଭୟଦା ପୁଣି ଭୟନାଶିନୀ ।

ସନାତନ ସଂସ୍କୃତି ଆଧାରରେ କାଳୀ ଓ କୃଷ୍ଣ ମୌଳିକ ରୂପରେ କୌଣସୀ ପ୍ରଭେଦ ନାହିଁ । କୃଷ୍ଣ ପରଂବ୍ରହ୍ମ ପୁଣି ଶୂନ୍ୟ ସ୍ୱରୂପ । ତାଙ୍କର ରୂପ ଅଛି ପୁଣି ଅରୂପ ଅଣାକାର । ସେହିପରି କାଳୀଙ୍କୁ ଆମେ ମୂର୍ତ୍ତି ରୂପରେ ପୂଜା କରୁଥିଲେ ମଧ୍ୟ ସେ ଶୂନ୍ୟବ୍ୟାପି, ଶକ୍ତି ସ୍ୱରୂପିଣି । ବାସ୍ତବରେ ସତ୍ତା ଏକ। ଶକ୍ତି ପୂଜନରେ ଶକ୍ତିର ହିଁ ଆବାହନ କରାଯାଇଥାଏ । ଶକ୍ତିର ଅନ୍ୟନାମ ହିଁ ତ ଜୀବନ । ଶକ୍ତି ଯେଉଠି ରହେ ସେଠାରେ କାର୍ଯ୍ୟ ଦକ୍ଷତା ସାହସ, ଶକ୍ତି, ଶୌର୍ଯ୍ୟ ପ୍ରଭୃତି ବୃଦ୍ଧି ପାଏ । ପୌରାଣିକ ଆଖ୍ୟାନ ଅନୁସାରେ ଦୁର୍ଗାଙ୍କ ଲଲାଟରୁ ଦେବୀ ଆବିର୍ଭୂତା ହୋଇଛନ୍ତି । ଦେବୀ ସଂକଟ ହାରିଣୀ ଦୁଷ୍ଟ ସଂହାରିଣୀ । ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ ଧ୍ୱଂସର ପ୍ରତିକ ଏବଂ ଅନ୍ୟ ଦୁଇ ହାତର ବର ଓ ଅଭୟ ସନ୍ଧାନ ମାନଙ୍କ ପାଇଁ । ଦେବୀଙ୍କ ସାଙ୍ଗରେ ଥାଆନ୍ତି ଆଠଗୋଟି ଯୋଗିନୀ ସେମାନେ ହେଲେ – ଭିଷଣା, ଚଣ୍ଡି, କରାଳା, ଶୁଳିନୀ, ହନ୍ନୀ, ତ୍ରିପୁରା, କତ୍ରୀ ଓ ବିଧାଧିକା ।

ଭାରତ ବର୍ଷରେ ମାତୃ ଶକ୍ତି ଉପାସନା ଧାରା ଅତି ପ୍ରାଚୀନ । ଏହି ଧାରାର ଏକ ବଳିଷ୍ଠା ଦେବୀ ହେଉଛନ୍ତି କାଳୀ । ଭାରତରେ ବୈଦିକ ସଭ୍ୟତାର ବହୁ ପୂର୍ବରୁ ଆଦିବାସୀ ସଂସ୍କୃତି ଏକ ମହାନ ସଂସ୍କୃତି ଭାବେ ପ୍ରତିଷ୍ଠିତ ହୋଇଥିଲା । ଏହି ସଂସ୍କୃତିର ଏକ ପ୍ରାଚୀନ ଧାରା ଆଜିବି ପଶ୍ଚିମ ଓଡିଶାର ଅନେକ ସ୍ଥାନରେ ଦେଖାଯାଏ। ଏହି ଧାରାର ଅନେକ ଦେବାଦେବୀ ଯଥା – ଡୁକରୀ ବୁଡି, କଲାପାର୍, ଭାଲୁମୁଡେନ, ଗଙ୍ଗାଦୀ, ଦୁଆରସୂନୀ, ମାଏଲୀ, କାଲିସୁନ୍ଦରୀ, ଗବଡା, ବଞ୍ଜାରୀ, ବସ୍ଥରେନ, ଧରନୀ, ବୁଡାରଜା, ଡଙ୍ଗରବୁଡା, ବାରମୁନି, ଭୈରବ, ଘାଟି ମୁଡେନ, ଠେଙ୍ଗା, ପାହାଡେନ, କୋକଡେନ, ଦୂଲା, ମାନେକସରୀ ଆଦି ଅସଂଖ୍ୟ ଦେବାଦେବୀ ମଧ୍ୟରୁ କାଲିସୁନ୍ଦରୀ ଅନ୍ୟତମ । ଅନେକ ଗ୍ରାମରେ ଗ୍ରାମ ଦେବୀ ରୂପେ ଉପାସିତା ହେଉଥିବା ଏହି ଦେବୀଙ୍କୁ କେତେକ ସଂପ୍ରଦାୟ ଗୃହରେ କିମ୍ବା ଗଛମୂଳେ ଇଷ୍ଟଦେବୀ ରୂପେ ଉପାସନା କରିଥାନ୍ତି । ପୂର୍ବେ ଆଦିମ ସମାଜରେ ମୂର୍ତ୍ତି ପୂଜାର ପ୍ରଚଳନ ନଥିବାରୁ ଦେବା / ଦେବୀମାନଙ୍କ ପ୍ରତୀକ ରୂପେ ପଥରକୁ ରଖି ପୂଜା କରାଯାଉଥିଲା । ଏହି ପରଂପରା ବର୍ତ୍ତମାନ ମଧ୍ୟ ଅନୁଷ୍ଠିତ ହୋଇ ଆସୁଛି ।

ଆଦିମ ସଂସ୍କୃତି ଧାରାରେ ଦେବୀ କାଲିସୁନ୍ଦରୀ ଶୂନ୍ୟ ରୂପା । ତାଙ୍କର ଆକାର ନାହିଁ କିନ୍ତୁ ସେ ତ୍ରିବିଧ ଜଗତରେ ବ୍ୟାପ୍ତ ହୋଇ ରହିଥାନ୍ତି । ଆଦିମ କାଳରେ ନାମ୍ନୀ, ଯୋଗୀ, ଖରାପ ଗ୍ରହ, ଭୂତ ପ୍ରେତ ଆଦି କବଳରୁ ଶିଶୁ ଓ ଗୃହ ପାଳିତ ପଶୁମାନଙ୍କୁ ରକ୍ଷା କରିବାର ମାନସିକତାରୁ ଅନେକ ଦେବାଦେବୀ ଉପାସନା ଆରମ୍ଭ କରିଥିଲା । ସେହି କ୍ରମରେ କାଲିସୁନ୍ଦରୀ ଉପାସନା କରାଯାଇଥିବା ଅନୁମାନ କରାଯାଏ । ପ୍ରାଚୀନ ସଂସ୍କୃତି ପରଂପରା ଆଧାରରେ ଦେବୀଙ୍କୁ ମଦ୍ୟ, ବଳୀ ଆଦି ପ୍ରଦାନ କରାଯାଇଥାଏ । ସମୟ ସମୟରେ ଦେବୀ ଭକ୍ତଙ୍କ ଉପରେ ପ୍ରସନ୍ନ ହୋଇ ଉଭା ହେଇଥାନ୍ତି । କାଲିସୀ ମାଧ୍ୟମରେ ସେ ଭଲ ମନ୍ଦ କଥା ପ୍ରକାଶ କରିଥାନ୍ତି। ଦେବୀଙ୍କ ପ୍ରିୟ ବାଦ୍ୟ ହେଉଛି ଡମ୍ ବଜା, ମୁହୁରିଆ କାଲିସୁନ୍ଦରୀ ପାହାର ବଜାଇବା ସହ ପଞ୍ଚ ବାଦ୍ୟର ଶକ୍ତି ଶୃଙ୍ଖଳା ସହିତ ଦେବୀଙ୍କୁ ଆବାହନ କରା ଯାଇଥାଏ ।

କାଲିସୁନ୍ଦରୀ ଏକ ପ୍ରତ୍ୟକ୍ଷା ଦେବତା ରୂପେ ଆଜିବି ପଶ୍ଚିମ ଓଡିଶାର ଜନ ଜୀବନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିଛନ୍ତି । ଅତ୍ୟନ୍ତ ନିଷ୍ଠା ଓ ପାରମ୍ପାରିକ ବିଧାନ ଅନୁସାରେ ଦେବୀଙ୍କ ପୂଜାର୍ଚ୍ଚନା କରା ଯାଇଥାଏ । ନବାର୍ଣ୍ଣ ପୂର୍ବର ଗ୍ରାମ ମାନଙ୍କରେ ଅନୁଷ୍ଠିତ ହେଉଥିବା 'ପନା ପାଏନ୍' କାର୍ଯ୍ୟକ୍ରମ ହେଉ କିମ୍ବା ଦଶହରା, ଚଇତ୍ରା, ପୋଡ୍ ପୂଜା, ବିବାହ ସଂସ୍କାରର ଦେ ଗନସନ, ଓ ବିଭିନ୍ନ ଅନୁଷ୍ଠାନରେ ଅନ୍ୟ ଦେବାଦେବୀ ଆବାହନ ସମୟରେ ଗାଁର ଜାନୀ, ଝାଙ୍କର, ଗୌନ୍ତିଆ କାଲିସୁନ୍ଦରୀ ଦେବତାଙ୍କୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରି ପୂଜାର୍ଚ୍ଚନା କରିଥାନ୍ତି । କୃଷି କ୍ଷେତ୍ରରେ ମାଏଲି ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା 'ଚୋରୋ'ରେ ମଧ୍ୟ ସ୍ଥାନାନୁପାତରେ ଅନ୍ୟାନ୍ୟ ଦେବତାଙ୍କ ସହ କାଲିସୁନ୍ଦରୀଙ୍କୁ ଆବାହନ କରାଯାଇଥାଏ । 'କାଳୀ' ଓ 'କାଲିସୁନ୍ଦରୀ' ଏକ ଓ ଅଭିନ୍ନ । କାଲିସୁନ୍ଦରୀରୁ କାଳୀ କି କାଳୀରୁ କାଲିସୁନ୍ଦରୀ ରୂପେ ଦେବୀ ରୂପାନ୍ତରିତ ହୋଇଛନ୍ତି ତାହା ଏକ ବିତର୍କର ବିଷୟ। କିନ୍ତୁ ସ୍ଥୁଳ ଦୃଷ୍ଟିରେ ସେ ଏକ ମହାନ ଦେବତାର ଆସନରେ ଉପବେଶନ କରି ସଂସାରର ଜନ ସମୁଦାୟ ସହ ସମସ୍ତ ପ୍ରାଣୀଙ୍କୁ କୃପା ଦୃଷ୍ଟିରେ ଅବଲୋକନ କରି ଆସୁଛନ୍ତି । ଜ୍ଞାନ ବିଜ୍ଞାନର ଧାରା ଯେତେ ଯେତେ ଉନ୍ନତତର ହେବାରେ ଲାଗିଛି ମା' କାଳୀ ସେତେ ସେତେ ରହସ୍ୟାବୃତ ହୋଇ ଯାଉଛନ୍ତି ।

ମା' କାଳୀଙ୍କୁ କାହିଁକି କେବେ କେତେବେଳେ ପୂଜା କରାଯାଏ । ଦେଖାଯାଉଛି ଭାରତର ଅଧିକାଂଶ ରାଜ୍ୟରେ ଦୀପାବଳି ଅମାବାସ୍ୟାରେ ଦେବୀ ଲକ୍ଷ୍ମୀ ଏବଂ ଭଗବାନ ଗଣେଶଙ୍କୁ ପୂଜା କରାଯାଇଥାଏ । ହେଲେ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆସାମରେ ଦେବୀ କାଳୀଙ୍କୁ ଏହି ଦିନ ପୂଜା କରାଯାଇଥାଏ । ପୁରାଣ, ଶାସ୍ତ୍ର ଅନୁଯାୟୀ ଅସୁରମାନଙ୍କୁ ହତ୍ୟା କରିବା ପରେ ମଧ୍ୟ ଯେତେବେଳେ ମହାକାଳୀଙ୍କ କ୍ରୋଧ କମି ନଥିଲା, ସ୍ୱୟଂ ଭଗବାନ ଶିବ ନିଜେ ତାଙ୍କ ପାଦତଳେ ଶୋଇଯାଇଥିଲେ । ଭଗବାନ ଶିବଙ୍କ ଶରୀର ଉପରେ ତାଙ୍କ ପାଦ ସ୍ପର୍ଶ କରିବା ପରେ ଦେବୀ ମହାକାଳୀଙ୍କ କ୍ରୋଧ ଭଙ୍ଗ ହେଲା । ଏହାକୁ ସ୍ମରଣ କରି ତାଙ୍କ ଶାନ୍ତ ରୂପେ ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିବାବେଳେ ଏହି ରାତିରେ ତାଙ୍କର ଭୟଙ୍କର ରୂପ କାଳୀଙ୍କୁ ମଧ୍ୟ ପୂଜା କରିବାର ନିୟମ କେତେକ ରାଜ୍ୟରେ ରହିଛି । ମା' କାଳୀଙ୍କ ପୂଜାର ବିଶେଷ ମହତ୍ତ୍ୱ ରହିଛି ।

ପ୍ରଥମେ ସୂଚେଇ ଦିଆଯାଇଛି ଯେ ଦୁଷ୍ଟ ଏବଂ ପାପୀମାନଙ୍କୁ ବିନାଶ କରିବା ପାଇଁ ଦେବୀ ଦୁର୍ଗା ମା କାଳୀ ଭାବରେ ଅବତାରିତ ହୋଇଥିଲେ । ବିଶ୍ୱାସ କରାଯାଏ ଯେ ମା କାଳୀଙ୍କୁ ପୂଜା କରିବା ଜୀବନର ସମସ୍ତ ଦୁଃଖ ଦୂର କରିଥାଏ। ଶତ୍ରୁମାନେ ବିନାଶ ହୁଅନ୍ତି । କୁହାଯାଏ ଯେ ମା କାଳୀଙ୍କୁ ପୂଜା କରିବା ଦ୍ୱାରା ରାହୁ ଗ୍ରହ ମଧ୍ୟ ଶାନ୍ତ ହୁଅନ୍ତି । ତନ୍ତ୍ର ସାଧନା ପାଇଁ ଅଧିକାଂଶ ସ୍ଥାନରେ ମା କାଳୀଙ୍କୁ ପୂଜା ମଧ୍ୟ କରାଯାଏ । ମା କାଳୀଙ୍କ ପୂଜା ଦୁଇଟି ଉପାୟରେ ପୂଜା କରାଯାଏ । ଗୋଟିଏ ସାଧାରଣ ଏବଂ ଅନ୍ୟଟି ହେଉଛି ତନ୍ତ୍ର ପୂଜା । ଯେକେହି ସାଧାରଣ ପୂଜା କରିପାରିବେ । ବିଶେଷତଃ ମାତା କାଳୀଙ୍କ ସାଧାରଣ ପୂଜାରେ ୧୦୮ ନାଲି ମନ୍ଦାର ଫୁଲ, ୧୦୮ ବେଲପତ୍ର, ୧୦୮ ମାଟି ଦୀପ ଏବଂ ୧୦୮ ଦୁବ ଅର୍ପଣ କରିବାର ପରମ୍ପରା ଅଛି । ଏହା ସହିତ ମୌସୁମୀ ଫଳ, ମିଠା, ଖିଚିଡି, ଖିରି, ଭଜା ପନିପରିବା ଏବଂ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ମଧ୍ୟ ମା'ଙ୍କୁ ଭୋଗ ଦିଆଯାଏ । ଏହି ପୂଜା ପଦ୍ଧତିରେ ସକାଳରୁ ରାତି ପର୍ଯ୍ୟନ୍ତ ଉପବାସରେ ରହିବାକୁ ପଡେ ।

ତେଣୁ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ଲୀନା ମଣିମେକାଲାଇଙ୍କ ନିର୍ଦ୍ଦେଶିତ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମର ପୋଷ୍ଟର ହିନ୍ଦୁ ଭାବନାକୁ ଆଘାତ ଦେଇଥିବାରୁ ଏଥିରେ ଜନସାଧାରଣ କ୍ରୋଧ ପ୍ରକାଶ କରିବା ସ୍ୱାଭାବିକ । ନିକଟରେ ସୋସିଆଲ ମିଡିଆରେ ଲୀନା ତାଙ୍କର ଆଗାମୀ ଡକ୍ୟୁମେଣ୍ଟାରୀ ଫିଲ୍ମର ପୋଷ୍ଟର ସେୟାର କରିଛନ୍ତି ତାହା ଆଗା ଖାନ ସଂଗ୍ରହାଳୟରେ କାନାଡାର ରିଥମ୍ସର ଏକ ଅଂଶ ଭାବରେ ଡେବ୍ୟୁ ହୋଇଥିଲା । ଏହି ପୋଷ୍ଟରରେ ଜଣେ ହିନ୍ଦୁ ଦେବୀ ପରି ପୋଷାକ ପିନ୍ଧିଥିବା ଜଣେ ମହିଳାଙ୍କୁ ଚିତ୍ରଣ କରାଯାଇଛି । ଫଟୋଗ୍ରାଫରେ ସେହି ମହିଳା ସିଗାରେଟ ଟାଣୁଥିବାରୁ ନଜରକୁ ଆସିଛନ୍ତି । ଟ୍ୱିଟରରେ 'ଆରେଷ୍ଟଲିନାମଣିମେକଲାଇ' ହ୍ୟାସଟ୍ୟାଗ ଟ୍ରେଣ୍ଡ ଚାଲିଛି । ବ୍ୟବହାରକାରୀମାନେ ଅଭିଯୋଗ କରିଛନ୍ତି ଯେ, ଚଳଚ୍ଚିତ୍ର ନିର୍ମାତା ଦେବୀଙ୍କ ଚିତ୍ର ମାଧ୍ୟମରେ ସେମାନଙ୍କର ଧାର୍ମିକ ଭାବନାକୁ ଆଘାତ ଦେଉଛନ୍ତି ଏବଂ ଯଥା ଶୀଘ୍ର ପୋଷ୍ଟର ହଟାଇବାକୁ ପାଇଁ ଦାବି କରିଛନ୍ତି ।

ବିବାଦ ବଢିବା ପରେ ଲୀନା, ଗ୍ରହଣ କରୁଥିବା ନକାରାତ୍ମକ ମତାମତ ମଧ୍ୟରେ ଲୋକଙ୍କୁ 'ଘୃଣା ଉପରେ ପ୍ରେମ ବାଛିବାକୁ କହିଥିଲେ । ସେ 'ଟରୋଣ୍ଟୋ ମେଟ୍ରୋପଲିଟାନ୍ ୟୁନିଭରସିଟି 'କାନାଡାର ବିଭିନ୍ନ ଶ୍ରେଷ୍ଠ ଚଳଚ୍ଚିତ୍ର ଛାତ୍ରମାନଙ୍କୁ କାନାଡାର ବିବିଧ ବିଷୟରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଏକ ଶିବିରରେ ଭାଗ ନେବାକୁ ଆମନ୍ତ୍ରଣ କରିଥିଲା । ଲୀନା ନିଜର ସ୍ୱୀକାରୋକ୍ତିରେ କହିଛନ୍ତି - 'ସଂସ୍କୃତି 'କାଳୀ' ହେଉଛି ସେହି ଚଳଚ୍ଚିତ୍ର ଯେଉଁଥିରେ ମୁଁ ଅଂଶଗ୍ରହଣ କରିଥିଲି ଏବଂ ସେହି ଶିବିରରେ ସହଯୋଗ କରିଥିଲି । ମୁଁ ଅଭିନୟ, ନିର୍ଦ୍ଦେଶନା ଏବଂ ଏଥିରେ ପ୍ରଯୋଜନା କରିଛି ବୋଲି ଲୀନା କହିଛନ୍ତି । ଟୋରାଣ୍ଟୋରେ ଏକ ସନ୍ଧ୍ୟାରେ ଏହି ଫିଲ୍ମଟି ଉପସ୍ଥାପନା କରାଯାଇଥିଲା । ସେଠାରେ ସେ ଦର୍ଶାଇଛନ୍ତି ଯେ- 'ଯଦି ଆପଣ ମାନେ ସେହି ପିକଚର ଦେଖନ୍ତି ତେବେ, ଆରେଷ୍ଟ ଲିନା ମଣିମେକାଲାଇ ପୋଷ୍ଟ କରିବେ ନାହିଁ। ବରଂ ଲଭ ୟୁ ଲିନା ମଣିମେକାଲାଇ ପୋଷ୍ଟ କରିବେ । ତେବେ ଘୃଣା ବଦଳରେ ପ୍ରେମ ବାଛିବା ସମ୍ପର୍କରେ ଏହି ଚଳଚ୍ଚିତ୍ରରେ ଦର୍ଶାଯାଇଛି।' ତାଙ୍କର ଏଭଳି ମନ୍ତବ୍ୟ ତାଙ୍କୁ ଅଧିକ ବିବାଦ ଘେରରେ ଛନ୍ଦି ଦେଉଛି ।

ତେବେ ବିବାଦୀୟ ଚଳଚ୍ଚିତ୍ରର ଗତି କେଉଁ ମୋଡ଼ ନେବ, ତାହା ଆଗାମୀ ସମୟ ହିଁ କହିବ...!!!!


♥ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ: ୯୦୪୦୧୫ ୧୪୭୫


# ଅଶାନ୍ତ ଭେଷଜ ମହାବିଦ୍ୟାଳୟ



**ସୁବ୍ରତ କର**

ହେବା କଥା । ଭବିଷ୍ୟତରେ ହେବ ମଧ୍ୟ । ଏବେ ପ୍ରାୟ ମେଡିକାଲ କଲେଜରେ ୪୦୦-୫୦୦ ପିଲା ଏବେ ରହୁଛନ୍ତି । ଏହାଛଡ଼ା ମେଡିକାଲ କଲେଜର ଡାକ୍ତରମାନେ ଏବଂ ଅନ୍ୟାନ୍ୟ କର୍ମଚାରୀଗଣ ମଧ୍ୟ ଘରେ ରହୁଛନ୍ତି । ରୁହନ୍ତୁ ବା ନ ରୁହନ୍ତୁ ଖଣ୍ଡେ ଖଣ୍ଡେ ଘର ଅକ୍ତିଆରରେ ରଖିଛନ୍ତି । ସବୁ ମିଳିମିଶି ପ୍ରାୟ ୬୦୦ରୁ ୭୦୦ ଲୋକ ରହୁଛନ୍ତି । ମୁଁ ଯେମିତି ଜାଣିଛି ଏତେ ଲୋକଙ୍କ ପାଇଁ ସୁବିଦା ସୁଯୋଗର ଅସୁବିଧା ରହିଛି । ମୂଳ କର୍ତ୍ତୃପକ୍ଷ ୩-୪ଟି ଉପରେ ଯଥେଷ୍ଟ ଦୃଷ୍ଟି ଦେବା କଥା ଏବଂ ସେଗୁଡ଼ିକ ହେଲା ବିଦ୍ୟୁତ୍, ପାଣି, ପରିଷ୍କାର ପରିଚ୍ଛନ୍ନତା ଏବଂ ଖାଇବା ପିଇବାର ସୁବିଧା । ଏ ଗୁଡ଼ିକରୁ ଗୋଟାଏ ଯଦି ଏପଟ ସେପଟ ହବ ନିଶ୍ଚୟ ଛାତ୍ର ଅଶାନ୍ତି ହେବ । ଏହି ୪୦୦-୫୦୦ ପିଲା ମଧ୍ୟରୁ ଶତକଡ଼ା ୧୫ଭାଗ ପିଲା ଅନ୍ୟ ରାଜ୍ୟର । ଏହାର ମାନେ ହେଲା ପ୍ରାୟ ୭୦ରୁ ୮୦ ପିଲା ବାହାର ପିଲା ଏବଂ ଅନ୍ୟାନ୍ୟମାନେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ । ଯଦି ଏମାନଙ୍କୁ ମୌଳିକ ସୁବିଧା ବା ସୁଯୋଗ ନ ମିଳିବ ନିଶ୍ଚିତ ଭାବରେ ଛାତ୍ର ଅଶାନ୍ତି ହବ । ପ୍ରଥମେ ପାଣି ଯଥେଷ୍ଟ ପରିମାଣରେ ଉପଲବ୍ଧ ହେବା ଦରକାର । କାରଣ ନିଜ ବ୍ୟବହାର ଛଡ଼ା ଗୁଡ଼ାଏ ଲାବଟାରୀ ରହିଛି ଯେଉଁଠି ଯଥେଷ୍ଟ ପାଣିର ଆବଶ୍ୟକତା ପଡ଼ିଥାଏ । ନିରବଚ୍ଛିନ୍ନ ଭାବରେ ବିଦ୍ୟୁତ୍ ରହିବା ଦରକାର କାରଣ ଡାକ୍ତରୀ ପିଲାମାନେ ଦିନବେଳେ ହସପିଟାଲ କ୍ଲାସରୁମ, ଲ୍ୟାବ୍‌ରେ କାମ କରିବା ପରେ ରାତି ପର୍ଯ୍ୟନ୍ତ ପାଠପଢ଼ାକୁ ଜାରି ରଖିବାକୁ ପଡ଼ିଥାଏ । ଏହାକୁ ଠିକ୍ ଭାବରେ ଚଳେଇବା ପାଇଁ ବିଦ୍ୟୁତ୍ ବିଭାଗର କର୍ମଚାରୀ ଏବଂ ପାଣି ବିଭାଗର ସ୍ଥାୟୀ କର୍ମଚାରୀ ରହିବା ନିହାତି ଆବଶ୍ୟକ । ପିଲାମାନଙ୍କର ଯୋଉ ପରବର୍ତ୍ତୀ ଦାବି ରହଛି ସେଇଟା ହେଲା ପୁରା ପ୍ରିମିଶେଷ ଜଙ୍ଗଲରେ ଭର୍ତ୍ତି ଏବଂ ଅନାବନା ଗଛର ରାଜତ୍ୱ। ମନେ ହୁଏ ନାହିଁ ଏହା ଉପରେ କାହାରି ନଜର ଅଛି କି ନାହିଁ । ବିଷଧର ସାପମାନେ ମଧ୍ୟ ରାଜ୍ କରୁଥିବେ । କିଛି ଅଘଟଣ ଘଟିଲେ କର୍ତ୍ତୃପକ୍ଷ ଏହା ପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବେ । ଶେଷରେ ବଲାଙ୍ଗିର ମେଡିକାଲ କଲେଜରେ ଘଟିଥିବା ଘଟଣା ଏଠାରେ ପୁନରାବୃତ୍ତି ନ ଘଟିଲେ ହେଲା । ହରିଆଣାରୁ ଆସିଥିବା ପିଲାଟି ମେଡିକାଲ କଲେଜ ଥାଟରୁ ଡେଇଁପଡ଼ି ସୁଇସାଇଡ କରିଲେ । ଏବେ ପିଲାମାନଙ୍କ ମଧ୍ୟରେ ସୁଇସାଇଡର ପ୍ରବଣତା ବହୁତ ବେଶି ଏହା ଉପରେ ଠିକ୍ ଭାବରେ କଲେଜରେ ଥିବା ଏନଟି ରେଗିଙ୍ଗ କମିଟି ମଧ୍ୟ କାମ କରିବା ଦରକାର । ପୂର୍ବରୁ ଏହି ସବୁ ବିଷୟ ପାଇଁ କଲେକ୍ଟରଙ୍କ ପାଖରେ ମାସକୁ ଥରେ ବୈଠକ ବସୁଥିଲା ଏବଂ ସେଥିରେ କଲେଜର ଡିନ, ସୁପରିଟେଣ୍ଟ, ଏସ.ପି, ମେଡିକାଲ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଏବଂ ଏ ସବୁ ସମସ୍ୟା ଉପରେ ଆଲୋଚନା ହୋଇ ନିର୍ଯ୍ୟାସ ବାହାର କରା ହେଉଥିଲା । ଏବେ ସେ ପାଠଟି ବନ୍ଦ ହୋଇଯାଇଛି । ମୋର ଅନୁରୋଧ ନୂଆ ଜିଲ୍ଲା କଲେକ୍ଟର ଏହା ଉପରେ ଖୁବ୍ ଶୀଘ୍ର ଦୃଷ୍ଟି ଦେବା ଦରକାର ଏବଂ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ସଜାଗ ରହି ଏହାର ସମାଧାନର ବାଟ ବାହାର କରିବାର ଆବଶ୍ୟକତା ରହିଛି ।

ଏହାକୁ ନଜର ଆନ୍ଦାଜ କଲେ ଭବିଷ୍ୟତରେ ଅସୁବିଧାରେ ପଡ଼ିବାକୁ ହେବ ।




## ମୃତ ମନୁଷ୍ୟ

**ବାପିନି ସିଂ**

ମୃତ ମନୁଷ୍ୟ ପଶ୍ଚିମର ହେଉ
ବା ପୂର୍ବର,
ମୃତ ମନୁଷ୍ୟ ଶ୍ୱେତ ହେଉ ବା
କୃଷ୍ଣ ବା ପୀତ
ମନୁଷ୍ୟ ତ କେବଳ ମନୁଷ୍ୟ ।

ଏଇ ସାଧାରଣ କଥାଟି
ଗୂଢ଼ ହୋଇ ରହିଯାଉଛି
କାହିଁକି କେଜାଣି,
ନା ପଶ୍ଚିମ ବୁଝିପାରୁଛି
ନା ପୂର୍ବ ।
ପୂର୍ବର ନୀରିହ ମନୁଷ୍ୟକୁ
ମରଣ ମୁହଁକୁ ଠେଲି
ପଶ୍ଚିମ ହର୍ଷୋତ୍ ଫୁଲିତ ହୋଇ
ଧ୍ୱନି ଦେଉଛି
ଆତଙ୍କର ବିନାଶ ହେଲା ।

ସେଇ ଆତଙ୍କୀ ଯେବେ
ଶ୍ୱେତକାୟ ହୋଇ
ଆଗ୍ନେୟଗିରିର ଇନ୍ଧନ ସାଜିଲା
ଜଗତ ଚିତ୍କାର କଲା
"ମାନବିକତାର ମରଣ ହେଲା"
କହି ହତ୍ୟାକାରୀର
ମୃତ୍ୟୁ କାମନା କଲା ।

ହତ୍ୟାକାରୀର ମଧ୍ୟ ରଙ୍ଗ ଅଛି ।
ସେଇ ଶ୍ୱେତ ହତ୍ୟାକାରୀ
ମାନବତାର ତ୍ରାଣକର୍ତ୍ତା
ପରମ ପୁରୁଷ । କୃଷ୍ଣକାୟ ହତ୍ୟାକାରୀ
ଦାନବ ବଂଶଜ,
ଦାନବ କୁଳ ସମୂଳେ
ବିନାଶ ହେଉ ।

ଶାନ୍ତିର ଜୟ ହେଉ
ଶ୍ୱେତ ଶାନ୍ତିର ।
ମୃତ ମନୁଷ୍ୟକୁ ନ୍ୟାୟ ମିଳୁ,
ଯେହେତୁ ସେ ଦେବଅଂଶୀ
ଶ୍ୱେତକାୟ ।

ଭିଏତନାମ, କଙ୍ଗୋ, ସୋମାଲିଆ,
ଲିବ୍ୟା, ଇରାକ, ସିରିଆ
ଆଫଗାନିସ୍ତାନ ନର୍କକୁ ଯାଆନ୍ତୁ ।

କାରଣ ସେମାନେ ପୀତ, କୃଷ୍ଣ
ଅଥବା ତାମ୍ରବର୍ଣ୍ଣର
ଶ୍ୱେତାଙ୍ଗ ନୁହଁନ୍ତି ।


♥ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ: ୯୯୩୭୮୨୦୮୩୧


## ମାଆ

**ଲକ୍ଷ୍ମୀଧର ସିଂ**

ସେନେହ ବୋଳା ଶରଧା ଭରା
ମଧୁର ଉଚ୍ଚାରଣ ଟିଏ ମାଆ
କଷ୍ଟ ଯାଏ ଆପଣା ଛାଏଁ
କହି ସେ ଦେଲେ ପଦିଏ ଆହାଃ ।

ଅଭୟ ଦାୟିନୀ ଶକ୍ତି ପ୍ରଦାୟିନୀ
ଅଟଇ ସରଳ ମନ୍ତ୍ର ଟିଏ ମାଆ
ସଙ୍କଟ କାଳକୁ
ସାହସ ମିଳଇ
ଡାକିଦେଲେ'ମା'ହୁଅଇ ସାହା ।

ଜଗତରେ ନାହିଁ
ମାଆ ପରି ଆଉ କେହି
ବୁଝିବ ଯେ ସନ୍ତାନର ଦୁଃଖ
ବାତ୍ସଲ୍ୟ ଯେ ତାର
ସୁଧା ସମ ଆହା
ଭରିଦିଏ ସଦା ମନରେ ସୁଖ ।

ତ୍ୟାଗ ଯାହାର ଅମୂଲ ମୂଳ
ସିଏ ତ ଅଟେ ମୋ ମାଆ
ବୃଦ୍ଧା କାଳେ ତାର ସେବା କରୁଥିବି
ହୋଇ ଆଶା ବାଡ଼ି ସାହା ।


♥ଅଁଳାପାଳ,
ଗରଡିହି, ବାଲେଶ୍ୱର
ମୋ: ୬୩୭୦୦୨୬୮୦୫


## କାନ୍ଦୁଛି ଏ ଦେଶ

**ଜନ୍ମଜୟ ନାୟକ**

କିଏ କହିପାରିବକି,
କାହିଁକି ଆଜି ଏ ଦେଶ
ନିଜକୁ ସ୍ୱାଧୀନ ବୋଲି କହିବାର
ଦମ୍ଭ ହରେଇଚାଲିଛି ?
କାହିଁକି କାନ୍ଦୁଛି ଏ ଦେଶ ?

ଦାରିଦ୍ର୍ୟର ବିଷୁବରେଖା ସମୀପରେ,
ଦୁଃଖଜଞ୍ଜାଳର ଉଷ୍ମ ଦାଉରେ,
ଝାଳ ସହ ରକତ ନିଗାଡି
ବସୁମତୀ ସ୍ନାନ କରାଉଥିବା
କଙ୍କାଳସାର ମଣିଷଟି କାଳେ
ଏ ଦେଶର ମେରୁଦଣ୍ଡ !
ତା ଜୀବନର ଅଧାରୁ ଅଧିକ
ସମୟକୁ ଏଇ ମାଟିରେ
ପୋତି ଚାଲିଥାଏ କାଳେ
ଦେଶକୁ ଦାନା ଦେବାପାଇଁ,
ସତେ କି ମାଟିର ମଣିଷ !
ହେଲେ କରଜ ଜୁଇରେ
ଜୀଅନ୍ତା ଜଳୁଥିବା
ଚଷାଭାଇ ମନର
ମରମ କଥା ବୁଝେ କିଏ ?
ଏଠି ତ ଯୋର ଯାର ମୂଲକ ତାର,
ଭାଗଚାଷୀ ଭାଗେ ଲୋତକ ଧାର ।
ତେଲିଆ ମୁଣ୍ଡେ ଏଠି ପଡେ ତେଲ,
କେହି ବୁଝନ୍ତିନି ଏଠି ଶ୍ରମର ମୂଲ ।
ଶହଶହ ଚାଷୀଙ୍କ ଆତ୍ମହତ୍ୟା ଦେଖି
ନିଜ ସନ୍ତାନର ଅଧିକାର ପାଇଁ
ବୋଧେ କାନ୍ଦୁଛି ଏ ଦେଶ ।

ଖୁଁ ଖୁଁ ହେଇ କାଶିକାଶି ଭଗବାନଙ୍କୁ
ମୃତ୍ୟୁର ଭିକ୍ଷା ମାଗୁଥିବା
ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ
କୋହଭରା ଶବଦରେ,
ନିଶିର ନୀରବତା ଭାଙ୍ଗିବା ପରେ,
ଥରି ଉଠୁଛି ଦେଶର ପ୍ରଶସ୍ତ ବକ୍ଷ
କାନ୍ଦୁଛି ଏ ଦେଶ ।

ପାଠପଢା ବୟସରେ
କୋମଳ ନିଷ୍ପାପ ଶିଶୁଟି
ସପନର ବାଲିଘରକୁ
ଦାୟିତ୍ୱର ନୀଳଊର୍ମିପାଖେ
ବନ୍ଧା ରଖିବା ପରେ,
ଯେବେ ଶିଶୁଶ୍ରମିକ ସାଜେ
କେହି ବି ପଢନ୍ତିନି
ତା ଭୋକର ଭୂଗୋଳ,
କିନ୍ତୁ କାନ୍ଦେ ଏ ଦେଶ ।

କୁତ୍ସିତ ମାନସିକତାଧାରୀ
ନାରୀମାଂସ ଲୋଭୀର
କାମାଗ୍ନିରେ ତିଳତିଳ ହେଇ ଜଳୁଥିବା
ନାବାଳିକାର ଇଚ୍ଛା ଆକାଙ୍କ୍ଷା
ଦଗ୍ଧ ହେବା ପରେ ,
ଏ ଦେଶ ନିଜକୁ ପ୍ରଶ୍ନ କରୁଛି
ଏ କଣ ରାମରାଜ୍ୟ ?
ଯେଉଁଠି ଛିଡି ଛିଡିଯାଏ ନାରୀଟିଏର
ବିଶ୍ୱାସର ସୂତାଖିଅ,
ହଜିହଜିଯାଏ ତା ଅସ୍ତିତ୍ୱ ,
ଝରିପଡେ ସେ ଗଙ୍ଗଶିଉଳି ପରି,
ଏମିତି ବାହୁନି ହେଇ
ଗୁମୁରି ଗୁମୁରି କାନ୍ଦୁଛି ଏ ଦେଶ ।


♥ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ, ଜଗତସିଂହପୁର
ମୋ: ୯୩୩୭୮୦୦୫୬୫


## ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ

**ଡୁଲେଶ୍ୱର କୁମାର ସାହୁ**

ଓଡ଼ିଆ ଭାଷାକୁ
ଖାଇବାକୁ,ପିଇବାକୁ,
କହିବାକୁ,ଖେଳିବାକୁ
ମତେ ବେଶ୍ ଭଲ ଲାଗେ
ମୋ ଜୀବନ ବି ଓଡ଼ିଆ
ମୋ ସପନ ବି ଓଡ଼ିଆ ।

ଓଡ଼ିଆ ସହ କୋଡ଼ିଏ ବର୍ଷର
ସଂପର୍କ ଆଜି
ପୂର୍ତ୍ତି ହୋଇଯାଇଛି
ଏକୋଇଶି ବର୍ଷର ଆଗମନ ରେ
ମୁଁ ପୁଣି ଥରେ ଓଡ଼ିଆ
ଜୀବନ ହିଁ ଗଢିବି ।

ଆଜି ପର୍ଯ୍ୟନ୍ତ ଅନେକ ଭାଷା
ମୋ ଫୁସ୍ ଫୁସ୍ ଭିତରେ
ପାଉଁଶ କରି ଦେଇଛି
ଓଡ଼ିଆ ମାଟିର ବାସ୍ନା
ଓଡ଼ିଆ ମାଟିର ଆଦର
ଓଡ଼ିଆ ମାଟିର ସାଂସ୍କୃତିକ, ପରମ୍ପରା
ମୋ ଧମନୀ ଭିତରେ
ଜାତାୟତ କରୁଛି ।

ମୁଁ ଓଡ଼ିଆ କହିଲେ
ମୋ ହୃଦୟ ମୁଲ୍ ମୁଲ୍ ହସି ଦିଏ ।

ମୁଁ ଓଡ଼ିଆ କହିଲେ
ମୋ ପେଟ ଭର୍ତ୍ତି ହୋଇଯାଏ ।

ମୁଁ ଓଡ଼ିଆ କହିଲେ
ମୋ ଜୀବନ ଶାନ୍ତି ରେ ଶୋଇପାରେ ।

ଏଥି ପାଇଁତ ମୁଁ ଗର୍ବରେ କହିପାରେ
ଓଡ଼ିଆ ବୋଲି ।


♥ରେଗଡା, କର୍ଲାମୁଣ୍ଡା, କଳାହାଣ୍ଡି
ମୋ- ୭୦୭୭୩୨୭୯୩୧

# ଗଳ୍ପ ମାଳା
୫
ସାପ୍ତାହିକ ଗଳ୍ପ ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ୧୧ ଜୁଲାଇ ୨୦୨୨


# ସାହିତ୍ୟିକ






ସତ୍ୟ ରଞ୍ଜନ ମିଶ୍ର
ଅଡ଼ଙ୍ଗ ଶାସନ, ଜଗତସିଂହପୁର
ମୋବାଇଲ : ୮୬୫୮୪୧୨୭୮୩


ସରୋଜ ତାପରେ ଆଉ କିଛି କଥା ଶୁଣିବା ଅବସ୍ଥାରେ ନଥାଏ । ସେ ଉଠି ଠିଆ ହେଲା ଏବଂ ଯିବାକୁ ବାହାରିଲା । ହେଲେ କୁଆଡେ ଯିବ ! କୋଉଠିକି ଗଲେ ତାକୁ ରାସ୍ତା ମିଳିବ ! ଏମିତି ଭାବି ଚାଲୁ ଚାଲୁ ଦୂରରୁ ତାକୁ ତାଙ୍କ ଗାଁର ଶିବ ମନ୍ଦିର ଦିଶିଲା। ସନ୍ଧ୍ୟା ଆଳତି ପରେ ସେ ସ୍ଥାନ ସାଧାରଣତଃ ଜନାକୀର୍ଣ୍ଣ ହେଇପଡ଼େ । ସରୋଜ ଯାଇ ସେ ମନ୍ଦିର ସାମ୍ନାସ୍ଥିତ ପିଣ୍ଡି ଉପରେ ବସିପଡିଲା। ଘଣ୍ଟି ବଜେଇବାକୁ କି ଠାକୁରଙ୍କୁ ମୁଣ୍ଡିଆ ମାରିବାକୁ ତାର ଆଉ ଧୈର୍ଯ୍ୟ ନଥାଏ । କେବଳ ଠାକୁର ଦେଉଳି ଭିତରକୁ ଅପଲକ ନୟନରେ ଚାହିଁ ରହି କଣ ସବୁ ଭାବିବାକୁ ଲାଗିଲା ।

ଆଖି ଆଗରେ ପ୍ରଥମେ ନାଚି ଉଠିଲେ ତା ବାପା ବୋଉ । କେତେ କଷ୍ଟ କରିଛନ୍ତି ସେମାନେ ଗୋଟିଏ ବୋଲି ପୁଅ ପାଇଁ । କେତେ ଆଶା ତାଙ୍କର, ପୁଅ ବଡ଼ ହେଇ ଚାକିରୀ କଲେ ତାଙ୍କ ଦୁଃଖ ଯିବ । ପୁଅ ବୁଢ଼ା କାଳେ ସାହାରା ସାଜିବ । ପୁଅ ବାହାଘର କରି ନାତି ନାତୁଣୀ ମୁହଁ ଦେଖିଲେ ଜୀବନର ସବୁ ଆଶା ମେଣ୍ଟିଯିବ । ମନେପଡୁଥାଏ ଶ୍ରୁତି ର କଥା । ଅନ୍ୟ ପ୍ରେମିକା ଙ୍କ ପରି କେବେ କୌଣସି କଥାରେ ଜିଦ୍ଦି କରିନି କି ଅବାଧ ହେଇନି । ସବୁକଥାରେ ସବୁ କାମରେ ସରୋଜକୁ ସାହସ ଦେଇଛି ଉତ୍ସାହ ଦେଇଛି । ତାର ବି ସେମିତି କୋଉ ବଡ଼ ଆଶା ନାହିଁ, ସବୁ ଝିଅଙ୍କ ପରି ସେ ବି ଚାହେଁ ତା ସ୍ୱାମୀ ସମର୍ଥ ହେଉ । ନିଜ ସଂସାରକୁ ନିଜେ ମୁଣ୍ଡେଇପାରୁ । ସୁରୁଖୁରୁରେ ବାକି ଜୀବନ କଟୁ । ଏଥିରେ ତ ତାର ଭୁଲ ନାହିଁ !! ତାହେଲେ ଭୁଲ କଣ ଏକା ସରୋଜର ? ସେ ନିଜେ ନିଜକୁ ପ୍ରଶ୍ନ କରୁଥାଏ । ମନେପଡ଼ିଯାଉଥାଏ, ଗଣିତ ଟ୍ୟୁସନ କରୁଥିବା ରଥସାର ଙ୍କ କଥା, 'ଯେତେ ସବୁ କବି ଲୋକ, ସମସ୍ତେ ଚା ଟିକେ ପିଇବାକୁ ପର ପାଖରେ ହାତ ପତାନ୍ତି 'ସରୋଜ କାନ୍ଦ କାନ୍ଦ ହେଇଯାଉଥାଏ । ତାହେଲେ କଣ ସେ ଏ ଲେଖାଲେଖି ଛାଡ଼ିଦେବ ? ଅନ୍ୟମାନଙ୍କ ଭଳି କୌଣସି ଚାକିରୀ ଆଶାରେ ଧାଇଁବ ? ସାହିତ୍ୟ ସାଧନା, ବହି ପଢ଼ିବା ଆଦିରେ ଡୋରି ବାନ୍ଧିଦେବ ? କିଛି ନିଷ୍ପତ୍ତି ନେଇପାରୁନଥାଏ ସେ ।

'ସାହିତ୍ୟିକ ହେବାକୁ ହେଲେ ସାହିତ୍ୟ ସାଧନା କରିବାକୁ ପଡେ । କବିତା ଲେଖିବା ପୂର୍ବରୁ ଆଗେ ପୁଳାଏ କବିତା ପଢିବାକୁ ପଡେ । ଯାହାର ଜ୍ଞାନ ଘର ଯେତେ, ତା କଲମ ର ଶକ୍ତି ସେତେ ।'ସେଦିନ କ୍ଲାସ ସରିଲାପରେ ସରୋଜ କୁ ବୁଝେଇଥାନ୍ତି ସାହିତ୍ୟ ଅଧାପକ ଅଜୟ ସାର ।

ଘରକୁ ଫେରି ସରୋଜ ସେଦିନ ରାତିସାରା ଭାବିଥିଲା ଅଜୟ ସାର ଙ୍କ କଥା। ସତରେ ତାକୁ ବହୁତ ପଢିବାକୁ ପଡିବ। ପଢିଲେ ସିନା ଯାଇ ସେ ଭଲ ଲେଖିପାରିବ ଆଉ ଓଡ଼ିଆ ସାହିତ୍ୟ କୁ ଆଗକୁ ନେଇ ସାହିତ୍ୟ କ୍ଷେତ୍ରରେ ଢେର ସୁନାମ ଆଣିପାରିବ । କିନ୍ତୁ, ସେ କଣ ପଢିବ ଆଉ କେତେ ପଢିବ ସେ ବିଷୟରେ କିଛି ଜାଣିପାରୁନଥାଏ । ଆଜକୁ ସାଢେ ଚାରି ହଜାର ବର୍ଷ ତଳେ ଆର୍ଯ୍ୟ ସଭ୍ୟତା ସୃଷ୍ଟି ହେଲାଦିନଠାରୁ ବେଦ ଉପନିଷଦ ରୂପେ ସାହିତ୍ୟ ଆରମ୍ଭ ହେଇଥିଲା । ସେବେଠୁ ଆଜିଯାଏଁ କୋଟି କୋଟି ଗ୍ରନ୍ଥ ରଚନା ସରିଲାଣି । ସବୁଯାକ ପଢିବାକୁ ତ ଆୟୁଷ ନିଅଣ୍ଟ ତେବେ ସେ କେତିକି ପଢିବ ଆଉ କଣ ପଢିବ । ସର୍ବନିମ୍ନ କେତିକି ପଢିଲେ ସେ ତା ଜ୍ଞାନଘର ପରିପୂର୍ଣ୍ଣ କରି ନିଜ କଲମ ମୁନ କୁ ଶକ୍ତିଶାଳୀ କରିପାରିବ । କିଛି ବୁଝିପାରୁନଥିଲା ସରୋଜ ।

ମନେପଡୁଥାଏ ପିଲାଦିନ କଥା । ତୃତୀୟ ଶ୍ରେଣୀ ରେ ସର୍ବପ୍ରଥମେ ତାର ସାହିତ୍ୟ ବହି ସହ ଭେଟ ହେଇଥିଲା । ସେତେବେଳେ ସାହିତ୍ୟ ବହି ର ନାଁ ଥିଲା ' ଆମ ଭାଷା ଆମ ସାହିତ୍ୟ '। ଭାରି ଭଲ ଲାଗେ ସେ ବହିଟା ସରୋଜ କୁ । ସବୁଠୁ ସହଜ ତଥା ଆନନ୍ଦ ଦାୟକ ସେ ବହି । ସ୍କୁଲ ରେ ମିଳିବାର ଦିନ କେଇଟାରେ ତାକୁ ପଢିକି ଶେଷ କରିଦିଏ ସରୋଜ । ସେଥିରେ ଲେଖାଥିବା ଛୋଟ ଛୋଟ କବିତା, ମଜା ମଜା କାହାଣୀ ଆଦି ସରୋଜ ମନରେ ଅପୂର୍ବ ଖୁସି ଆଣିଦିଏ। ଦିନପରେ ଦିନ ଗଡିଚାଲେ, ଆଉ ମାତୃଭାଷା ବହିର କଳେବର ତଥା ନାମ ବଦଳିଯାଏ । ବହିର ନାଁ ହେଇଯାଏ ସାହିତ୍ୟ । ତାର ସ୍ପଷ୍ଟ ମନେଅଛି ଯୋଉଁଦିନ ଶ୍ରେଣୀ ଶିକ୍ଷକ ତାକୁ ବୁଝେଇଥିଲେ, ସାହିତ୍ୟ ର ଅର୍ଥ ହେଲା ସମାଜ ର ହିତ । ତେବେ ସେ ସମାଜ କାଳକ୍ରମେ ଉଭେଇ ଯାଇ ସାହିତ୍ୟ ପାଲଟିଯାଇଥିଲା ସ୍ୱ ହିତ ଅର୍ଥାତ ନିଜର ହିତ । ସାହିତ୍ୟ କାହାର କଣ କାମରେ ଲାଗୁ କି ନଲାଗୁ କିନ୍ତୁ ସାହିତ୍ୟ କୁ ନେଇ ସମସ୍ତେ ନିଜ ନିଜ ନାଁ କରିବାକୁ ଆଗଭର ହେଇଉଠୁଥିଲେ । ସରୋଜ ମଧ୍ୟ ସେମାନଙ୍କ ଭିତରେ ସାମିଲ ଥିଲା ।

ସପ୍ତମ ଶ୍ରେଣୀ ରେ ପଢିଲାବେଳେ ସରୋଜ ପ୍ରଥମ ଥର 'ପରିବେଶ' ଉପରେ ଲେଖିଥିଲା ଗୋଟେ କବିତା । ତାକୁ ପଢିଲାପରେ ଶ୍ରେଣୀ ରେ ସାହିତ୍ୟ ପଢ଼ାଉଥିବା ରାଧାରାଣୀ ଦିଦି ଭାରି ଖୁସି ହେଇଥିଲେ ଏବଂ ସରୋଜ କୁ ବାଃ ବାଃ କହିଥିଲେ । ସରୋଜ କବିତା ପାଠ କରିସାରିଲା ପରେ ପୁରା ଶ୍ରେଣୀ ର ପିଲାମାନେ କରତାଳି ମାରି ତାକୁ ଉତ୍ସାହିତ ହେଇଥିଲେ । ସେଇ କରତାଳି ପ୍ରଭାବରେ ସରୋଜ ଏତେ ଉତ୍ସାହିତ ହେଇଥିଲା ଯେ ସେବେଠୁ କବିତା ଛଡା ତାକୁ ଆଉ କିଛି ଦିଶିନୀ । ଦଶମ ପରୀକ୍ଷା ପରେ ଯେବେ ସେ ତାଙ୍କ ପଞ୍ଚାୟତ ର ଲିଟେରଚର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏକ କବିତା ଲେଖା ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କଲା, ସେତେବେଳକୁ ସରୋଜ ର ଏକେବାର କବିତା ନିଶା ହେଇସାରିଥାଏ । ଶୟନେ ସ୍ୱପନେ ଜାଗରଣେ ତାକୁ ଖାଲି କବିତା ସବୁ ଦିଶୁଥାନ୍ତି । ଧୀରେ ଧୀରେ ସରୋଜ ଆଗକୁ ବଢିବାକୁ ଇଚ୍ଛା କଲା ଆଉ ବିଭିନ୍ନ ପତ୍ର ପତ୍ରିକା କୁ ନିଜ ଲେଖା ପଠେଇବାକୁ ଲାଗିଲା । କିଛି କିଛି ନାମୀ ଖବରକାଗଜ କୁ ଛାଡି ବାକି ସବୁଥିରେ ସରୋଜ ର କବିତା ପ୍ରକାଶିତ ହେଇ ଚାଲିଲା । ସେସବୁ ଦେଖି ସରୋଜ କୁଣ୍ଢେମୋଟ ହେଇଯାଉଥାଏ । ଯେଉଁଦିନ ଯେଉଁ ପତ୍ରିକା ରେ ତାର କବିତା ବାହାରୁଥାଏ, ସଂଗେ ସଂଗେ ତାକୁ ସଂଗ୍ରହ କରି ସେ ଘର ଲୋକଙ୍କୁ ଦେଖାଉଥାଏ, ସାଙ୍ଗ ମାନଙ୍କୁ ଦେଖାଉଥାଏ ଏବଂ ସେମାନଙ୍କ ପ୍ରଶଂସା ସବୁ ରେ ଉତଫୁଲ୍ଲିତ ହେଉଥାଏ । ନୂଆ ନୂଆ ସମସ୍ତେ ଭାରି ପ୍ରଶଂସା କରୁଥିଲେ । କିନ୍ତୁ ଧୀରେ ଧୀରେ ସରୋଜ ପଛରେ ସମସ୍ତେ ବିରକ୍ତ ହେଲେ । ପ୍ରଥମେ ପ୍ରଥମେ ତ ଘରକୁ କିଏ ଆସିଲେ ଆଗ ତା ପଢ଼ାଘରକୁ ପଶିଯାଉଥିଲେ କିଛି କବିତା ଶୁଣିବା ପାଇଁ । କିନ୍ତୁ ଆଜିକାଲି ଆଉ କେହି ସେ ଆଡେ ଅନାଉ ନାହାନ୍ତି । ସାଙ୍ଗ ମାନଙ୍କ ଘରକୁ ଗଲେ ସେମାନେ ଘରେ ଥାଇ ବି ନଥିବାର ନାଟକ ରଚନା କରୁଥାନ୍ତି । ସରୋଜ ବୁଝିପାରୁନଥାଏ, ଏମିତି କାହିଁକି ହଉଚି । କଣ ଏମିତି ଭୁଲ ରହୁଛି ତା ଲେଖାରେ ଯେ ତାକୁ ସମସ୍ତେ ନଜର ଅନ୍ଦାଜ କରୁଛନ୍ତି । ସେ ତ ଯାହା ଲେଖୁଛି ସବୁ ଭଲ ହିଁ ଲେଖୁଛି । ତେବେ ଲୋକଙ୍କୁ ଭଲ ଲାଗୁନି କାହିଁକି ? ? ଏସବୁ ପ୍ରଶ୍ନ ର ଉତ୍ତର ପାଉନଥାଏ ସେ । ନ୍ୟୁଜ ହେଡଲାଇନ ହଉ କି ପାଣିପାଗ ହେଉ, ପୂର୍ଣ୍ଣମାର ଜହ୍ନ ରାତି ହେଉ କି ରାଜନୀତିକ ସରଗରମ ହେଉ, ସରୋଜ ଆଖିରେ ଯାହା ପଡୁଥିଲା ତାକୁ ଦେଖି ସେ ଚଟାପଟ ଦୁଇ ଚାରି ଅନୁଚ୍ଛେଦ ବିଶିଷ୍ଟ କବିତା କିମ୍ବା କ୍ଷୁଦ୍ର ଗଳ୍ପ କିମ୍ବା ପ୍ରବନ୍ଧ ଲେଖିଦେଉଥିଲା । ତାର ପ୍ରଥମ ପାଠିକା ଥିଲା ତାର ପ୍ରେମିକା ତଥା ବ୍ୟାଚମେଟ 'ଶ୍ରୁତି' । ଶ୍ରୁତି ମୁହଁରୁ ସେ କେବେ ବି ନିରାଶାଜନକ ଶବ୍ଦ ଶୁଣିନି । ' ବଢିଆ ହେଇଚି','ଭଲ ଲାଗିଲା','ଭଲ ଲେଖିଛ ' 'ବାଃ, ସୁନ୍ଦର ହେଇଚି ' ଇତ୍ୟାଦି ହେଉଛି ସରୋଜ ର ଲେଖା ପଢିସାରି ପ୍ରତିଥର ଶ୍ରୁତି ଫେରାଉଥିବା ଉତ୍ତର । ପ୍ରଥମେ ପ୍ରଥମେ ସେସବୁ ଶୁଣି ସରୋଜ ଖୁସି ହେଉଥିଲା ସିନା ଧୀରେ ଧୀରେ ସେ ଶ୍ରୁତି ର ମନସ୍ତାତ୍ତ୍ୱିକ ଅବସ୍ଥା ବୁଝିପାରିଲା ଯେ ସେ ଏସବୁ ବାରମ୍ବାର ପଢ଼ିପଢ଼ି ବିତସ୍ପୃହ ହେଇସାରିଲାଣି । କିନ୍ତୁ କଣ କରିବ, ନା ସେ ସାହିତ୍ୟ ନିଶା କୁ ଛାଡିପାରୁନଥାଏ କି ଶ୍ରୁତି କୁ ସେସବୁ ନଦେଖେଇ ରହିପାରୁଥାଏ !!

ଆଜି ଗାଁ ପାଖ ଗାନ୍ଧୀ ପାର୍କ ରେ ସେ ଶ୍ରୁତିକୁ କଥା ଛଳରେ ଯେତେବେଳେ ପଚାରିଲା , ' ଶ୍ରୁତି, ସତ କହିଲ ତୁମକୁ ମୋର ଆଉ କବିତା ଭଲ ଲାଗୁନି ନା ?'

ଶ୍ରୁତି ଆଶ୍ଚର୍ଯ୍ୟ ହେବାର ଅଭିନୟ କରି ଉତ୍ତର ଫେରାଇଲା , ' କିଏ କହିଲା ଭଲ ଲାଗୁନି ବୋଲି, ମୋତେ ତ ସବୁବେଳେ ଭଲ ଲାଗେ ତୁମ କବିତା'।

' ଆଚ୍ଛା, ଭଲ ଲାଗୁଚି ଯଦି କୁହ ତ ଦେଖି, କାଲି ଯୋଉ କବିତା ଟି ପଠେଇଥିଲି ତାର ଶୀର୍ଷକ କଣ ଥିଲା ? ' ଅନୁସନ୍ଧିତ୍ସୁ ଆଖିରେ ସରୋଜ ପଚାରିଲା ।

' ଉଁ.. 'ରାଜନୀତି ଏକ ପଶାପାଲି' ନାଁ କଣ ଏମିତି ଥିଲା ବୋଧେ..' ଟିକେ ଭାବି ତାପରେ ଥତମତ ହେଇ ଉତ୍ତର ଦେଲା ଶ୍ରୁତି ।

' ଜାଣିଥିଲି ମନେନଥିବ... ମୁଁ କାଲି 'ଅମର ପ୍ରେମ' କବିତା ପଠେଇଥିଲି... ଛାଡ଼.. ତୁମର ଦୋଷ ନୁହେଁ.. ମୁଁ ହିଁ ଆଜିକାଲି ଆଉ ଭଲ ଲେଖିପାରୁନି ଯୋଉଁଥିପାଇଁ କେହି ଆଉ ମୋ ଲେଖା କୁ ଆଦର କରୁନାହାନ୍ତି ' ସରୋଜ ଦୁଃଖ ମିଶା ବିରକ୍ତ ଭାବ ନେଇ କହିଲା ।

ଶ୍ରୁତି ସାମାନ୍ୟ ବିଚଳିତ ହେଇଯାଇ ସରୋଜ କୁ ବୁଝେଇବାରେ ଲାଗିଲା, ' ଏଇ, କାଇଁ ସବୁବେଳେ ସେ କବିତା କବିତା ହେଉଛ.. ହଁ ଗୋଟେ ଖୁସିରେ ଲେଖୁଛ ତ ଲେଖ.. କାଇଁ ସବୁବେଳେ ଅନ୍ୟ ମାନଙ୍କ ପ୍ରଶଂସା କୁ ଅଡ଼ି ବସୁଛ କହିଲ ? ? ତାଛଡା.. କଣ ହେବ ଏ କବିତା ଲେଖି.. କୋଉ ନୋବେଲ ପ୍ରାଇଜ ମିଳିବ ଏ ଓଡ଼ିଆ କବିତା ରେ ? ସମୟ କାହାକୁ ଅପେକ୍ଷା କରେନି.. ଗ୍ରାଜୁଏସନ ସରିବା ସରିବା ହେଲାଣି.. ଯାପରେ କଣ ପଢିବ କଣ କରିବ ଭାବ...ଆମକୁ ଆମ ଘର ସଂସାର କଥା ବି ଦେଖିବାର ଅଛି । କିଛି ଗୋଟେ ରୋଜଗାର ବ୍ୟବସ୍ଥା କର ନହେଲେ ମୋତେ ହରେଇଦେବ ଯେ !!'

ଓଃ... ସରୋଜ ଛାତି ଭିତରେ କଣ ଗୋଟେ ଖେଂଚି ହେଇଗଲା ପରି ଲାଗିଲା ।

ନାଁ ଆଉ ଏଠି ବସିରହି କିଛି ଲାଭ ନାହିଁ । ମା କେତେବେଳୁ ଅପେକ୍ଷା କରିଥିବ ଯେ ।' ଭାବନା ରେ ପୂର୍ଣ୍ଣଛେଦ ଟାଣି ସରୋଜ ଘର ମୁହାଁ ହେଲା ।

◀ ◀ ◀ ◀ ◀ ◀

ବାଇଶି ବର୍ଷ ପର ର ଦୃଶ୍ୟ ....

ଓଡିଶା ର ସବୁଠୁ ନାମୀ ଖବରକାଗଜ ତରଫରୁ ଇଣ୍ଟର୍ଭ୍ୟୁ ପାଇଁ ଆସିଥିବା ଯୁବ ସାମ୍ବାଦିକା ଜଣକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରଖ୍ୟାତ ଔପନ୍ୟାସୀକ ଡଃ ସରୋଜ ମହାପାତ୍ର ଙ୍କୁ ପଚାରୁଥାନ୍ତି ବିଭିନ୍ନ ପ୍ରଶ୍ନ ଏବଂ ଶାନ୍ତ ଚିତ୍ତ ପ୍ରସନ୍ନ ବଦନରେ କାଠ ଚେୟାର ଉପରେ ବସିଥିବା ଶ୍ରୀଯୁକ୍ତ ମହାପାତ୍ର ରଖୁଥାନ୍ତି ସରଳ ତଥା ସାବଲୀଳ ଉତ୍ତର ।

ପ୍ରଶ୍ନ : ' ଆପଣ ପ୍ରଥମେ ଅଧାପକ ନା ପ୍ରଥମେ ସାହିତ୍ୟିକ ?'

ଶ୍ରୀଯୁକ୍ତ ମହାପାତ୍ର ଙ୍କ ସଂକ୍ଷିପ୍ତ ଉତ୍ତର, ' ମୁଁ ପେସା ରେ ଅଧାପକ, ନିଶାରେ ସାହିତ୍ୟିକ, ଏଥିରେ ପ୍ରଥମ ଦ୍ୱିତୀୟ ସେମିତି କିଛି ନିର୍ଦ୍ଦିଷ୍ଟତା ନାହିଁ ।'

ପରବର୍ତ୍ତୀ ପ୍ରଶ୍ନ : ' ପ୍ରଥମେ ଛୋଟ ମୋଟ ଖବରକାଗଜ ରେ ଆଖି ଦେଖା ଘଟଣା ବିଷୟରେ ଅତି ସାଧାରଣ ଲାଗୁଥିବା କବିତା ସବୁ ପ୍ରକାଶନ ପରେ ହଠାତ ଦିନେ ଆଖି କଳ୍ପନା କରିପାରୁନଥିବା ଜୀବନର ଗୁଢ ତତ୍ତ୍ୱ ସମ୍ବଳିତ ଉପନ୍ୟାସ ଲେଖିବା ଆଡକୁ ପରିବର୍ତ୍ତିତ ହେବା ପଛରେ କଣ ରହସ୍ୟ ଅଛି ?'

ଡଃ ମହାପାତ୍ର ଙ୍କ ସହଜ ଉତ୍ତର, ' ଜୀବନ ଏକ ରହସ୍ୟମୟ ତଥା ରୋମାଞ୍ଚକର ପଥ । ସେଥିରେ କିଛି ବାଟ ଆମେ ନିଜେ ଚାଲୁ, ଆଉ କିଛି ବାଟ ଜୀବନ ନିଜେ ଆମକୁ କଢେଇ ନିଏ। ଔପନ୍ୟାସୀକ ମୁଁ ନିଜେ ନିଜେ ହେଇନି, ବରଂ ମୋ ଜୀବନ ମୋତେ ବନେଇଦେଇଛି ।'

ସାମ୍ବାଦିକାଙ୍କ ପରବର୍ତ୍ତୀ ପ୍ରଶ୍ନ, ' ଆପଣଙ୍କ ସାହିତ୍ୟିକ ଜୀବନରେ ସବୁଠୁ ବଡ଼ ପ୍ରୋତ୍ସାହକ କିଏ ? ପ୍ରେମିକା, ପତ୍ନୀ ନା ପରିବାର ?'

ଅପରିବର୍ତ୍ତିତ ମୁଖମଣ୍ଡଳ ରୁ ସାଧାରଣ ଶବ୍ଦ ରେ ଉତ୍ତର, ' ମୋ ସାହିତ୍ୟିକ ଜୀବନରେ ସବୁଠୁ ବଡ଼ ପ୍ରୋତ୍ସାହକ ନିଜେ ମୋ ଜୀବନ।'

ଉତଫୁଲ୍ଲିତ ହେଇ ଯୁବ ସାମ୍ବାଦିକା ଜଣକ ପଚାରିଲେ ତାପର ପ୍ରଶ୍ନ , ' ଆପଣଙ୍କ ମତ ରେ ସାହିତ୍ୟ ର ଅର୍ଥ କଣ ? ସ୍ୱ-ହିତ ନା ସମାଜର ହିତ ?'

ଡଃ ମହାପାତ୍ର ଙ୍କ ତୁରନ୍ତ ଉତ୍ତର, 'ସମାଜ ସାହିତ୍ୟିକ ର ଲକ୍ଷ୍ୟ କିନ୍ତୁ ପରିବାର ତାର ଦୁଇ ଗୋଡ଼ । ବିନା ଗୋଡ଼ ରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା କଷ୍ଟସାଧ । ଲକ୍ଷ୍ୟ ହାସଲ ପୂର୍ବରୁ ମଜଭୁତ ଗୋଡ଼ ଥିବା ଦରକାର । ସାହିତ୍ୟ ପ୍ରଥମେ ସ୍ୱ-ହିତ ସାଧନ କରେ,ତାପରେ ସମାଜ ର ହିତ । ନିଜକୁ ବଦଳାଉ ବଦଳାଉ କେତେବେଳେ ସମାଜ ବଦଳିବା ଆରମ୍ଭ କରେ ଜଣାପଡ଼େନି ।'

ଟିକେ ଘୁମ ମାରି ସାମ୍ବାଦିକା ପଚାରିଲେ ଅନ୍ତିମ ତଥା ସବୁଠୁ ମହତ୍ୱପୂର୍ଣ୍ଣ ପ୍ରଶ୍ନ, 'ଆପଣଙ୍କ ମତରେ, ଜଣେ ସାହିତ୍ୟିକ ହେବାକୁ ହେଲେ କିପରି ସାଧନା କରିବା ଦରକାର ?'

ଦୀର୍ଘଶ୍ୱାସ ଛାଡି ସରୋଜ ବାବୁ ଦେଲେ ଉତ୍ତର, ' କିଛି ଚାରା କୁ ଆମେ ବଗିଚାରେ ଅତି ଯତ୍ନ ସହକାରେ ବଡ଼ କରୁ , ଆଉ କିଛି ଚାରା ଜଙ୍ଗଲ ରେ ଆପେ ଆପେ ଦ୍ରୁମ ପାଲଟିଯାଏ । ସେମିତି କିଛି ସାହିତ୍ୟିକ ପରିପାର୍ଶ୍ୱିକ ପରିସ୍ଥିତିର ଲାଭ ଉଠେଇ, କିଛି ଆପଣାର ଲୋକଙ୍କ ସାହାଯ୍ୟ ସାନ୍ନିଧ ପାଇ ସାହିତ୍ୟିକ ହୁଅନ୍ତି, ଆଉ କିଛି ସାହିତ୍ୟିକ ଜୀବନର କଷଟି ପଥର ରେ ବାରମ୍ବାର ଘଷିମାଜି ହେଇ, ଈଶ୍ୱରଙ୍କ ନିର୍ମିତ ସଂସାର ରୂପୀ କମାରଶାଳ ରେ ଜଳିଜଳି ବନିଥାନ୍ତି । ସେମାଙ୍କୁ ବିଶେଷ କିଛି ସାହିତ୍ୟ ସାଧନା କି ବହି ପଢିବା ର କଷ୍ଟ କରିବା ଦରକାର ପଡ଼େନି ।'

ହସହସ ମୁହଁ ସହ ଧନ୍ୟବାଦ ଜ୍ଞାପନ କରି ସାମ୍ବାଦିକା ଜଣକ ଚାଲିଗଲେ । ଅଧାପକ ମହାଶୟ ପୁଣି ଏକ ଦୀର୍ଘଶ୍ୱାସ ଛାଡି ମନେପକେଇବାକୁ ଲାଗିଲେ ବାଇଶି ବର୍ଷ ତଳେ ଶିବ ମନ୍ଦିର ପିଣ୍ଡିରେ ହେଇଥିବା ସେ ଭାବାନ୍ତର ଦୃଶ୍ୟକୁ ଆଉ ତା ପରବର୍ତ୍ତୀ ସଂଘର୍ଷମୟ ଅତୀତ କୁ ଯୋଉଥିରେ ସେ କିଛି ପାଇଲେ ତ କିଛି ହରେଇଲେ ।

ମୁଖ ମଣ୍ଡଳ ର ଭାବ ଭଙ୍ଗୀ ପରିବର୍ତ୍ତିତ ହେବା ଆଗରୁ ପ୍ରକୃତିସ୍ଥ ହେଇ ପତ୍ନୀ ଙ୍କ ଉଦ୍ଦେଶ୍ୟ ରେ ସେ ଡାକ ଛାଡିଲେ ।

' ମୋହିନୀ... ଟିକେ ଚା ଆଣିଦେବ ତ...'।

# ବନ୍ଧନ


ବିଷ୍ଣୁ ପ୍ରସାଦ ଦାସ




ସେଦିନ ବୁଧବାର ଥିଲା, ଅଫିସ କାର୍ଯ୍ୟ ଶେଷ କରି ପ୍ରାୟ ସନ୍ଧ୍ୟା ୭ ଟା ସୁଦ୍ଧା ଘରେ ପହଂଚି ଯାଇଥିଲି ଓ ଯଦିଓ ଅଫିସ ୬ଟା ସମୟରେ ଛୁଟି ହୋଇଯାଏ ତେବେ ଅଫିସରୁ ଘରକୁ ଆସିବାକୁ ପ୍ରାୟ ଏକ ଘଣ୍ଟା ସମୟ ଲାଗିଯାଏ , ଆଜିକାଲି ରାସ୍ତାରେ ଯେଉଁଭଳି ଟ୍ରାଫିକ ଯାମ ତା'ପରେ ବସ ଗୁଡିକରେ ଅଫିସ ଛୁଟି ସମୟର ଭିଡ଼ ସତରେ ଘରକୁ ଫେରିବା ପାଇଁ ଗୋଟିଏ ପ୍ରତିଯୋଗିତା ପରି ଲାଗେ ଓ ଘରେ ପହଂଚି କେମିତ ଗାଧୁଆଘର ଯାଇ ଲୁଗାପଟା ବଦଳାଇବି ଆଉ ଟିକେ ଧୁଆ ଧୋଇ ହେବି ସେଇ ଚିନ୍ତା, ବସ ଷ୍ଟାଣ୍ଡରୁ ବସରୁ ଓଲ୍ହାଇ ଘରେ ପହଂଚି କଲିଙ୍ଗବେଲ ସୁଇଚ ଟିପିଦେଇ ମୋର ଉପସ୍ଥିତି ଜଣାଇ ଦେଲି, ଶାଶୁ ମା' ଆସି କବାଟ ଖୋଲିଦେଲେ ଓ ଟିକେ ସ୍ମିତ ହାସ୍ୟ ଆଉ ତାଙ୍କର ଜିଜ୍ଞାସୁ ଉଜ୍ଜଳ ଚକ୍ଷୁ ଦୁଇଟି ସତେ ଯେମିତି ମୋର ଭଲ ମନ୍ଦ ପଚାରିବାକୁ ଆଗ୍ରହୀ, ମୋର ଶାଶୁମା ଖୁବ ସ୍ନେହୀ ମଣିଷଟିଏ, ସବୁବେଳେ ହସ ହସ ମୁହଁ ଓ ମୁଁ ବି ଟିକେ ହସିଦେଇ ଅଫିସ ବ୍ୟାଗ ଟିକୁ ଟେବୁଲ ଉପରେ ରଖିଦେଇ ସିଧା ଗାଧୁଆଘର ଭିତରକୁ ଚାଲିଗଲି ଓ ପ୍ରାୟ ୧୫ ମିନିଟ ପରେ ଫେରି ନିଜକୁ ଟିକେ ସୁସ୍ଥ ଅନୁଭବ କରି ସୋଫା ଉପରେ ବସିଗଲି ଓ ଘରେ ନୂତନ ବ୍ୟକ୍ତିଙ୍କ ସ୍ୱର ଶୁଣି ଭାବିଲି ବୋଧହୁଏ କେହି ଘରକୁ ଆସିଛନ୍ତି ଓ ଶାଶୁମା' ଜଣେ ବୟସ୍କା ମହିଳାଙ୍କୁ ଧରି ଆସିଲେ, ମୁଁ ଦୁଇ ଜଣଙ୍କୁ ଦେଖି ସୋଫା ଉପରୁ ଉଠି ଠିଆ ହୋଇ ପଡିଲି, ଶାଶୁମା' ମୋତେ ଚିହ୍ନାଇ ଦେଲେ 'ଇଏ ହେଉଛନ୍ତି ତୋ' ପିଉସୀ ଶାଶୁ', ଦୁଇ ଜଣଙ୍କୁ ମୁଣ୍ଡିଆ ମାରି ଠିଆ ହୋଇଥିଲି, ଶାଶୁମା' କହିଲେ 'ଆଲୋ ରୁନୁ ତୋ' ବାହାଘର ବେଳେ ସେ ଆସିପାରି ନଥିଲେ ଖୁବ ଅସୁସ୍ଥ ଥିଲେ 'ମୁଁ ଟିକେ ହସିଦେଇ କହିଥିଲି 'ହଁ ମା', ମୁଁ ତାଙ୍କ ବିଷୟରେ ଶୁଣିଛି ଆଜି ତା'ଙ୍କୁ ଦେଖିବାର ସୁଯୋଗ ପାଇଲି' ବିବାହର ଅଢେଇ ବର୍ଷ ପରେ ପିଉସୀ ଶାଶୁଙ୍କ ସହିତ ଦେଖା ଖୁବ ଭଲ ଲାଗିଥିଲା ସେଦିନ, ପିଉସା ଶଶୁର କେବେଠାରୁ ଆରପାରିକୁ ଚାଲିଯାଇଛନ୍ତି ତେଣୁ ତା'ଙ୍କୁ ଦେଖିବାର ସୁଯୋଗ ପାଇନାହିଁ ଓ ପତଳା, ଗୌରବର୍ଣ୍ଣ ଦେଖିବାକୁ ଖୁବ ସୁନ୍ଦର ବୟସ ୬୦ ଉପରେ କିନ୍ତୁ ନିଜର ଯତ୍ନ ନେଉଥିବାରୁ ଏତେ ବୟସ୍କା ପରି ଆଦୌ ଜଣା ପଡନ୍ତି ନାହିଁ, ଠିକ ଏତିକି ବେଳେ ଆଲୋକ ଚା' ନେଇ ସେଠି ପହଂଚିଗଲେ, ଆଲୋକ ମୋର ସ୍ୱାମୀ, ଶାଶୁମା'ଙ୍କର ଗୋଟିଏ ମାତ୍ର ସନ୍ତାନ, ଆଲୋକ, ସରକାରୀ ମହାବିଦ୍ୟାଳୟରେ ଇଂରାଜୀ ଅଧାପକ ଓ ଆଲୋକଙ୍କ ହାତରେ ଚା'ଟ୍ରେ ଦେଖି ପିଉସୀ ଶାଶୁଙ୍କର କିଛିଟା ଭାବ ଭଙ୍ଗୀରେ ପରିବର୍ତ୍ତନ ଲକ୍ଷ କରିଥିଲି ଓ ଆଲୋକ ସମସ୍ତଙ୍କୁ ଚା' ଦେଇସାରି ନିଜେ ଗୋଟିଏ କପ ଚା' ଧରି ସୋଫା ଉପରେ ବସି କିଛି ବିଷୟ ଆରମ୍ଭ କରିବା ପୂର୍ବରୁ ପିଉସୀ ଶାଶୁଙ୍କ ବକ୍ତବ୍ୟ ଆରମ୍ଭ ହୋଇଗଲା, ଶାଶୁମାଙ୍କୁ ସେ କହିବା ଆରମ୍ଭ କରିଦେଲେ 'ଭାଉଜ, ଆଲୋକ କ'ଣ ଚା' କରି ଆଣିଲା ? ବୋହୂ କ'ଣ ଏଠି ବସିଛି ? ଶାଶୁମା' ଖୁବ ସହଜ ଭାବେ ଉତ୍ତର ଦେଲେ 'ବୁଝିଲ ବିନି, ଆଲୋକ ତ'ଶୀଘ୍ର ଘରକୁ ଫେରିଆସେ ତେଣୁ ସେ ତା'ର କାମ ସାରି ବସିଥାଏ, ବୋହୂ ରୁନୁ ଅଫିସରୁ ଆସିବାକୁ ଟିକେ ବିଳମ୍ବ ହୁଏ ଆଉ ସେ ବହୁତ ଥକି ଯାଇଥାଏ ସେଇଥିଲାଗି ମୁଁ ଆଲୋକକୁ କହିଛି ସେ ଟିକେ ଅପରାହ୍ନର ଚା' କରିଦେବ, ତା'ଛଡା ଦୁଇଜଣ ଯାକ ତ' ଚାକିରିଆ ତେଣୁ ମିଳିମିଶି ଯଦି ଘର ସଂସାର କାମ ନକରିବେ ତେବେ କେମିତି ହେବ ତୁମେ କୁହ ?' ଶାଶୁମା'ଙ୍କ କଥାଗୁଡ଼ିକ ପିଉସୀଶାଶୁ ଠିକ ହଜମ କରିପାରିଲେ ନାହିଁ ବୋଧହୁଏ, କାରଣ ତା'ଙ୍କର କପାଳ କୁଞ୍ଚନ ଏହା ସୂଚାଇ ଦେଉଥିଲା ଓ ମୁଁ ବି ଏହି କଥାକୁ ଏତେଟା ଗୁରୁତ୍ୱ ଦେଇ ନ'ଥିଲି ଓ ପରଦିନ ସଖାଳେ ଶୀଘ୍ର ଶୀଘ୍ର କାମ ସାରି ଅଫିସ ଯିବାକୁ ପଡିବ ତେଣୁ, ରାତ୍ରି ଭୋଜନ ପରେ କିଛି ଆଳାପ ଆଉ ନିର୍ଦ୍ଧାରିତ ସମୟରେ ଯେ ଯାହାର ରୁମରେ ଶୋଇପଡିଲେ ଓ ସକାଳେ ରୋଷେଇ ଘରେ ଆଲୋକ ଆଉ ମୁଁ ଦୁଇଜଣ ମିଶି ରୋଷେଇ କରିବାରେ ବ୍ୟସ୍ତ ଥାଉ, ଶାଶୁମା' ଘରର ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଏହି ସମୟରେ ପିଉସୀ ଶାଶୁମାଙ୍କ ସ୍ୱର ଶୁଭିଲା 'ଭାଉଜ, ଭାଉଜ କୁଆଡେ ଗଲ ? ଆରେ ଏ'କି କଥା ଆଲୋକ କ'ଣ ରୋଷେଇ କରୁଛି ? ଏତେ ବ୍ୟସ୍ତତା ଭିତରେ ଆଲୋକ କହିଥିଲେ 'କଣ କିଛି ଅସୁବିଧା ହେଲାକି ? 'ନା'ରେ ବାପା, ଆଲୋକ, ତୁ' ମରଦ ପିଲାଟା ହେଇ ସେଇ ରୋଷେଇ ଶାଳରେ କାହିଁକି ପସିଛୁ ? ବୋହୂ କ'ଣ ରୋଷେଇ ଜାଣିନାହିଁ ନା' କରିବାକୁ କଷ୍ଟ ହେଉଛି ?' ଆଲୋକଙ୍କ ମୁହଁର ରଙ୍ଗ ଟିକେ ବଦଳି ଯାଇଥିଲା ଅଭିମାନ ଆଉ କିଛିଟା ରାଗ ବୋଧ ହୁଏ ଆଲୋକଙ୍କ ମନ ଭିତରେ ଜମାଟ ବାନ୍ଧୁଥିଲା, ସେ କିଛି ନ'କହି ଚୁପ ରହିଥିଲେ ଆଉ ମୋ'ଶାଶୁମା' ତତକ୍ଷଣାତ ସେଠାରେ ଉପସ୍ଥିତ ହୋଇ ପରିସ୍ଥିତିକୁ ସମ୍ଭାଳିନେଲେ, 'ବିନି ମୁଁ ଆଲୋକକୁ ରୋଷେଇ ଶିଖାଇ ଦେଇଛି, ସେ ଖୁବ ଭଲ ରୋଷେଇ କରିପାରେ ଆଉ ରୁନୁ ବି ବହୁତ ସାହାଯ୍ୟ କରେ, ଏଥିରେ ଭୁଲ କ'ଣ ରହିଲା ଯେ ? 'ଦୁଇଜଣ ଚାକିରିଆ ହେଲେ ତ' ଅନେକ କିଛି ନିଜ ନିଜ ଭିତରେ ସହଯୋଗର ହାତ ବଢାଇବାକୁ ପଡିବ, ନ'ହେଲେ ଅଶାନ୍ତି ଆଉ ଗୃହଯୁଦ୍ଧର ଆରମ୍ଭ ଓ ପିଉସୀ ଶାଶୁଙ୍କ ଏପରି କଥା ଆଦୌ ଭଲ ଲାଗୁ ନ'ଥିଲା, ଶାନ୍ତ ପରିବେଶକୁ ଅଶାନ୍ତ କରିବାର ସବୁ ପ୍ରକାର ଗୁଣରେ ସେ ପରିପୂର୍ଣ୍ଣ ଓ ଥିଲେ, ତା'ଙ୍କର ସାତଦିନ ରହଣି ଭିତରେ ଆମ ଘରର ପ୍ରତି କଥାରେ ସେ ମୁଣ୍ଡ ପୁରାଇବାକୁ ନିଜର ଅଧିକାର ବୋଲି ଭାବୁ ଥିଲେ, ଜାଣେନା କାହିଁକି ଏପରି ଚରିତ୍ର ମାନଙ୍କୁ ଭଗବାନ ସୃଷ୍ଟିକୁ ଆଣିଛନ୍ତି ? ନିଜର ସୁଖ, ନିଜର ସ୍ୱାର୍ଥ ପାଇଁ ଆଉ ନିଜର ଇଚ୍ଛା ଶକ୍ତିକୁ ଅନ୍ୟ ଉପରେ ଲଦିଦେଇ କିଯେ ଆନନ୍ଦ ପାଆନ୍ତି କେବଳ ସେମାନେ ଜାଣନ୍ତି ଓ ସେଇଥି ପାଇଁ ସ୍ୱାମୀଙ୍କ ଦେହାନ୍ତ ପରେ ଝିଅଘରେ ରହି ଝିଅ, ଜ୍ୱାଇଁ ଉପରେ ହାକିମାତି ଦେଖାନ୍ତି ଆଉ ନାତି ନାତୁଣୀଙ୍କର ଆୟା ହେବାକୁ ପସନ୍ଦ କରନ୍ତି ଓ ସେ ଯାହା ହେଉ ସେ ଯେଉଁଠି ଥା'ନ୍ତୁ ଭଲରେ ରୁହନ୍ତୁ କିନ୍ତୁ ଏହିପ୍ରକାର ଅନ୍ୟର ଘରେ ଅନଧିକାର ପ୍ରବେଶ କରି ଅଶାନ୍ତି ନ'କରନ୍ତୁ ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା, ତା'ଙ୍କର ସାତଦିନ ରହଣି ସତେ ଯେମିତି ଆମକୁ ସାତ ବର୍ଷ ପରି ଲାଗିଥିଲା ଓ ଆଲୋକ ଯେତେବେଳେ ମାଟ୍ରିକ ପଢୁଥିଲେ ଗୋଟିଏ ଦୁଖଦଃ ଗାଡି ଦୁର୍ଘଟଣାରେ ତା'ଙ୍କ ପିତା ଆରପାରିକୁ ଚାଲିଗଲେ, ମୋର ଶାଶୁମା' ଖୁବ କଷ୍ଟ କରି ଆଲୋକଙ୍କୁ ମଣିଷ ପରି ମଣିଷ ଟିଏ କରି ଗଢି ତୋଳିଛନ୍ତି, ଆଜି ଆଲୋକ ପ୍ରତିଷ୍ଠିତ, ସେ ତା'ଙ୍କ ମା'ଙ୍କୁ ଖୁବ ଭଲ ପାଆନ୍ତି, ମା'ପୁଅ ଦୁଇଜଣ ଦୁଇଜଣଙ୍କ ଜୀବନ କହିଲେ ଅତ୍ୟୁକ୍ତି ହେବନାହିଁ ଓ ଆଲୋକ ଆଉ ଶାଶୁମା' ଦୁଇଜଣ ମୋ' ମନରେ କେବେବି କଷ୍ଟ ଦେଇନାହାନ୍ତି, ମୁଁ ନିଜକୁ ଖୁବ ଭାଗ୍ୟବତୀ ଭାବେ, ଆଜିକାଲିର ଦୁନିଆରେ ଏପରି ସ୍ୱାମୀ ଆଉ ଶାଶୁମା' ପାଇବା ଖୁବ ବିରଳ ଓ ପରିବାରରେ ତିନିଜଣ, ପରସ୍ପର ପରସ୍ପରଙ୍କୁ ଖୁବ ନିବିଡ଼ ଭାବେ ଭଲପାଉ ଆଉ ପ୍ରତିଟି କଥାରେ ସହଯୋଗ କରିଥାଉ ତେଣୁ ଆମ ଘର ସ୍ୱର୍ଗ ପରି ମନେ ହୁଏ ଓ ଭଲପାଇବା ଆଉ ତ୍ୟାଗରେ ଯେଉଁ ଆନନ୍ଦ ମିଳେ ତାହା କେବଳ ହୃଦୟରେ ଅନୁଭବ କରିହୁଏ, ବ୍ୟାଖ୍ୟା କରିବା ସମ୍ଭବ ନୁହେଁ ଓ ଶାଶୁମା'ଙ୍କ ଆମ ପାଖରେ ସବୁବେଳେ ଗୋଟିଏ ଅଳି ଆଉ ଆମେ ଦୁଇଜଣ ସେହି ଅଳିକୁ ଏତେ ଶୀଘ୍ର ପୂରଣ କରିବାକୁ ଇଚ୍ଛା କରୁନଥିଲୁ, ସେ ଯେତେବେଳେ ସେହି ପ୍ରସଙ୍ଗ ଉଠନ୍ତି ଆମେ ଦୁଇଜଣ ହସି ହସି ହଉ ଦେଖିବା କହି ଏଡାଇ ଯାଉ, ସେ କୁହନ୍ତି 'ଆରେ ଆଲୋକ ଆଉ ରୁନୁ ସାରାଦିନ ଏତେବଡ଼ ଘର ଟାରେ ଏକା ବସୁଛି, ତୁମେ ଦୁଇଜଣ ତ' ଅଫିସ ଚାଲିଯାଉଛ ତେବେ ମୋତେ ଗୋଟିଏ ନାତି କି ନାତୁଣୀ ଦେଉନ' ମୁଁ ହେଲେ ତା' ସହିତ କିଛି ସମୟ ବିତେଇ ଦେଇ ପାରିବି 'ଆଲୋକ କହନ୍ତି 'ବୋଉ ତୁ' ଏତେ ବ୍ୟସ୍ତ କାହିଁକି ହେଉଛୁ ଟିକେ ସମୟ ଦେ, ସବୁ ଠିକ ହୋଇଯିବ ' ଶାଶୁମା' ଟିକେ ମୁହଁ ଫୁଲେଇ ଅଭିମାନ କରନ୍ତି ଆଉ ମୁଁ ତା'ଙ୍କୁ ଟିକେ କୁଣ୍ଢେଇ ପକେଇ ଆଶ୍ୱାସନା ଦିଏ, ତା' ପରେ ସବୁ ଠିକ ଆଉ ଯେ ଯାହାର କାର୍ଯ୍ୟରେ ଚାଲିଯାଉ ଓ ମୋ ଶାଶୁଙ୍କ ପରି ଶାଶୁ ଆଉ ଆଲୋକ ପରି ସ୍ୱାମୀ ସମସ୍ତଙ୍କୁ ମିଳୁ ଏହା ହିଁ ମୋର ପ୍ରାର୍ଥନା ଓ ସାବିତ୍ରୀ ଅମାବାସ୍ୟାର ଦୁଇଦିନ ପୂର୍ବରୁ ବାପା ଆସିଥିଲେ , ସାବିତ୍ରୀ ଭାର ଦେଇଗଲେ,ଶାଶୁମା', ଆଲୋକଙ୍କ ସହିତ କେତେ ଦୁଃଖ ସୁଖ ହୋଇ ଭଲ ମନ୍ଦ ବୁଝି ବିଦାୟ ନେଲେ ଓ ଆମ ସମସ୍ତଙ୍କର ଅନେକ ଅନୁରୋଧ ସତ୍ତ୍ୱେବି ସେ କୌଣସି ଜିନିଷ ଖାଇଲେ ନାହିଁ ତା'ର କାରଣ ନାତି, ନାତୁଣୀ ନ'ହେବ ପର୍ଯ୍ୟନ୍ତ ସେ ଝିଅ ଘରେ ଖାଦ୍ୟ ଗ୍ରହଣ କରିବେ ନାହିଁ ଏହି ପ୍ରଥା କେଉଁ ଅନନ୍ତ କାଳରୁ ଚାଲି ଆସିଛି ଆଉ ତା'କୁ ଆଜିବି କିଛି ପିତା, ମାତା ମାନୁଛନ୍ତି ଓ ବାପା ମୋର ଖୁବ ଅମାୟିକ ଆଉ ସରଳ ଜୀବନ ଜାପାନ କରନ୍ତି, ଖୁବ ଦରଦୀ ମଣିଷ ଟିଏ କିନ୍ତୁ କେବେ ବି ଏହି କଥା କାହାରି ପାଖରେ ପ୍ରକଶ କରନ୍ତି ନାହିଁ, ଯେଉଁମାନେ ତା'ଙ୍କୁ ଖୁବ ନିକଟରୁ ଜାଣିଛନ୍ତି ସେଇମାନେ ହିଁ କେବଳ ତା'ଙ୍କ ବିଷୟରେ କିଂଚିତ ଜାଣନ୍ତି ଓ ବାପା ଗାଁ ସ୍କୁଲର ପ୍ରଧାନ ଶିକ୍ଷକ, ଆଦର୍ଶ ଶିକ୍ଷକ ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ, ନିଜ ଦାୟିତ୍ୱକୁ ସେ ଖୁବ ସୁଚାରୁରୂପେ ସମ୍ପାଦନ କରିବା ସହିତ ଅନେକ ଛାତ୍ର ଛାତ୍ରୀଙ୍କୁ ମାଗଣାରେ ପଢ଼ାଇଥାନ୍ତି ଓ ପାଞ୍ଚଖଣ୍ଡ ମୌଜାରେ ତାଙ୍କୁ ସମସ୍ତେ ଚିହ୍ନନ୍ତି ଓ ମୋ'ର ଯେତେବେଳେ ପଞ୍ଚମ ଶ୍ରେଣୀ ମୋ' ଭାଇ ସପ୍ତମ ଶ୍ରେଣୀରେ ପଢୁଥିଲା, ଆମେ ଭାଇ ଭଉଣୀ ଖୁବ ଭଲ ପାଠ ପଢୁଥିଲୁ ଘରେ ମୋର ବୋଉ, ସେ ଟିକେ ରୋଗୀଣା ଆଉ ବେଶୀ କାମ କରି ପାରେନାହିଁ ତେଣୁ ବାପା ଭାଇ ଓ ମୁଁ ମିଶି କିଛି କିଛି କାମରେ ସାହାଯ୍ୟ କରିଥାଉ ଓ ଗାଈ, ବାଛୁରୀ, ଗୁହାଳ କାମ ପାଇଁ ରାଧୁକକା ଆସନ୍ତି ଓ ସ୍କୁଲରେ ଥିବା ସମୟରେ ଖବର ପାଇଲି ମୋ'ର ବୋଉ ଭୀଷଣ କଷ୍ଟ ପାଉଛି, ବାପା ବୋଉକୁ ସ୍ଥାନୀୟ ହାସ୍ପାତାଳ ନେଇ ଗଲେ ଆଉ ଡାକ୍ତର ଦେଖି ବାପାଙ୍କୁ କହିଲେ ତା'ଙ୍କୁ ତୁରନ୍ତ କଟକ ବଡ଼ ମେଡିକାଲ ନେଇ ଯା'ନ୍ତୁ ଓ ସାତଦିନ ବ୍ୟାପି ସମସ୍ତଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ବି ଆମେ ଆମ ବୋଉକୁ ବଞ୍ଚାଇ ପାରିଲୁ ନାହିଁ ଓ ସେଦିନ ମୁଁ ଅନେକ କାନ୍ଦିଥିଲି, କାନ୍ଦି କାନ୍ଦି ମୋ' ତକିଆ ମଧ୍ୟ ଲୁହରେ ଓଦା ହୋଇ ଯାଇଥିଲା କିନ୍ତୁ ମୋ' ବୋଉ ଆଉ ଫେରିଲାନାହିଁ, ସେ ଚାଲିଗଲା କେଉଁ ଏକ ଅଜଣା ରାଇଜକୁ ଯେଉଁଠାରୁ କି କେହି କେବେ ଫେରିବାର ନଜିର ନାହିଁ, ସମସ୍ତେ ସ୍ତବ୍ଧ, ଭାଇ ଖୁବ ଆଘାତ ପାଇଥିଲା ଆଉ ମୋ' ବାପା ତ' ପୁରା ଭାଙ୍ଗି ପଡ଼ିଥିଲେ, ସେ ହୁଏତ ଏହି ଦୁଃଖକୁ ଆଦୌ ବରଦାସ୍ତ କରି ପାରୁନ'ଥିଲେ ତା'ଙ୍କର ଗମ୍ଭୀର ମୁଖମଣ୍ଡଳ ଆଉ ଚିନ୍ତାଗ୍ରସ୍ତ ଚେହେରା ଦେଖି ସତରେ ଖୁବ ଭୟ ଲାଗୁଥିଲା ଓ ବନ୍ଧୁ ବାନ୍ଧବ ଆସି ବୋଉର ଦଶାହ କର୍ମ୍ମ ପରେ ଯେ ଯାହା ସ୍ଥାନକୁ ବାହୁଡ଼ି ଗଲେ, ଘରଟା ଖାଲି ଖାଲି ଲାଗିଲା, ମୋ' ବୋଉର ଖଟ ଉପରେ ମୁଁ ସୋଇ ବାହୁନି ବାହୁନି କାନ୍ଦିଛି ଲୁହ ଆଉ ମନର କୋହ ଏକ ହୋଇ ବୋହିଯାଇଛି, ତେବେବି ମୁଁ ଆଜି ମୋ' ବୋଉକୁ ଭୁଲି ପାରୁନାହିଁ, ତା'ର ସ୍ନେହ, ଆଦରରେ ବନ୍ଧା ମୋ' ଜୀବନ ବୋଉର ଅନୁପସ୍ଥିରେ ସତେ ଯେମିତି ଅଟକି ଯାଇଛି ଓ ଭାଇ ପୁଅ ପିଲା ସେ କ'ଣ ଆଉ ତା' ମନକଥା ଏତେ ଖୋଲି କହିବି ? ଖୁବ ଗମ୍ଭୀର ହୋଇ ଯାଇଛି ତା'ର ସ୍ୱଭାବ, ମନେ ମନେ ଖୁବ ଖୋଜୁଛି ବୋଉକୁ, ଅଗଣାର ସେଇ ବରକୋଳି ଗଛ ମୂଳରେ ଅନେକ ସମୟ ବସିଥାଏ କାରଣ ମୋ' ବୋଉ ଏଇ ବରକୋଳି ଗଛଟି ମାମୁ ଘରୁ ଆଣି ଏଠି ଲଗାଇଥଲା ଆଉ ସେଇ ଗଛର ମିଠା କୋଳି ସମସ୍ତଙ୍କର ଅତି ପ୍ରିୟ ଓ ଭାଇ ବହୁତ ଝୁରେ ବୋଉକୁ, କିନ୍ତୁ 'ବିଧିର ବିଧାନ କେ କରିବ ଆନ' ବୋଉ ଚାଲିଗଲା ସେଇ ବରକୋଳି ଗଛ ତା'ର ଏକ ସ୍ମୃତି ହୋଇ ରହଗଲା ଓ ବାପା ନିୟମିତ ସ୍କୁଲ ଯା'ନ୍ତି ଆମ ପଢାପଢି ଠିକ ଚାଲୁଥାଏ, ଭାଇ ମାଟ୍ରିକ ପରକ୍ଷାରେ ଦଶଜଣ କୃତି ଛାତ୍ରଙ୍କ ଭିତରେ ଥିଲା, ସେ ଖୁବ ଭଲ ପାଠ ପଢେ, ଉଚ୍ଚ ଶିକ୍ଷା ପାଇଁ ଭୁବନେଶ୍ୱର ବକ୍ସି ଜଗବନ୍ଧୁ କଲେଜରେ ନାମ ଲେଖାଇଲା ଓ ସମୟ ଗଡି ଚାଲେ ଭାଇ ଡାକ୍ତରୀ ପଢିବା ପାଇଁ କଟକ ଯାଏ, ମୁଁ ମଧ୍ୟ ରେଭେନ୍ସା କଲେଜରେ ଇଂରାଜୀ ବିଷୟ ନେଇ ସ୍ନାତକୋତ୍ତର ପଢୁଥାଏ ଓ ବାପା ନିୟମିତ ସ୍କୁଲ ଯା'ନ୍ତି ରାଧୁକକା ତା'ଙ୍କୁ ଘର କାମରେ ସାହାଯ୍ୟ କରନ୍ତି, ରାଧୁ କକା ଏବେ ଆମ ଘରର ସଦସ୍ୟ କହିଲେ ଚଳେ ଓ ଆଲୋକଙ୍କ ସହିତ ମୋର କଲେଜରେ ଦେଖା ସେ ମୋ' ଉପର ବ୍ୟାଚର ଛାତ୍ର, ଖୁବ ମେଳାପୀ, ଭଦ୍ର ଆଉ ମାପିଚୁପି କଥା କୁହନ୍ତି, ଜାଣେନା କେଉଁ ଏକ ଶୁଭ ମୁହୂର୍ତ୍ତରେ ଦୁଇଜଣ, ଦୁଇଜଣଙ୍କୁ ଭଲପାଇ ବସିଲୁ ଆଉ ଦୁଇ ପରିବାରଙ୍କର ସମ୍ମତି କ୍ରମେ ବିବାହ ବନ୍ଧନରେ ଆବଦ୍ଧ ହୋଇଗଲୁ, ଆଲୋକ ଆଜି ଇଂରାଜୀ ଅଧାପକ ଆଉ ମୁଁ ଓଡିଶା ସରକାରଙ୍କ ଜଣେ ପ୍ରଶାସନିକ ଅଧିକାରୀ ଓ ଆମେ ଦୁଇଜଣ କେବେବି ଆମ ଦାୟିତ୍ୱରେ ଅବହେଳା କରିନାହୁଁ ଓ ଭାଇ ଏବେ ଆମେରିକା ଉଚ୍ଚଶିକ୍ଷା ପାଇଁ ଯାଇଛି ଓ ବାପା ସମ୍ପୂର୍ଣ୍ଣ ଏକା, ରାଧୁକକା ଆଉ ବାପା ନିଜ ନିଜ ଦୁଃଖ ସୁଖ ନିଜ ଭିତରେ ବାଣ୍ଟନ୍ତି, ଚାକିରିରୁ ଅବସର ନେବାପରେ ବାପା ସକାଳେ ସନ୍ଧ୍ୟାରେ ପିଲାଙ୍କୁ ମାଗଣା ଟିଉସନ ଦିଅନ୍ତି ଓ ମୋ' ପାଇଁ ମୋ' ବାପା ଗର୍ବ, ଆଉ ବାପା ସବୁବେଳେ ସୁସ୍ଥ ରହି ସମସ୍ତଙ୍କୁ ସତ ବୁଦ୍ଧି ଦିଅନ୍ତୁ ଏହାହିଁ ମୋର ଭଗବାନଙ୍କ ପାଖରେ ପ୍ରାର୍ଥନା ଓ ମୋ' ପରିବାର ଆଉ ଆଲୋକଙ୍କ ପରିବାର ଭିତରେ ମୁଁ କୌଣସି ପାର୍ଥକ୍ୟ ଦେଖେ ନାହିଁ ଦୁଇଟି ପରିବାର ମୋର ଅତି ଆପଣାର ଆଉ କାହାରି ବିନା ମୁଁ ବଂଚିବା ନିରର୍ଥକ ବୋଲି ଅନୁଭବ କରେ ଓ ଦୁଃଖ ସୁଖରେ ବନ୍ଧା ଭଗବାନ ପ୍ରଦତ୍ତ ଏଇ ଜୀବନ ବଡ଼ ବିଚିତ୍ର, ଜନ୍ମ ଦେଇଥିବା ପିତା, ମାତା, ସାଙ୍ଗ ହୋଇ ପିଲାଟି ଦିନରୁ ଚାଲି ଆସିଥିବା ସହୋଦର ଭାଇ ଭଉଣୀ, ସ୍ନେହ ପ୍ରେମରେ ବନ୍ଧା ତଥା ବନ୍ଧୁ ବାନ୍ଧବଙ୍କୁ ନେଇ ଜୀବନର ଏକ ଚତୁର୍ଥାଂଶ ଅନୁଭୂତି ଓ ବନ୍ଧନକୁ ଶେଷରେ ଛାଡ଼ି ଆସିବାକୁ ହୁଏ ଓ ବୈବାହିକ ଜୀବନର ଆରମ୍ଭରେ ନୂତନ ଗୃହ, ଜୀବନସାଥୀ, ଶାଶୁ ଶଶୁର, ନିଜର ସନ୍ତାନ ସନ୍ତତି, ଦିଅର, ନଣନ୍ଦ ତଥା ନୂତନ ପରିବାରର ସଦସ୍ୟ ମାନଙ୍କ ସହିତ ଜୀବନର ବାକି ତିନି ଚତୁର୍ଥାଂଶ ସମୟ ଅତିବାହିତ କରିବାକୁ ହୁଏ, ଉତ୍ଥାନ, ପତନ, ଦୁଃଖ ସୁଖ, ତ୍ୟାଗ, ମୋହ, ମାୟା, ପ୍ରେମ, ଅଭିମାନ, ରାଗ ରୁଷା ସବୁରି ଭିତରେ ଗୋଟିଏ ସୁଖୀ ପରିବାର ଗଢିତୋଳିବାର ସ୍ୱପ୍ନ ସବୁ ନାରୀ ମନରେ ଥାଏ ଓ ନାରୀ ଚରିତ୍ର ବଡ଼ ବିଚିତ୍ର, ଦୁହିତା ଦୁଇକୂଳର ହିତ ପାଇଁ ତା' ଜୀବନକୁ ବାଜି ଲଗାଇଦିଏ..ହଁ ଏଇତ' ପ୍ରକୃତ ବନ୍ଧନ।


+ ବରିଷ୍ଠ ନାଗରିକ, ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ବ୍ରହ୍ମପୁର ସହରରେ ଟ୍ରାଫିକ୍ ସମସ୍ୟା : ସାହି ଗଳିରେ ମଧ ସମାନ ଅବସ୍ଥା

ଗଞ୍ଜାମ,୧୦/୦୭ (ନି.ପ୍ର): ବ୍ରହ୍ମପୁର ସହରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ସହରର ମୁଖ୍ୟ ରାସ୍ତାରେ ଯେଉଁଭଳି ଟ୍ରାଫିକ୍ ସମସ୍ୟା ଉପୁଜୁଛି ଠିକ୍ ସେହିପରି ସହରର ପ୍ରତ୍ୟେକ ସାହି ଗଳି ମଧ୍ୟରେ ସମାନ ଅବସ୍ଥା । କାରଣ ସାହିର ମୁଖ୍ୟ ରାସ୍ତାରେ ଚାରି ଚକିଆ ଯାନ ରହୁଥିବା ବେଳେ ଅନେକ ସମୟରେ ସାଧାରଣ ଜନତା ସେହି ରାସ୍ତା ଦେଇ ଯାତାୟାତ କରିବାରେ ବହୁତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଛୋଟଛୋଟ ପିଲା ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ, କର୍ମଜିବୀ, ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ଅସୁବିଧାରେ ପଡୁଥିବା ପରିଲକ୍ଷିତ ହୋଇଛି । ଯେହେତୁ ଗାଡି ମାଲିକଙ୍କ ନିଜସ୍ୱ ପାର୍କିଂ ବ୍ୟବସ୍ଥା ନଥାଇ ରାସ୍ତା ପାର୍ଶ୍ୱରେ ରଖିଥାନ୍ତି, ଯଦ୍ୱାରା ରାସ୍ତାଟି ସଂକୀର୍ଣ୍ଣ ହୋଇଥାଏ, ସେହି ରାସ୍ତା ଦେଇ ଅନ୍ୟ କୌଣସି ଚାରିଚକିଆ ଯାନ ଯିବା ଆସିବା ସମୟରେ ରାସ୍ତାଟି ସମ୍ପୂର୍ଣ୍ଣ ଅବରୋଧ ହୋଇଯାଏ । ଫଳରେ ବସବାସ କରୁଥିବା ସାହି ବାସିନ୍ଦା ବହୁତ ଅସୁବିଧାରେ ପଡିଥାନ୍ତି । ଏଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ସହ ସହରର ପ୍ରତ୍ୟେକ ସାହି ଗଳି କନ୍ଦି ବୁଲି ରାସ୍ତା ପାର୍ଶ୍ୱରେ ଗାଡି ରଖୁଥିବା ମାଲିକଙ୍କୁ ଏ ଦିଗରେ ତାଗିଦ୍ କରିବା ସହ ରାସ୍ତା ପାର୍ଶ୍ୱରେ ଗାଡି ନ ରଖିବା ପାଇଁ ସଜାଗ କରାଇଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି ।

# ବିଜୁ ଜନତା ଦଳ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ

ଭବାନୀପାଟଣା,୧୦/୦୭ (ନି.ପ୍ର): ବିଜୁ ଜନତା ଦଳ ଆସନ୍ତା ଡିସେମ୍ବର ୨୬ ତାରିଖରେ ତାର ୨୫ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି । ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ପ୍ରତି ପଚାଂୟତ ଓ ୱାର୍ଡ ସ୍ତରରେ ୨୫ଟି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବାହୁଡା ଦିନ ଠାରୁ କଳାହାଣ୍ଡି ଜିଲ୍ଲାରେ ଆରମ୍ଭ କରାଯାଇଛି । ଏହି ଅବସରରେ ଆଜି କଳାହାଣ୍ଡି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଭବାନୀପାଟଣା ପୋଲିସ ଉଚ୍ଚ ବିଦ୍ୟାଳୟ ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲା ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ଉପ ସଭାପତି ଜିତେନ୍ଦ୍ର ମହାନ୍ତି, ମ୍ୟୁନିସିପାଲିଟି ଅଧ୍ୟକ୍ଷା ସଂଯୁକ୍ତା ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ଉପ ସଭାପତି ମଂଟୁ ନାଏକ, ଜିଲ୍ଲା ଛାତ୍ର ସଭାପତି ଅଜିତ ସାହୁ, ରାଜ୍ୟ ପରିଷଦ ସଦସ୍ୟ ଭବାନୀ ଶଙ୍କର ନିଆଲ, ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ଯୁବ ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଅଭିଷେକ ମହାପାତ୍ର, ଯୁବନେତା ରବି ପଟ୍ଟନାୟକ, ଦିନେଶ ବରର୍ତ୍ତା, ଅମିତ ଯାଦବ, ଲବଣୀ ମହାନନ୍ଦ, ଜିତେନ୍ଦ୍ର ବେହେରା, କ୍ଷୀରସିନ୍ଧୁ ନାଏକ, ସତ୍ୟବ୍ରତ ଦାସ, ନିହାର ମିଶ୍ର, କାମାକ୍ଷ ସିଂହଦେଓ, ଚକ୍ର ସେଠୀ, ସୁଶିଲ ସାହୁ, ଆଶୁ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ ।

# ପୋଲିସ ଏବଂ ମାଓବାଦୀ ମଧ୍ୟରେ ଗୁଳି ବିନିମୟ, ଏକ ମାଓ କ୍ୟାମ୍ପ ଠାବ, ମାଓବାଦୀଙ୍କ ଛତ୍ରଭଙ୍ଗ

ନୂଆପଡ଼ା,୧୦/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଛତିଶଗଡ଼ ସୀମାନ୍ତରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟଣା ହୋଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ପୋଲିସ ଏସପି ସୂଚନା ଦେଇଛନ୍ତି । ଗତକାଲି ନୂଆପଡା ପଡୋଶୀ ଛତିଶଗଡ଼ ସୀମାନ୍ତରେ ପାଟଦରାହା ସଂରକ୍ଷିତ ଜଙ୍ଗଲ ଆମାମୋରାକୁ ଲାଗିଥିବା ଓରା ଗାଁ ନିକଟରେ ମାଓବାଦୀ ଏବଂ ଏସଓଜି ଯବାନ ମଧ୍ୟରେ ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା । କିଛି ଦିନ ପୂର୍ବରୁ ମାଓବାଦୀ ମାନେ ତାଙ୍କର ଉପସ୍ଥିତି ଜାହିର କରି ତିନି ଜଣ ଯବାନଙ୍କୁ ହତ୍ୟା କରିଥିଲେ । ଏହାକୁ ଦୃଷ୍ଟିରେ ରଖି ସିଆରପିଏଫ ଏବଂ ଏସଓଜି ପକ୍ଷରୁ କୁମ୍ବି ଜୋରଦାର କରାଯାଇଥିଲ । ମାଓବାଦୀ ଏବଂ ଏସଓଜି ଯବାନ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏହି ଘଟଣା ପରେ ମାଓବାଦୀ କ୍ୟାମ୍ପ ଠାବ ହୋଇଥିବା ବେଳେ ଘଟଣାସ୍ଥଳରେ ଗୋଟିଏ ରାଇଫଲ, ମାଓ ପୁସ୍ତିକା, ଔଷଧ, ଭଳି ବହୁ ସାମଗ୍ରୀ ଜବତ କରିଛି ପୋଲିସ । ଆଜି ସାମ୍ବାଦିକ ସମ୍ମିଳନୀ କରି ନୂଆପଡ଼ା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ସିଆରପିଏଫ କମାଣ୍ଡେଂଟ ରାଜେଶ ବସ୍ତ୍ର ସୂଚନା ଦେଇଛନ୍ତି ।

# ସତର୍କତା ହିଁ ମୁକାବିଲାର ଏକମାତ୍ର ଅସ୍ତ୍ର - ଖଦ୍ୟୋତ

ବଲାଙ୍ଗିର,୧୦/୦୭ (ନି.ପ୍ର): ମାଲପଡା ସ୍ଥିତ ଖଦ୍ୟୋତ ଅନୁଷ୍ଠାନର ଏକ ମାସିକିଆ ବୈଠକ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବର୍ତମାନ ବର୍ଷା ଋତୁରେ ସ୍ୱାସ୍ଥ୍ୟ ପାଇଁ ନିଜର ଘର ବାହାର ସଫା ରଖିବା, ଡ୍ରେନରେ ମଇଳା ନ ପକାଇବା, ସୁଷମ ଖାଦ୍ୟ ଖାଇବା, ମଶା ଦାଉରୁ ରକ୍ଷା ପାଇଁ ସନ୍ଧ୍ୟାରେ ଧୂପ ଓ ରାତ୍ରିରେ ମଶାରି ଟାଣି ଶୋଇବା, ବିଶେଷ କରି କରୋନାକୁ ଆଖିରେ ଆଗରେ ରଖି ଯେ କୌଣସି ସ୍ଥାନରେ ଅଯଥା ଗହଳି ନ କରିବା, ଗହଳି ଥିବା ସ୍ଥାନକୁ ନ ଯିବା, ଠିକ୍ ହିସାବରେ ମାକ୍ସ ପିନ୍ଧିବା ଇତ୍ୟାଦି ଉପରେ ଲୋକଙ୍କୁ ସଚେତନ କରିବା ଉପରେ ସଭ୍ୟମାନେ ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ମେଟ୍ରିକ ତଥା ଅନ୍ୟାନ୍ୟ ପରିକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ସ୍ଥିରିକୃତ ହୋଇଥିଲା । ଏହି ସଭାରେ ଉପ-ସଭାପତି ରବି ଚନ୍ଦ୍ର ପଶାୟତ, ସଂପାଦକ ତଥା ବିଶିଷ୍ଟ ସମାଜସେବୀ ଆକୁଳ ବେହେରା, ପଚାଂନନ ସେଠ, ଦଧିବାମନ ଦାଶ, ଡା. ରାମ ପ୍ରସାଦ ବେହେରା, ମୀନ କେତନ ମାଝି, ଉମାକାନ୍ତ ନାଥ, ହରେରାମ ବଗର୍ତି, ଇଂ. ରମେଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ଶେଷରେ ରାଜେଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିର ସହରାଂଚଳରେ ୬ଟି ନଗର ବନ ଓ ନଗର ବାଟିକା କରାଯିବ

ବଲାଙ୍ଗିର,୧୦/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ସମସ୍ତ ମୁନିସିପାଲଟି ଓ ବିଜ୍ଞାପିତ ଅଂଚଳ ପରିଷଦରେ ଗୋଟିଏ ଲେଖାଏଁ ୨୦୨୨-୨୩ ରେ ୬ ଟି ନଗର ବନ ଓ ନଗର ବାଟିକା ସୃଷ୍ଟି କରାଯିବାକୁ ଭାରତ ସରକାରଙ୍କ ପରିବେଶ ବନ ଜଳବାୟୁ ପରିବର୍ତନ ବିଭାଗ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜିଲ୍ଲାରେ ସବୁଜ ବନାନୀ ସୃଷ୍ଟି କରି ସବୁଜ କରିବା ସ୍ୱଚ୍ଛ ଓ ନିର୍ମଳ ବାୟୁ ଲୋକେ ଯେପରି ପାଇବେ ସେ ଦିଗରେ ରାଜ୍ୟକୁ ମିଳିଥିବା ୩୬ ଗୋଟି ପ୍ରକଳ୍ପ ମଧ୍ୟରୁ ବଲାଙ୍ଗିର ଜିଲ୍ଲାକୁ ୬ଟି ପ୍ରକଳ୍ପ ପାଇଁ ଏହା ମିଳିଛି । ବଲାଙ୍ଗିରରେ ଟିଟିଲାଗଡ଼ ରାସ୍ତାରେ ଥିବା କଦଳୀ ମୁଣ୍ଡା ନଗର ବନ ୫୦ ହେକ୍ଟର, କଂଟାବାଞ୍ଜି ଏନଏସିରେ ହୀଅଲ ନଗର ବନ ୧୮ ହେକ୍ଟର, ଟିଟିଲାଗଡ଼ ମୁନିସିପାଲଟିରେ କୁପଲା ନଗର ବନ ୧୨ ହେକ୍ଟର, ବଲାଙ୍ଗିରରେ ବିଜାଖମନ ନଗର ବାଟିକା ୪.୩ ହେକ୍ଟର, ତୁଷୁରା ଏନଏସି ରେ କପସିଲା ନଗର ବାଟିକା ୮ ହେକ୍ଟର, ପାଟଣାଗଡ଼ ଏନଏସିରେ ରାମପୁର ନଗର ବାଟିକା ୪.୨ ହେକ୍ଟର ସ୍ଥାନକୁ ନିରୂପଣ କରାଯାଇଛି । ଏହା ଚଳିତ ବନୀକରଣ ଋତୁରେ ବୃକ୍ଷ ରୋପଣ ସମେତ ଏହା ଭିତରେ ପାଦଚଲା ରାସ୍ତା ନିର୍ମାଣ, ଔଷଧ ଗୁଣ ଥିବା ବୃକ୍ଷ ରୋପଣ, ଅନ୍ୟ ମନୋରଞ୍ଜନ ସମୟ କାଟିବାକୁ ବିଭିନ୍ନ ସମାଗ୍ରୀ ବ୍ୟବସ୍ଥା କରାଯିବ, ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ ଏଥିପାଇଁ ଅନୁଦାନ ସମୟ ଓ ସୁବିଧା ଅନୁସାରେ ମିଳିବା ଅର୍ଥରେ ଏଗୁଡିକ ଉନ୍ନୟନ କରାଯିବ ବୋଲି ଜିଲ୍ଲା ବନଅଧିକାରୀ ନିତୀଶ କୁମାର ସୂଚନା ପ୍ରଦାନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ସାଂସ୍କୃତିକ ଦଳ ଚୟନ ଶୁଭାରମ୍ଭ ହୋଇଯାଇଛି

ନୂଆପଡ଼ା,୧୦/୦୭ (ନି.ପ୍ର): ଗ୍ରାମାଂଚଳରେ ରହିଥିବା ବିଭିନ୍ନ ଲୁପ୍ତ ପ୍ରାୟ ଲୋକକଳାର ଉଦ୍ଧାର ଓ କଳାକାର ମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ଜିଲ୍ଲା ସ୍ତରରେ ଜିଲ୍ଲା କଳା ଓ ସାଂସ୍କୃତିକ ସଂଘ ଓ ବ୍ଲକ ସ୍ତରରେ ବ୍ଲକ କଳା ଓ ସଂସ୍କୃତି ସଂଘ ଗଠନ କରିଛନ୍ତି ।ସରକାରୀ ଯୋଜନାର ପ୍ରଚାର ପ୍ରସାର ସହ କଳାକାର ମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଏହାର ଲକ୍ଷ୍ୟ ଉଦ୍ଦେଶ୍ୟ ରହିଛି । ଏଥିପାଇଁ ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ରେ ଜିଲ୍ଲା ସ୍ତରୀୟ ବିଭିନ୍ନ କଳାକାର ମାନଙ୍କ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଚୟନ ପ୍ରକ୍ରିୟା ହୋଇଥିବା ବେଳେ ଉଡଙ୍ଗ ଚନ୍ଦନ ଶତପଥି, ବିଚାରକ ଭାବରେ ଜିତେନ୍ଦ୍ର ନାଥ ପଟନାଏକ ଏବଂ ପାଲା ଗାୟକ ଅର୍ଜୁନ ଛତ୍ରିଆ ଦାୟିତ୍ୱ ଲିଭେଇଥିଲେ । ଏଥିରେ ମଂଚ ପରିଚାଳନା କଳାକାର ଅମର ବିଳାସ ପଟେଲ କରିଥିବା ବେଳେ ଖଡ଼ିଆଳ ବ୍ଲକ ଉପ ସଭାପତି ରାଧେଶ୍ୟାମ ବିଶି, ଜଗତରକ୍ଷମ ନାଗ,ବରିଷ୍ଠ ପାଲା ବାୟକ କୃଷ୍ଣ ଚନ୍ଦ୍ର ସରାଫ,କୋମନାରୁ ସଂଚାର ବାୟକ ଡଗ୍ରେଶ୍ୱର ବାଗ, ବୋଡ଼େନ ରୁ ଉପେନ୍ଦ୍ର ସଲମା, ସିନାପାଲି ରୁ ନବୀନ ନାଗ ପ୍ରମୁଖ ସମସ୍ତେ ଉଦ୍ୟମାନ କଳାକାର ଉପସ୍ଥିତ ଥିଲେ ଏଇ ଜିଲ୍ଲା ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସକାଳ ୧୦ ଟାରୁ ସନ୍ଧ୍ୟା ୪ ଚାରିଟା ଭିତରେ ଚାଲିଥିବା ବେଳେ ଜିଲ୍ଲାର ଚାରୋଟି ବ୍ଲକ ର ୪୫ ଟି କଳାକାର ଦଳ ଆସି ଭାଗନେଇଥିଲେ । ଜିଲ୍ଲାର ଅନେକ ନୂଆ ଏବଂ ପୁରୁଣା କଳାକାର ଭାଗନେଇଥିବା ବେଳେ ଜିଲ୍ଲାର ଲୁଚିଯାଇଥିବା କଳାକୁ ମଧ୍ୟ କିଛି କଳାକାର ଲୋକଲୋଚନକୁ ଆଣିବାପାଇଁ ଚେଷ୍ଟାକରିଥିଲେ । କଳାକାରଙ୍କ କହିବା ଅନୁଯାଇ କଳାକାର ଚିହ୍ନଟ କରାଯାଉଛି ଠିକକଥା କିନ୍ତୁ କଳାକାର ମାନଙ୍କ ପାଇଁ ସରକାର ଖାଇବାର ବ୍ୟବସ୍ଥା ମଧ୍ୟ କରିନାହାନ୍ତି ବୋଲି କଳାକାର ମହଲରେ ଚର୍ଚ୍ଚା ଜୋର ଧରିଥିବା ଦେଖିବାକୁ ମିଳିଥିଲା ।

# ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ବୃକ୍ଷ ରୋପଣ

ଧର୍ମଶାଳା,୧୦/୦୭ (ନି.ପ୍ର): ବିଜୁ ଜନତା ଦଳର ୨୫ତମ ବର୍ଷ ପୂର୍ତି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ଯାଜପୁର ଜିଲା ଧର୍ମଶାଳା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଜାରକା କଳ୍ପତରୁ ଦାସ ଷ୍ଟାଡିମୟ ରୋଡଠାରୁ ଆଦର୍ଶ ବିଦ୍ୟାଳୟ ରୋଡ ପର୍ଯ୍ୟନ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ ବିଜୁ ଜନତା ଦଳ କେବଳ ଏକ ରାଜନୈତିକ ଦଳ ନୁହେଁ, ଏହା ଏକ ସାମାଜିକ ସଂଗଠନରେ ପରିଣତ ହୋଇଛି ଏବଂ ରାଜ୍ୟରେ ଧର୍ମଶାଳା ସବୁବେଳେ ନିଆରା କାର୍ଯ୍ୟକ୍ରମ କରି ଚର୍ଚ୍ଚାରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ଯାଜପୁର ସାଂସଦ ରୀତା ତରାଇ, ଜିଲ । ଯୁବ ସଭାପତି ପ୍ରତାପ ମହାନ୍ତି, ଜିଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଧର୍ମଶାଳା ବ୍ଲକ୍ ଯୁବ ସଭାପତି କ୍ଷିତିଶ କୁମାର ନାୟକ, ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ଗାର୍ଲସ ୱିଙ୍ଗ୍ ସଭାପତି କ୍ଷିରାବ୍ଧୀ ତନୟା ମଲ୍ଲିକ୍, ବ୍ଲକ୍ ସଭାପତି ଜଳଧର ମହାନ୍ତି, ଜିଲା ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ମହିଳା ସଭାନେତ୍ରୀ ରେଣୁବାଳା ଶତପଥୀ, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ୧୧ନଂ ଜୋନ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ୧୨ନଂ ଜୋନ ଜିଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ୧୩ନଂ ଜୋନ ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ମମତା ଦଣ୍ଡପାଟ, ଜିଲା ଯୁବ ବିଜେଡି ଉପସଭାପତି ସୁବ୍ରତ ଧଳ, ଜିଲା ସମ୍ପାଦକ ଯତିନ୍ଦ୍ର ପ୍ରଧାନ, ରାଜ୍ୟ ଛାତ୍ର ସମ୍ପାଦିକା ଅନିଶା ପ୍ରଧାନ, ୧୩ ନଂ ଜୋନ ସଂଯୋଜକ ନିରଞ୍ଜନ ରାଉତ, ୧୨ନଂ ଜୋନ ସଂଯୋଜକ ଦୁଶାସନ ସାହୁ, ୧୫ନଂ ଜୋନ ସଂଯୋଗକ ଅମରେନ୍ଦ୍ର ରାୟ ଓ ୧୧ନଂ ଜୋନ ସଂଯୋଜକ ବିକାଶ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୧୦/୦୭ (ନି.ପ୍ର): ଆଶୁତୋଷ ପାଠୀ ମେମୋରିଆଲ ଟ୍ରଷ୍ଟ ତରଫରୁ ଶନିବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଲିଙ୍ଗରାଜ ନଗର ଅଂଚଳର ପ୍ରବଳ ବର୍ଷା ସ୍ୱେତେ ବି ଟ୍ରଷ୍ଟର ସଦସ୍ୟ ମାନେ ବୃକ୍ଷ ରୋପଣ କରିଥିଲେ । ଲିଙ୍ଗରାଜ ନଗର ଡଭଲମେଂଟ କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ । । ଲିଙ୍ଗରାଜ ନଗର ଅଂଚଳରେ ଏହି ବୃକ୍ଷ ରୋପଣ କରାଯାଇ ପାଖା ପାଖି ଶହେରୁ ଅଧିକ ବୃକ୍ଷ ରୋପଣ କରାଯାଇଥିଲା ।

## ପଥରପଦା ପଂଚାୟତ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ

କୋରେଇ,୧୦/୦୭ (ନି.ପ୍ର): ବନ ସପ୍ତାହ ଅବସରରେ ପଥରପଦା ପଂଚାୟତ ବିଜୁ ଯୁବ ଜନତା ଦଳ ପକ୍ଷରୁ ପଂଚାୟତ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଯେନା, କୋରାଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସରପଂଚ ମଧୁସ୍ମିତା ବାରିକ ଓ ସମିତିସଭ୍ୟା ସରସ୍ୱତୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଥରପଦା ବିଜେଡି ସଭାପତି ସନ୍ତୋଷ କୁମାର ବେହେରା, ଯୁବ ସଭାପତି ସ୍ୱପ୍ନାନନ୍ଦ ଦାସ, ପରମେମଶ୍ୱର ମଲ୍ଲିକ, ଅଭୟ କୁମାର ଯେନା, ନାଏବ ସରପଂଚ କିର୍ତନ ବିହାରୀ ସାମଲ, ଗଙ୍ଗାଧର ସାହୁ, ଅଶୋକ ବେହେରା, ଜିତେନ୍ଦ୍ର ବେହେରା, ଗଦାଧର ସାହୁ, ପିତବାସ ବେହେରା, ମିଲି ସେଠୀ, ତିଳୋତମା ମଲିକ, ଶାନ୍ତି ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

# ପରିବାରର ୪ ପିଲା ଦିବ୍ୟାଙ୍ଗ, ସହାୟତା ଅପେକ୍ଷାରେ ଗଡୁଛି ଦିନ

ବଲାଙ୍ଗିର ,୧୦/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଏକ ପରିବାରର ସମସ୍ତେ ପିଲା ଦିବ୍ୟାଙ୍ଗ । ଚିକିତ୍ସା ପାଇଁ ଆର୍ଥିକ ସ୍ଥିତି ଭଲ ନାହିଁ । ମଜୁରି ଲାଗିଲେ ପରିବାର ଚଳୁଛି । ସରକାରୀ ସହାୟତା ଲୋଡିଥିଲେ ବି କିଛି ସୁଫଳ ମିଳୁନାହିଁ । ଅସହାୟ ପରିବାର ସାହାଯ୍ୟ ମାଗୁଛି । ଗରିବ କଲ୍ୟାଣ ଯୋଜନା ଥିଲେ ବି ସହାୟତାରୁ ବଂଚିତ ହୋଇଛି ଏହି ପରିବାର । ବଲାଙ୍ଗୀର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାରପୁଡ଼ଗିଆ ପଂଚାୟତ କେରମେଲି ଗ୍ରାମାରେ ମାର୍କଣ୍ଡ ଦୀପଙ୍କ ପରିବାର ଅବସ୍ଥା କହିଲେ ନ ସରେ । ମାର୍କଣ୍ଡ ନିଜେ ଭିନ୍ନକ୍ଷମ । ଏପରି ସ୍ଥଳରେ ତାଙ୍କର ୪ଟି ପିଲା ମଧ୍ୟ ଦିବ୍ୟାଙ୍ଗ । ପେଟ ପାଟଣା ପାଇଁ ସେ ଏକା ଦିନ ମଜୁରିଆ ଭାବରେ ଦୁଇ ପଇସା ରୋଜଗାର କରି ବଡ କଷ୍ଟରେ ପରିବାରଣ ପ୍ରତିପୋଷଣ କରନ୍ତି । ତାଙ୍କ ପାଇଁ ଦୁଇ ଆଳି ଖାଇବା ଯୋଗାଡ କରିବା ସମ୍ଭବ ନ ଥିବା ବେଳେ ନିଜ ଦିବ୍ୟାଙ୍ଗ ଶିଶୁଙ୍କ ଚିକିତ୍ସା କରି ପାରୁ ନାହାନ୍ତି । ତାଙ୍କର ୧୩ ବର୍ଷର ପୁଅ ଅଜିତ ଦୀପ, ନ ବର୍ଷର ଝିଅ ସବିତା ଦୀପ, ପାଂଚ ବର୍ଷର ଝିଅ ସରିତା ଦୀପ ଓ ଅଢେଇ ବର୍ଷର ଝିଅ ସଂଯୁକ୍ତା ଦୀପ ସମସ୍ତେ ଭିନ୍ନକ୍ଷମ ଅଟନ୍ତି । ଏମାନଙ୍କ ଲାଳନ ପାଳନ ପାଇଁ ଘରେ ମାଆ ବାପାଙ୍କୁ ପ୍ରାୟତଃ ଘରେ ରହିବାକୁ ପଡିଥାଏ । ଖାଇବା ଠୁ ନେଇ ସେମାନଙ୍କ ଦାୟିତ୍ୱ ବୁଝିବାକୁ ପଡେ । ଏହି ମଧ୍ୟରେ ପୁଣି ପେଟ ପାଟଣା ଚିନ୍ତା ।

ସେପଟେ ଏଭଳି ଅବସ୍ଥାରେ ଶିଶୁଙ୍କ ଚିକିତ୍ସା ଏମାନଙ୍କ ପାଇଁ ସ୍ୱପ୍ନ ହୋଇଛି । ତେବେ ଏମାନେ ଅନେକ ଥର ନେତା ପ୍ରଶାସନ ସମସ୍ତଙ୍କ ପାଖରେ ସାହାଯ୍ୟ ପାଇଁ ହାତ ବଢ଼ାଇ ଆଜି ଯାଏଁ ନିରାଶ ଓ ଅସହାୟ ଅବସ୍ଥାରେ ନିଜ ଭାଗ୍ୟକୁ ଆଦରି ଅଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଗରିବ କଲ୍ୟାଣ ଯୋଜନା ଅଛି । ହେଲେ ଏହି ସବୁ ଯୋଜନା ଏମାନଙ୍କ ଠାରେ ଏବେବି ଅପହଂଚ ହୋଇ ରହିଛି । ଯଦିଓ ଆବାସ ଯୋଜନାରେ ରେ ଏହି ଅସହାୟ ମାର୍କଣ୍ଡ ଦୀପଙ୍କ ପରିବାର ଘର ଖଣ୍ଡିଏ ପାଇଛନ୍ତି ତଥାପି ସେମାନେ ଗରିବିରୁ ଉପରକୁ ଉଠି ପାରି ନାହାନ୍ତି । ତା ଉପରେ ପୁଣି ଏଭଳି ସବୁ ଦିବ୍ୟାଙ୍ଗ ଶିଶୁଙ୍କ ଯତ୍ନ ଓ ଚିକିତ୍ସା ଏମାନଙ୍କ ପାଇଁ କଷ୍ଟକର ହୋଇଛି । ଅର୍ଥ ଅଭାବ ଯୋଗୁଁ ଏମାନେ ସେମାନଙ୍କର ଚିକିତ୍ସା କରାଇ ପାରୁ ନାହାନ୍ତି । ଏବଂ ଏହି ଅବସ୍ଥାରେ ଏହି ପରିବାର ଦୀର୍ଘ ବର୍ଷ ହେବ ରହି ଆସି ଥିବା ବେଳେ ଏଯାଏଁ ତାଙ୍କ ଉପରେ ପ୍ରଶାସନ କିମ୍ବା ସରକାରଙ୍କ ନଜର ପଡି ପାରି ନାହିଁ । ଅନ୍ୟପଟେ ଗଣ ମାଧ୍ୟମ ପ୍ରତିନିଧି ଠାରୁ ସୂଚନା ପାଇ ଜିଲ୍ଲା ପ୍ରଶାସନ ତାଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି କହିଛନ୍ତି । ସେହିପରି ସବୁ ଶିଶୁଙ୍କ ଚିକିତ୍ସା ଓ ସେମାନଙ୍କୁ ଭତା ମଧ ଯୋଗାଇ ଦିଆ ଯିବ ବୋଲି ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି । ସେହିପରି ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଏଥି ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି ।

# ଶିକ୍ଷକ ବିକାଶ ଦକ୍ଷତା ପ୍ରଶିକ୍ଷଣ

କୋରେଇ,୧୦/୦୭ (ନି.ପ୍ର): ଯାଜପୁର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ୧ମ ଓ ୨ୟ ପର୍ଯ୍ୟାୟ ୫ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକଙ୍କର ଏକ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଚଳିତ ମାସ ୪ତାରିଖରୁ ଆରମ୍ଭ ହୋଇଥିବା ଏହି ପଂଚ ଦିବସୀୟ କାର୍ଯ୍ୟକ୍ରମ ଆଜି ଉଦ୍ଯାପିତ ହୋଇଛି । ପ୍ରଥମ ଦୁଇ ଦିନ ନେତୃତ୍ୱ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଅବଶିଷ୍ଟ ତିନି ଦିନ ଡିଜିଟାଲ ଦକ୍ଷତା ବୃଦ୍ଧି ସର୍ମ୍ପକରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ କୋରାଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଯାଜପୁରରୋଡ ଏନସି ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପ୍ରତିଭା ମିଶ୍ର, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ପ୍ରୋଗାମର ରଜତ କୁମର ସାହୁ ଏବଂ ଧର୍ମଶାଳା ବ୍ଲକ ଯୋଜନା ସହାୟକ ଆଶିଷ ରଂଜନ ବିଶ୍ୱାଳ ପ୍ରମୁଖ ପ୍ରଶିକ୍ଷକ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସୁକିନ୍ଦା, ଦାନଗଦି, କୋରାଇ ବ୍ଲକର ୫୦ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ । ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ରବାଦୀ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ ଦାଶ, ଗାୟତ୍ରୀ ନାୟକ ସମେତ ସମସ୍ତ ଶିକ୍ଷକ/ ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଉଦଯାପନି ଉତ୍ସବରେ ଅତିରିକ୍ତ ଶିକ୍ଷାଧିକାରୀ ରାଜେଶ କୁମର ସ୍ୱାଇଁ ଓ ଶଶଧର ସିଂହ ଉପସ୍ଥିତ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ଉଦବୋଧନ ଦେଇ ନେତୃତ୍ୱ ବିକାଶ ଓ ଡିଜିଟାଲ ଦକ୍ଷତା ଆଜିର ସମୟ ପାଇଁ ଏକ ଆହ୍ୱାନ, ଏହାହିଁ ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦ୍ୟେଶ । ଏଥିରୁ ପ୍ରାପ୍ତ ଜ୍ଞାନ କୌଶଳକୁ ବିଦ୍ୟାଳୟ ଶ୍ରେଣୀ ଗୃହରେ ପ୍ରୟୋଗ କରି ଛାତ୍ର/ଛାତ୍ରୀଙ୍କ ବିକାଶରେ ବିନିଯୋଗ କରିପାରିଲେ ଏହାର ପ୍ରକୃତ ସଫଳତା ମିଳିପାରିବା ସହ ଆମର ଉଦ୍ଦ୍ୟେଶ ସାଧିତ ହେବ । ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ପହୀ ପରିଚାଳନା କରିଥିବା ବେଳେ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମଟିକୁ ଉତ୍କର୍ଷତାର ସହ ସଫଳ କରିଥିବାରୁ ବିଦ୍ୟାଳୟ ତରଫରୁ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା ।

# ଜନ ଆରୋଗ୍ୟ ସମିତିର ବୈଠକ

ଗଞ୍ଜାମ,୧୦/୦୭ (ନି.ପ୍ର): ଗଞ୍ଜାମ ଜିଲା ଶେରଗଡ ବ୍ଲକର ପିତଳ ନୂତନ ପିଏଚସିର ଜନ ଆରୋଗ୍ୟ ସମିତି ନୂତନ ଭାବେ ଗଠିତ ହୋଇଛି ।ପୂର୍ବର ରୋଗୀକଲ୍ୟାଣ ସମିତର ଏହା ରୂପାନ୍ତରିତ ହୋଇଛି । ଜିଲା ପରିଷଦ ସଭ୍ୟା ମନୋରମା ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆୟୁଷ ଡାକ୍ତର ଦେବାଶିଷ ଶତପଥୀ ସ୍ୱାଗତ ଭାଷଣ ସହ ବିବରଣୀ ଉପସ୍ଥାପିତ କରିଥିଲେ । ଡାକ୍ତରଖାନାର ପ୍ରାଚୀର(ବାଉଣ୍ଡରୀ) ନିର୍ମାଣ, ହସପିଟାଲ ନିକଟରୁ ମଦଦୋକାନ ଉଚ୍ଛେଦ, ହସପିଟାଲ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ରୋଗୀ ପିଇବାପାଣି ଯୋଗାଣ ପାଇଁ ଏକ ଆକ୍ୱାଗାର୍ଡ ସ୍ଥାପନ, ପାଇପପାଣି ଯୋଗାଣ, ଯୋଗାସନ ଶିକ୍ଷା ପାଇଁ ଶିକ୍ଷକ ନିଯୁକ୍ତି ଓ ଡାକ୍ତରଖାନା ପାଇଁ ଆବଶ୍ୟକ ସାମଗ୍ରି କିଣିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଯେଉଁମାନେ ସମିତିକୁ ୨୫ ହଜାର ଟଙ୍କା ଦାନକରିବେ ସେମାନଙ୍କୁ ସମିତିର ଏସୋସିଏଟଡ ସଭ୍ୟ ରୂପେ ଦୁଇ ବର୍ଷ ପାଇଁ ମନୋନୀତ କରିବାକୁ ବୈଠକରେ ସ୍ଥିର ହୋଇଛି । ଏହି ନୂତନ କମିଟିରେ ସ୍ଥାନୀୟ ସରପଂଚ ଓ ଶେରଗଡ ବିଡିଓଙ୍କୁ ସଦସ୍ୟ ରୂପେ ଗ୍ରହଣ କରାଯାଇଛି ।ପରିଶେଷରେ ଶେରଗଡ ସି.ଏଚ.ସି.ର ଡାକ୍ତର ଚନ୍ଦ୍ରଶେଖର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏନଜିଓ ସଦସ୍ୟ ଡାକ୍ତର ହୃଷୀକେଶ ମହାନ୍ତି । ପିତଳ ହସପିଟାଲ ଡାକ୍ତର ହରେକୃଷ୍ଣ ସେଠୀ, ସିଆରସିସି ରାଜେନ୍ଦ୍ର ସାଇଁ,ପିଏଚଇଓ କୁଞ୍ଜବିହାରୀ ନାୟକ, ଫାର୍ମାସିଷ୍ଟ ବି. କେ. ସୁବୁଦ୍ଧି, ବିପିଏମ ସୁନୀଲ କୁମାର ସାବତ, ଏସ ଟିଏସ ପ୍ରଫୁଲ କୁମାର ମିଶ୍ର, ଓଏଚ ଏସ ପ୍ରବୋଧ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଯୁବତୀଙ୍କୁ ଠକିବା ଅଭିଯୋଗରେ ଯୁବକ ଅଦାଲତ ଚାଲାଣ

କୋରେଇ,୧୦/୦୭ (ନି.ପ୍ର): ଠକି ନେଇଥିବା ଟଙ୍କା ସୁନା ଫେରାଇବା ପାଇଁ ଡାକି ପୁଣି ମୋବାଇଲ ନେଇ ଚମ୍ପଟ ମାରିଥିବା ଯୁବକଙ୍କୁ ପୁଲିସ ଗିରଫ କରି ଦଫା ୪୨୦ରେ ଆଜି ଅଦାଲତ ଚାଲାଣ କରିଛି । ଯୁବକ ଜଣଙ୍କ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ସିଟିପୁର ଗ୍ରାମର ଦିଲ୍ଲୀପ ଦାସଙ୍କ ପୁଅ ରାକେଶ କୁମାର ଦାସ (୨୬)କୁ ଗିରଫ କରିବା ପରେ ମାମଲା ୧୫୬/୨୨ ଦଫା ୪୨୦ରେ ଅଦାଲତ ଚାଲାଣ କରାଯାଇଛି । ପ୍ରକାଶଯେ ରାଜେଶଙ୍କ ସହ ଯାଜପୁରରୋଡ ଥାନା ଅନ୍ତର୍ଗତ କୁସୁନପୁର ଗ୍ରାମର ବୃନ୍ଦାବନ ବେହେରାଙ୍କ ଝିଅ ହରପ୍ରୀୟାଙ୍କ ସର୍ମ୍ପକ ରହିଥିଲା । ପୂର୍ବରୁ ରାକେଶ ହରପ୍ରୀୟାଙ୍କ ଠାରୁ ସୁନାଚେନ ଓ ୧୮ ହଜାର ଟଙ୍କା ନେଇଥିଲା । ଏନେଇ ହରପ୍ରୀୟା ଫେରାଇବାକୁ କହିଲେବି ସେ କିଛି ଶୁଣୁନଥିଲା । ପରବର୍ତୀ ଅବସ୍ଥାରେ ଗତ ୭ ତାରିଖ ହରପ୍ରୀୟାକୁ ଚେନ ଓ ସୁନା ଫେରାଇବାକୁ କହି ରାକେଶ ପାଣିକୋଇଲିକୁ ଡାକିଥିଲା । ପାଣିକୋଇଲିରେ ଉଭୟ ଦେଖା ହେବା ପରେ ରାକେଶ ଏକ ବୁଲେଟ (ଓଡି୦୫ବିବି ୦୪୪୩)ରେ ବସାଇ ସଠିପୁର ଅଭିମୁଖେ ଯାଇଥିଲା । ବାଟରେ ଉଭୟ କଥାବାର୍ତା ହୋଉଥିଲେ । କିନ୍ତୁ ସୁନାଚେନ ଓ ଟଙ୍କା ଫେରାଇବାକୁ କହି ଆଗକୁ ଆଗକୁ ନେଇଥିଲ । କିଛି ବାଟ ଗଲା ପରେ ବର୍ଷା ଯୋଗୁ ହରପ୍ରୀୟାର ମୋବାଇଲଟିକୁ ନିଜ ପକେଟରେ ରଖିଥିଲା ରାକେଶ । କିଛି ସମୟ ପରେ ହରପ୍ରୀୟାକୁ ଛାଡି ରାକେଶ ଫେରାର ହୋଇଯାଇଥିଲା । ଫଳରେ ଯୁବତୀ ଜଣଙ୍କ କିଛି ଉପାୟ ନପାଇ ଥାନାରେ ଆସି ଅଭିଯୋଗ କରିଥିଲେ । ଏନେଇ ପୁଲିସ ମାମଲା ରୁଜୁ କରି ରାକେଶ ଗିରଫ କରିବାରେ ସକ୍ଷମ ହୋଇଥିଲା । ଗିରଫ ପରେ ଆଜି ଅଦାଲତ ଚାଲାଣ କରାଯାଇଛି ।

# ଧର୍ମଶାଳା ମ୍ୟାଟ୍ରିକ ଟପରଙ୍କୁ କେଡିଏନଏଫ ପକ୍ଷରୁ ସମ୍ବର୍ଦ୍ଧିତ

ଧର୍ମଶାଳା,୧୦/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକସ୍ଥିତ ଜାରକା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ କ୍ରୀଷ୍ଟାଙ୍ଗୀ ନାୟକ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୫୮୨ ନମ୍ବର ରଖି ଧର୍ମଶାଳା ବ୍ଲକ ଟପର ଆଖ୍ୟା ଅର୍ଜନ କରିଛନ୍ତି । ଏନେଇ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି । ଧର୍ମଶାଳା କଳ୍ପତରୁ ଦାସ ନେସନାଲ ଫାଉଣ୍ଡେସନ ପକ୍ଷରୁ ଫାଉଁଣ୍ଡେସନର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ପରୋକ୍ଷ ତତ୍ତ୍ୱବଧାନରେ ଆଜି କୃତି ଛାତ୍ରୀ କ୍ରୀଷ୍ଟାଙ୍କୁ ଜାରକାସ୍ଥିତ ତାଙ୍କ ବାସଭବନ ପରିସରରେ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଫାଉଁଣ୍ଡେସନର ମୁଖପାତ୍ର ଅମୀୟ ପରିଡା,କ୍ରୀଡାବିତ୍ ରଶ୍ମିରଂଜନ ରାୟ ଓ ଶିକ୍ଷାବିତ୍ ଜୟନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ ।

## ଯୁବକଙ୍କୁ ମାଡ ମାରି ବାଇକ ଟଙ୍କା ଲୁଟ

ଜୟପୁର,୧୦/୦୭ (ନି.ପ୍ର): ଯୁବକଙ୍କୁ ମାଡ ମାରି ବାଇକ ଓ ଟଙ୍କା ଲୁଟ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ କୋରାପୁଟ ଜିଲା ପାଡୁଆ ଥାନା କୁଲାବିର ଅଂଚଳର ନରସିଂହ ଖିଲ ଦୋକାନର ଜିନିଷ ଖିଣିବାକୁ ଜୟପୁର ଆସିଥିଲେ । ଜିନିଷ କିଣିବା ପରେ ତାଙ୍କ ସାଙ୍ଗ କିରଣକୁ ଗାନ୍ଧୀଛକ ଛାଡିବାକୁ ଯାଇଥିଲେ । ଫେରିବା ସମୟରେ ଢେପଗୁଡା ନିକଟରେ ୩ରୁ ୪ ଦୁବୃତ ଅଟକାଇ ହଠାତ ନରସିଂହ ଉପରେ ଆକ୍ରମଣ କରି ସାଙ୍ଗ ଠାରୁ ମାଗି ଆଣିଥିବା ବାଇକ, କିଣାଯାଇଥିବା ୩୫ ହଜାର ଟଙ୍କାର ଜିନିଷ, ଓ ପନିପର୍ସ ଥିବା ୮ ହଜାର ୫ ଶହ ଟଙ୍କା, ଏଟିମ କାର୍ଡ, ଆଧାର କାର୍ଡ, ପାନ କାର୍ଡ ସବୁ ଛଡାଇ ନେଇଗଲେ । ପରେ ନରିସଂହ ପ୍ରଣବିକଳରେ ଦୈଡି ଚାଲି ଆଶିଥିଲେ । ଏନେଇ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଡ. ରତ୍ନାକର ସିଂହଙ୍କ 'ସ୍ୱଧର୍ମ ସଂଳାପ' କବିତା ଗ୍ରନ୍ଥ ଲୋକାର୍ପିତ



ରେମୁଣା, ୧୦/୦୭ (ନି.ପ୍ର): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାହିତ୍ୟିକ ଡ.ରତ୍ନାକର ସିଂହଙ୍କ ତୃତୀୟ କବିତା ଗ୍ରନ୍ଥ 'ସ୍ୱଧର୍ମ ସଂଳାପ' ସ୍ଥାନୀୟ ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ଲୋକାର୍ପିତ ହୋଇଯାଇଛି । ସଭାପତି ଡା. ସତ୍ୟରଂଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉନ୍ମୋଚକ କୁଳମଣି ବାରିଖ, ସମାଜ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ବ୍ୟୁରୋ, ମୁଖ୍ୟ ଅତିଥି ଡ. ଦେବାଶିଷ ପାତ୍ର, ସହଯୋଗୀ ପ୍ରଫେସର ଫକୀରମୋହନ ବିଶ୍ୱ ବିଦ୍ୟାଳୟ, ମୁଖ୍ୟବକ୍ତା କବି କାଳୀପଦ ପଣ୍ଡା, ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ, ସମୀକ୍ଷକ ପଣ୍ଡିତ ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ଡ. ସିଂହଙ୍କ କବିତା ପୁସ୍ତକକୁ ସମୀକ୍ଷା କରି ତାଙ୍କ କବିତାରେ ମାନବିକ ମୂଲ୍ୟବୋଧ, ସାଂପ୍ରତିକ ସମାଜ ଜୀବନର ଦୈନ୍ୟ, ଦୁଃଖ, ସମସ୍ୟା ଓ ସୁସ୍ଥ ସମାଜ ଗଠନର ବାର୍ତ୍ତା ତଥା ନୀତି ଆଦର୍ଶ ପ୍ରତିଫଳିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ସଂପାଦକ ଡ. ଭାଗବତ ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିଲେ । କବିତାଗ୍ରନ୍ଥକୁ ଶ୍ରୀଯୁକ୍ତ ବାରିକ ଉନ୍ମୋଚନ କରି ଡ. ସିଂହଙ୍କ କାବ୍ୟ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ । କବି ଡ. ସିଂହ ନିଜ ଲେଖକୀୟ ଅନୁଭୂତି ବର୍ଣ୍ଣନା କରିଥିଲେ । ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠୋତ୍ସବ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ସତ୍ୟଭାଷା ମୁଦୁଲି, ମଧୁସୂଦନ ମିଶ୍ର ଓ ଇନାୟତ ଅଲ୍ଲୀ ଖାଁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । କୁମାରୀ ଉତ୍କଳିକା ସାହୁ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । କବି ଗର୍ଗପଦ ପଣ୍ଡା, ବାସନ୍ତୀ ଦାସ, ପଦ୍ମଲୋଚନ ପଣ୍ଡା, ଜୁମର ନାଥ ପାତ୍ର, ଈପ୍ସିତା ସ୍ୱାଇଁ, ବ୍ୟଙ୍ଗକବି ପ୍ରଭାକର ସାହୁ, କରୁଣାକର ଖଟୁଆ, ମଧୁସୂଦନ ମାଝୀ, ଜୟଶ୍ରୀ ମିଶ୍ର, ଅଶ୍ୱିନୀ କୁମାର ଦାସ, ସରୋଜିନୀ ଦାଶ, ଚକ୍ରଧର ଦାସ, ଦିବେନ୍ଦୁ ମଲ୍ଲିକ, ଯୋଗେଶ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ମହାରଣାଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ନିଜସ୍ୱ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ମିନତୀ ପାତ୍ର, କରୁଣାକର ଜେନା, ସରୋଜ କୁମାର ପତି, ଦେବାଶିଷ ସିଂହ, ମାଳତୀମଣି ବିଶ୍ୱାଳ, ବ୍ରହ୍ମେଶ ସିଂହ, ବେଣୁଧର ସିଂହ, ଆରୋଲିକା ସିଂହ ଦୁଷ୍ମନ୍ତ ଦାସ, ଅଜୟ ବାରିକ ପ୍ରମୁଖ ସହାୟତା କରିଥିଲେ ।

## ନୂତନ ନିର୍ମିତ କଂକ୍ରିଟ ରାସ୍ତା ଫାଟିଲା : ଗ୍ରାମବାସୀଙ୍କ ଅଭିଯୋଗ

ଜଳେଶ୍ୱର, ୧୦/୭(ନି.ପ୍ର) : ସରକାର ଲୋକମାନଙ୍କ ଯିବା ଆସିବାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ବେଳେ ମାତ୍ର ନିର୍ମାଣର ୧୦ ଦିନ ମଧ୍ୟ ଫାଟି ଆଁ କରିଛି । ପୂର୍ବରୁ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ଉପରେ ଅତି ନିମ୍ନ ମାନର ପତଳା କଂକିଟ ଢାଳି କାର୍ଯ୍ୟ ହୋଇଥିବାରୁ ଏହା ଫାଟି ଯାଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ସୂଚନା ଯୋଗ୍ୟ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମ ପୁର ପଂଚାୟତର ନାଙ୍ଗୁଡସାହି ଗ୍ରାମର ଅଶୋକ ଦାସ ଘର ଠାରୁ ୬୦ନଂ ଜାତୀୟ ରାଜପଥ ଭାୟା ନାଙ୍ଗୁଡସାହି ରେଳ ଫାଟକ ପର୍ଯ୍ୟନ୍ତ ରାସ୍ତାଟି ଅତି ଶୋଚନିୟ ହୋଇ ପଡିଥିବା ବେଳେ ନିକଟରେ ୨ଲକ୍ଷ୩ହଜାର ୩୫୨ ଟଙ୍କା ବ୍ୟୟରେ ପଂଚଦଶ ଅର୍ଥ କମିଶନ ଜରିଆରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା । ମାତ୍ର ନିର୍ମାଣର ମାତ୍ର ୧୦ ଦିନ ମଧ୍ୟରେ ଏହା ଫାଟି ଯିବାରୁ ଗ୍ରାମବାସୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଆଜି ଗ୍ରାମବାସୀମାନେ କେତେକ ସାମ୍ବାଦିକ ମାନଙ୍କୁ ଏ ସମ୍ପର୍କରେ ସୂଚନା ଦେବା ସହିତ ନିମ୍ନ ମାନର ରାସ୍ତାକୁ ତଦନ୍ତ କରାଯିବା ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଚଟେତ୍ ଆସନ୍ତା ଦିନରେ ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପୂର୍ବତନ ସରପଂଚ ବିନୟ ଜେନା, ସପନ ଜେନା, ଜୟନ୍ତ ଜେନା, ତପନ ଜେନା, ଆଦିକାନ୍ଦ ଦାସ, ବଳରାମ ପାତ୍ର, ପିଙ୍କୁ ଦାସ, ବିକ୍ରମ ପାତ୍ର ପମୁଖ ଜଳେଶ୍ୱର ବିଡିଓ, ଝଟି, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଦଳାର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ

ଉଦଳା, ୧୦/୦୭ (ନି.ପ୍ର): ଶିକ୍ଷା ବର୍ଷ ୨୦୨୧-୨୨ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଦଳାର ୧୦ମ ଶ୍ରେଣୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ଆଣି ଦେଇଛି । ମୋଟ ୬୬ ଜଣ ପିଲା ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରୁ ଏ୧-୧୯ ଜଣ, ଏ୨-୩୦ ଜଣ, ବି୧-୧୬ ଜଣ ଏବଂ ବି୨- ୧ ଜଣ ଉତ୍ତିର୍ଣ୍ଣ ହେବା ସହିତ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଏଥିପାଇଁ ଏଠାରେ କାର୍ଯ୍ୟରତ ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ମହାପାତ୍ର ସମସ୍ତ ଗୁରୁଜୀ ଗୁରୁମାଙ୍କର ଅକ୍ଳାନ୍ତ ପରିଶ୍ରମ, ଛାତ୍ର ଛାତ୍ରୀ ଓ ଅବିଭାବକ ମାନଙ୍କର ସହଯୋଗ ଫଳରେ ଏହା ସମ୍ଭବ ହୋଇ ପାରିଛି ବୋଲି ବ୍ୟକ୍ତ କରିଛନ୍ତି ।




# 'ନିଷ୍ଠ' ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ମେଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୧୦/୦୭ (ନି.ପ୍ର): ବାଲେଶ୍ୱରର ନିଷ୍ଠ ଯୁକ୍ତଦୁଇ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ମାଟ୍ରକ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସହଦେବଖୁଣ୍ଟା ଆଦର୍ଶ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାରେ ନିଷ୍ଠ ଶିକ୍ଷାନୁଷ୍ଠାନର ଏହି ପ୍ରୟାସ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ଯାତ୍ରା କଳାକାର ବାପି ପଣ୍ଡା, ସଂଜୟ ଭୋଳ, ଅଭିନେତ୍ରୀ ଲିଜା ପଣ୍ଡା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ କଳାକାର ଜୀବନର ଆତ୍ମକଥା ଉପରେ ଆଲୋକପାତ କରିଥିଲେ। ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଶିକ୍ଷାବିତ ଡ. ପଙ୍କଜ କୁମାର ଜେନା ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସବୁ ମହଲରୁ ପ୍ରଚେଷ୍ଟା ରହିଲେ ମେଡିକାଲ ଓ ଇଂଜିନିୟରିଂ କ୍ଷେତ୍ରରେ ବାଲେଶ୍ୱରରୁ ଅଧିକରୁ ଅଧିକ ଟପ୍ପର ବାହାରିବେ ବୋଲି ଡ. ଜେନା ଆଶା ପ୍ରକାଶ କରିଥିଲେ। ଅଧ୍ୟାପକ ବିଦ୍ୟାଧର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧ୍ୟାପକ ନିରଞ୍ଜନ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ତମ କୁମାର ବାରିକ, ତାପସ ମିଶ୍ର, ଡ. ନିବାରଣ ଶତପଥୀ, ଅଜିତ କୁମାର ସାହୁ, ମନୋଜ କୁମାର ପ୍ରଧାନ, ମାନସ ରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଶବ୍ଦ ପ୍ରଦୂଷଣ ରୋକା ନ ଗଲେ ଆଗାମୀ ଦିନରେ ବରିଷ୍ଠ ନାଗରିକ ବହୁ ଅସୁବିଧାରେ ସମ୍ମୁଖୀନ ହେବେ



ଭଦ୍ରକ, ୧୦/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନାଙ୍କୁ ସୌଜନ୍ୟ ମୂଳକ ସାକ୍ଷାତକରି ବିସ୍ତୃତ ଆଲୋଚନା କରିବ ସହ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ପ୍ରତ୍ୟେକ ମଣିଷ ପଚାଶରୁ ଶହେ ଡେସିବେଲ ଶବ୍ଦ ଗ୍ରହଣ କରିବା ପାଇଁ ସାମର୍ଥ୍ୟ ଥିଲେ ମଧ୍ୟ ଡାକବାଜି ଯନ୍ତ୍ର ଓ ଡିଜେ ଦ୍ୱାରା ଅଧିକ ମାତ୍ରାରେ ଶବ୍ଦ ପ୍ରଦୂଷଣ ହେଉଛି । ଏହା ଫଳରେ ବରିଷ୍ଠ ନାଗରିକ ମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏପରିକି ହୃଦ୍‌ରୋଗୀମାନେ ଆସନ୍ନ ମୃତ୍ୟୁମୁଖରେ ପଡୁଛନ୍ତି। ସରକାରଙ୍କ ନିୟମାନୁସାରେ ବରିଷ୍ଠ ନାଗରିକ ତଥା ଜନସାଧାରଣଙ୍କ ପାଇଁ ଶବ୍ଦ ପ୍ରଦୂଷଣ ରୋକିବାକୁ ଆଶୁ ପଦକ୍ଷେପ ନେବାକୁ ମାନନୀୟ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି । ସେହିପରି ଭଦ୍ରକ ଜିଲ୍ଲା ଅଧୀନସ୍ଥ କତିପୟ ଥାନାରେ ବିଭିନ୍ନ କାରଣ ନେଇ ଅଭିଯୋଗ କରୁଥିବା ବରିଷ୍ଠ ନାଗରିକମାନେ ଅଯଥାରେ ଥାନା ଅଫିସରଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଛନ୍ତି । ପରିଣତ ବୟସରେ ଏହା ଅତ୍ୟନ୍ତ ଦୁଃଖାବହ ହେଉଛି । ଆହୁରି ମଧ୍ୟ ଭଦ୍ରକ ଜିଲ୍ଲାର କେତେକ ରାସ୍ତାରେ ଅଯଥାରେ ହମ୍ପସ୍ କରିବା ଦ୍ୱାରା ଯାନବାହନର ଯାତାୟତରେ ପ୍ରତିରୋଧ ସୃଷ୍ଟି ହେଉଛି । ଉକ୍ତ ଦାବୀପତ୍ରକୁ ସହାନୁଭୂତି ଚିତ୍ତରେ ବିଚାର କରିବା ପାଇଁ ମାନନୀୟ ଆରକ୍ଷୀ ଅଧୀକ୍ଷକ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସଂପାଦକ କୈଳାସଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟ, ସହ ସଂପାଦକ ବିଭୂତିଭୂଷଣ ସେନାପତି, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ନ୍ୟାୟଜୀବୀ ଓ ସାଧାରଣ ସଭ୍ୟା ରାଧାରାଣୀ ମହାପାତ୍ର, ସମାଜସେବୀ ସୁଧାକର ରାଉତ୍, ଶଚିକାନ୍ତ ପାଢ଼ୀ ଓ ଭଦ୍ରକ ବରିଷ୍ଠ ନାଗରିକ ମଂଚର ସଭାପତି ପଦ୍ମନାଭ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

## ହାତିଆଡିହାରେ ଅଗ୍ନିକାଣ୍ଡ : ୩ବଖରା ଭସ୍ମୀଭୂତ

ବସ୍ତା,୧୦/୦୭ (ନି.ପ୍ର): ରୂପସା ଥାନା ଅଧୀନ ହାତିଆଡିହା ଗାଁରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଭସ୍ମୀଭୂତ ହୋଇଯାଇଛି ।ପ୍ରକାଶ ଯେ ଶନିବାର ରାତିରେ ଏହି ଗାଁର ଉର୍ମିଳା ବେହେରାଙ୍କ ଘରେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଘର ପୋଡି ଯାଇଥିଲା । ଖବର ପାଇ ବସ୍ତା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ ।ସୌ ଭାଗ୍ୟକୁ କେହି ଜୀବ ଜନ୍ତୁ ମୃତାହତ ହୋଇ ନାହାନ୍ତି ।ଅଗ୍ନିକାଣ୍ଡ ଫଳରେ ତାଙ୍କର ବିପୁଳ କ୍ଷୟକ୍ଷତି ଘଟିଥିବାରୁ ଆର୍ଥିକ ସହାୟତା ପାଇଁ ସ୍ୱାମୀ ଅନନ୍ତ ବେହେରା ସରକାରଙ୍କ ଠାରେ ନିବେଦନ କରିଛନ୍ତି ।

## ୯୦ଲିଟର ଦେଶୀ ମଦ ଜବତ, ୨ଗିରଫ

ଖଇରା, ୧୦/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅବକାରୀ ବିଭାଗ ପକ୍ଷରୁ ରବିବାର ଦିନ ଖଇରା ବ୍ଲକ ର ଡାଲଙ୍ଗ ଓ କୁରୁଣ୍ଟାରେ ଚଢାଉ କରାଯାଇ ୮୦ଲିଟର ଦେଶୀ ମଦ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ମଦ ବିକ୍ରେତା ମାନେ ହେଲେ ଡାଲଙ୍ଗର ମନୋଜ କୁମାର ଜେନା ଓ କୁରୁଣ୍ଟାର ମୁନା ବର୍ମା । ସେମାନେ ବିକ୍ରି କରିବାକୁ ରାସ୍ତାରେ ଯାଉଥିବା ବେଳେ ବିଭାଗର କର୍ମଚାରୀ ମାନେ ତାଙ୍କୁ କାବୁ କରିଥିଲେ ।

## ସଦାଶିବ ସରକାରୀ ବିଦ୍ୟାଳୟର ପ୍ରତିମୂର୍ତ୍ତି ସ୍ଥାପନ ଓ କୃତି ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ

ଜଳେଶ୍ୱର, ୧୦/୭(ନି.ପ୍ର) : ଜଳେଶ୍ୱର ବ୍ଲକର ଆରୁହା ପଂଚାୟତ ଶାଳିକୋଠା ଗ୍ରାମସ୍ଥ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ପ୍ରତିଷ୍ଠାତା ସଦାଶିବ ମହାନ୍ତିଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ଆୟୋଜିତ ସଭାରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ସଦାଶିବ ବାବୁଙ୍କ କର୍ମମୟ ଜୀବନ, ସମାଜସେବା ଓ କର୍ତ୍ତବ୍ୟ ସଂପର୍କରେ କହିଥିଲେ । ଅତିଥିଭାବେ କେଦାର ଚନ୍ଦ୍ର ଗିରି, ଗ୍ରାମ୍ୟ କମିଟି ମୁଖ୍ୟ ଗଣେଶ ଚନ୍ଦ୍ର ପରିଡା, ବିଷ୍ଣୁ ପଦ ମହାନ୍ତି, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ପ୍ରମୋଦ ପଣ୍ଡା, ସରପଂଚ ତପନୀ ଭୂୟାଁ, ମନୋଜ ଭୂୟାଁ, ଶ୍ରୀକଣ୍ଠ ମହାନ୍ତି ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ପୃଷ୍ଠଭୂମୀ ତଥା ସଦାଶିବ ବାବୁଙ୍କ ସମାଜସେବା ସଂପର୍କରେ କହିଥିଲେ । ଏଥିରେ ଚଳିତ ଶିକ୍ଷାବର୍ଷରେ ମ୍ୟାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ୭ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସତ୍ୟସୁନ୍ଦର ସାହୁ ମଂଚ ଆହ୍ୱାନ, ହରିପଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସଂଜିବ ପ୍ରମାଣିକ, ମିହିର ପ୍ରଧାନ ପରିଚାଳନା କରିଥିଲେ ।

## କୁଆଖିଆଠାରେ ବିଭିନ୍ନ ପ୍ରକଳ୍ପ ଉଦଘାଟିତ

ଧର୍ମଶାଳା,୧୦/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆଠାରେ ଆଜି ବିଭିନ୍ନ ପ୍ରକଳ୍ପଉଦଘାଟିତ ହୋଇଯାଇଛି । ଆଜି ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ କୁଆଖିଆଠାରେ ସୌରଚାଳିତ ପାଣି ଟାଙ୍କି ଓ ଯାତ୍ରୀ ବିଶ୍ରମଗାରକୁ ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ ରାଉତ ଓ ସ୍ଥାନୀୟ ଲୋକପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## 'ବିଶାଳ କାର୍ଯ୍ୟକର୍ତ୍ତା ସମାବେଶ'କୁ ....

ନିର୍ବାଚନ ବିଷୟ ନୁହେଁ ବରଂ ଓଡିଶାର ସ୍ୱାଭିମାନର ବିଷୟ । ପ୍ରଧାନମନ୍ତ୍ରୀ ପଦ୍ମ ପୁରସ୍କାର ସମେତ, ଓଡ଼ିଆଙ୍କୁ ଅନ୍ୟାନ୍ୟ ବଡ ଦାୟିତ୍ୱ ଦେବା ଓ ଗରିବ କଲ୍ୟାଣରେ ଓଡ଼ିଶାକୁ ପ୍ରାଧାନ୍ୟ ଦେଇଛନ୍ତି । ମୋଦି ଯେଉଁ କାମ ଓଡ଼ିଶା ପାଇଁ କରିଛନ୍ତି, ସେଥିପାଇଁ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଲୋକମାନେ ତାଙ୍କୁ ଭୁଲିପାରିବେ ନାହିଁ । ଏଥିପାଇଁ ସାଢ଼େ ୪ କୋଟି ଓଡ଼ିଆଙ୍କ ତରଫରୁ ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ବ୍ରହ୍ମପୁରରେ ଏୟାରପୋର୍ଟ ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀଙ୍କ ଦାବୀ ରହିଛି । ରାଜ୍ୟ ସରକାର ଏଥିପାଇଁ ଜମି ଉପଲବ୍ଧ କରାଇଲେ ବ୍ରହ୍ମପୁରରେ ଏୟାରପୋର୍ଟ ନିର୍ମାଣ କରିବାର ଦାୟିତ୍ୱ ମୋଦି ସରକାର ନେବେ । ଏହା ଦ୍ୱାରା ଗଞ୍ଜାମ ଜିଲ୍ଲାର ଲୋକମାନେ ବିଶେଷ ଭାବରେ ଉପକୃତ ହେବା ସହ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ । ସେ କହିଛନ୍ତି ପୂର୍ବ ସରକାର କେବଳ ଘୋଷଣାନାମାରେ ସୀମିତ ଥିଲା ମାତ୍ର ମୋଦି ସରକାରରେ ବିକାଶର କାମ ବାସ୍ତବର ରୂପ ନେଇଛି । ମୋଦି ହୈ ତ ମୁମକିନ୍ ହୈ ଅର୍ଥାତ୍ ମୋଦି ଅଛନ୍ତି ତ ସବୁ ସମ୍ଭବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ସୌଭାଗ୍ୟ ଯୋଜନାରେ ବିଜୁଳି, ଜଳ ଜୀବନ ମିଶନରେ ପାଇପ ଯୋଗେ ଘରକୁ ପାଣି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ଗରିବ କଲ୍ୟାଣ ଯୋଜନାରେ ମାଗଣା ଚାଉଳ, କରୋନା ସମୟରେ ଜନଧନରେ ଟଙ୍କା, ମୁଦ୍ରା ଯୋଜନାରେ ଋଣ, ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଜାତୀୟ ରାଜପଥ, ରେଳ, ବିମାନବନ୍ଦର ଭିତ୍ତିଭୂମିର ବିକାଶ ପାଇଁ ମୋଦି ସରକାର ଓଡ଼ିଶାକୁ ବିପୁଳ ଅନୁଦାନ ଦେଉଛନ୍ତି । ମାଗଣା କୋଭିଡ୍ ଟିକାକରଣର ବ୍ୟବସ୍ଥା ହୋଇଛି । କରୋନା ସମୟରେ ସୁରତ ସମେତ ବାହାରେ କାମ କରୁଥିବା ଗଞ୍ଜାମର ଲୋକଙ୍କୁ ଫେରାଇ ଆଣିବା ତଥା ବିଦେଶରେ ଫସି ରହିଥିବା ପ୍ରବାସୀ ମାନଙ୍କୁ ଉଦ୍ଧାର କରିବାରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିଲେ । ଦେଶର ସ୍ୱାଧୀନତାର ୭୫ ବର୍ଷ ପୂରଣ କରିଥିବା ବେଳେ ଆଗାମୀ ୨୫ ବର୍ଷର ଯାତ୍ରାର ଅମୃତ କାଳ ଭାରତର ହେବ । ଭାରତର ଗରିବ, ଯୁବକ ମାନଙ୍କର ହେବ । ଭାରତ ବିଶ୍ୱଗୁରୁ ହେବ ଏବଂ ବିଶ୍ୱର ନେତୃତ୍ୱ ନେବ ବୋଲି ପ୍ରଧାନମନ୍ତ୍ରୀ କହିଥିବା କଥାକୁ ଶ୍ରୀ ପ୍ରଧାନ ଦୋହରାଇଥିଲେ । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠ ଦର୍ଶନ କରିଥିଲେ । ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ସ୍ଥିତ ଇଶାନେଶ୍ୱର ମନ୍ଦିରରେ ମଧ ଦର୍ଶନ କରିଥିଲେ ।

## ନିଯୁକ୍ତି କ୍ଷେତ୍ରରେ ବିରଳ ଘଟଣା....

ଦୂରକୁ ଛିଟିକି ପଡି ବଞ୍ଚିଗଲା ରାଧିକା । କୁହାଯାଏ, ରଖେ ହରି ତ ମାରେ କିଏ !! ଯାହାଫଳରେ ଦୁର୍ଘଟଣାସ୍ଥଳରୁ ଆହତ ଅବସ୍ଥାରେ ରାଧିକାଙ୍କୁ ଉଦ୍ଧାର କରାଯାଇଥିଲା । ସବୁଠାରୁ ବଡ଼କଥା ହେଲା ଦକ୍ଷିଣପୂର୍ବ କେନ୍ଦ୍ର ରେଳ ବିଭାଗ ଘଟଣାକୁ ଗୁରୁତ୍ୱର ସହ ନେଇ ଏକ ସ୍ୱତନ୍ତ୍ର ବୋର୍ଡ ଦ୍ୱାରା ରେଳ ମନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲା । ପରେ ରାଧିକାଙ୍କୁ ସହାୟତାର ହାତ ବଢାଇଲେ । ୧୦ମାସର ରାଧିକାର ଥଇଥାନ ପାଇଁ ପୁନଃବସତି ଯୋଜନାରେ ଚାକିରି ଦେବାକୁ ଗତ ଜୁଲାଇ ୪ରେ ନିଷ୍ପତି ନିଆଯାଇଛି । ରେଲୱେ ବୋର୍ଡର ଅନୁମୋଦନ ପରେ ଜୁଲାଇ ୭ତାରିଖରେ ତାଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା । ଏଥିପାଇଁ କୁନିଝିଅର ଟିପ ଚିହ୍ନ ନିଆଯାଇଥିଲା । ନିୟମ ମୁତାବକ, ରାଧିକାକୁ ୧୮ ବର୍ଷ ହେବାମାତ୍ରେ ସେ ରେଳ ବିଭାଗରେ ଚାକିରି କରିପାରିବେ । ବାପା, ମା'ଙ୍କୁ ହରାଇବା ପରେ ରାଧିକା ଏବେ ଜେଜେ ମା'ଙ୍କ ପାଖରେ ରହୁଛି । କେବଳ ନିଯୁକ୍ତି ନୁହେଁ ବରଂ ରାଧିକାର ଲାଳନ ପାଳନ ପାଇଁ ରାଧିକାକୁ ୧୮ ବର୍ଷ ହେବା ଯାଏଁ ତାଙ୍କ ବାପାଙ୍କ ଆକାଉଣ୍ଟରେ ପେନସନ୍ ମିଳିବ । ଏହାଦ୍ୱାରା ରାଧିକାର ପାଠପଢା ଓ ଲାଳନପାଳନ ହୋଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ସ୍ୱତନ୍ତ୍ର ଶିଶୁ ବିକାଶ ସଂସ୍ଥା ଏବଂ ତାଙ୍କ ସମ୍ପର୍କୀୟ ଶିଶୁଟିର ଲାଳନପାଳନ କରିବେ । ରେଳ ବିଭାଗର ରିହାବିଲିଟେସନ୍ ସ୍କିମରେ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରର ଯୋଗ୍ୟ ସଦସ୍ୟଙ୍କୁ ଚାକିରି ମିଳିବାର ବ୍ୟବସ୍ଥା ରହିଛି । ଏହାଦ୍ୱାରା ସେମାନଙ୍କ ଭବିଷ୍ୟତ ସୁରକ୍ଷିତ ହୋଇପାରେ । ହେଲେ ମାତ୍ର ୧୦ ମାସର ଶିଶୁକୁ ନିଯୁକ୍ତି ମିଳିବା କେବଳ ରାଜ୍ୟରେ ନୁହେଁ ବରଂ ସାରା ଦେଶରେ ପ୍ରଥମ ଘଟଣା ବୋଲି କୁହାଯାଉଛି ।

## ପଦବୀ, କାମ ସମାନ....

ଭାବେ କାମ କରୁଛନ୍ତି । ସେ ୮ ବର୍ଷ କାମ କରିବା ପରେ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା କଲେଜର ଲାଇବ୍ରେରିଆନମାନେ ପାଉଥିବା ୟୁଜିସି ସ୍କେଲରେ ଦରମା ଭଳି ତାଙ୍କୁ ସେହି ସ୍କେଲରେ ଦରମା ଦେବାକୁ ଦାବି କରିଥିଲେ । ମାତ୍ର ସରକାର ଏହି ଦାବିକୁ ଖାରଜ କରିଦେଇଥିଲେ । ପରେ ହାଇକୋର୍ଟରେ ମାମଲା ପହଞ୍ଚିଥିଲା ଏବଂ ସୀମାଙ୍କର ବିଜୟ ହୋଇଥିଲା । ପରେ ମଧ୍ୟପ୍ରଦେଶ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ ।କେବଳ ପଦବୀ ଓ କାମରେ ସମାନତାକୁ ଆଧାର କରି ଜଣେ କର୍ମଚାରୀ ଅନ୍ୟ କର୍ମଚାରୀଙ୍କ ଭଳି ସମାନ ଦରମା ଦାବି କରିପାରିବେ ନାହିଁ । ସବୁ କ୍ଷେତ୍ରରେ ସମାନତା ରହିଥିଲେ ଜଣେ କର୍ମଚାରୀ ଅନ୍ୟ କର୍ମଚାରୀଙ୍କ ଭଳି ପେ-ସ୍କେଲ ଦରମା ଦାବି କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

## ବଢୁଛି କରୋନା ସଂକ୍ରମଣ....

ଜିଲ୍ଲାରେ ୪, ଗଜପତି ଜିଲ୍ଲାରେ ୮, ଜଗତସିଂହପୁର ଜିଲ୍ଲାରେ ୮, ଯାଜପୁର ଜିଲ୍ଲାରେ ୬, ଝାରସୁଗୁଡା ଜିଲ୍ଲାରେ ୬, କଳାହାଣ୍ଡି ଜିଲ୍ଲାରେ ୫, କେନ୍ଦ୍ରାପଡା ଜିଲ୍ଲାରେ ୩, କେନ୍ଦୁଝର ଜିଲ୍ଲାରେ ୪, ଖୋର୍ଧା ଜିଲ୍ଲାରେ ୨୦୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୩, ମୟୁରଭଂଜ ଜିଲ୍ଲାରେ ୧୭, ନବରଙ୍ଗପୁର ଜିଲ୍ଲାରେ ୧, ନୟାଗଡ ଜିଲ୍ଲାରେ ୨, ନୂଆପଡା ଜିଲ୍ଲାରେ ୨ ପୁରୀ ଜିଲ୍ଲାରେ ୩୭, ରାୟଗଡା ଜିଲ୍ଲାରେ ୨, ସମ୍ବଲପୁର ଜିଲ୍ଲାରେ ୬ , ସୋନପୁର ଜିଲ୍ଲାରେ ୨୦ ,ସୁନ୍ଦରଗଡ ଜିଲ୍ଲାରେ ୪୨ ଓ ଷ୍ଟେଟ ପୁଲରେ ୪୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୩ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

# ୬୦ ରାଜପଥର ଶାନ୍ତିଆ ପୋଲଠାରୁ ଅଚିହ୍ନା-ମୁମୂର୍ଷୁ ଯୁବକ ଉଦ୍ଧାର

ଜଳେଶ୍ୱର, ୧୦/୭(ନି.ପ୍ର) : ଆଜି ଭୋର ୬୦ନଂ ଜାତୀୟ ରାଜପଥର ଶାନ୍ତିଆ ପୋଲ ଠାରେ ଏକ ଅଚିହ୍ନା ଯୁବକ ହାତ, ଗୋଡ, ମୁହଁ ବନ୍ଧା ଅବସ୍ଥାରେ ପଡିଥିବାର ଦେଖିବାକୁ ମିଳିଥିଲା । ପୁଲିସ୍ ଏହାକୁ ଉଦ୍ଧାର କରି ପ୍ରଥମେ ଜିକେ ଭଟ୍ଟର ହସ୍‌ପିଟାଲରେ ଚିକିତ୍ସା କରୁଥିବା ବେଳେ ସମଗ୍ର ହସ୍‌ପିଟାଲ ଅଂଚଳକୁ ସାମ୍ବାଦିକ ମାନଙ୍କୁ ଛଡାଯାଇନଥିଲା । ଫଳରେ ଏକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେବା ସହିତ ବାହାରେ ବହୁ ସାମ୍ବାଦିକ ଅପେକ୍ଷା କରିଥିଲେ । ଗତ ଶନିବାର ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ଗୁଡିକୁ ସାମ୍ବାଦିକ ମାନଙ୍କୁ ପ୍ରବେଶକୁ ରୋକ ଲଗାଯାଇଥିବା ବେଳେ ଆଜି ଜଳେଶ୍ୱର ପୋଲିସ୍ ସାମ୍ବାଦିକଙ୍କୁ ଡାକ୍ତରଖାନା ଭିତରକୁ ଯିବାକୁ ନ ଦେବା ଗଣମାଧ୍ୟମର କଣ୍ଠରୋଧ କରାଯାଉଥିବା କୁହାଯାଇଛି । ଘଟଣାରୁ ପ୍ରକାଶ, ଶନିବାର ଭୋର ଜଣେ ୨୨ବର୍ଷର ଅଚିହ୍ନା ଯୁବକର ହାତ, ଗୋଡ ଓ ମୁହଁ ବନ୍ଧା ଥିବା ବେଳେ ଶାନ୍ତିଆ ରେଳ ଓଭରବ୍ରିଜ୍ ନିକଟରେ ଡାଉନ୍ ଲାଇନ୍‌ରେ ମୁହଁମାଡି ପଡିଥିବାର ଦେଖିବାକୁ ମିଳିଥିଲା । ସ୍ଥାନୀୟ କେତେକ ଯୁବକ ଏ ସମ୍ପର୍କରେ ପୋଲିସ୍‌କୁ ଖବର ଦେବାରୁ ଘଟଣାସ୍ଥଳରେ ପୁଲିସ୍ ପହଞ୍ଚିଥିଲା । ଯୁବକର ମୁଣ୍ଡ ଲଣ୍ଡା ଥିବା ବେଳେ ନାଲି ବେନିଅନ୍ ଓ କଳା ଟ୍ରାଉଜର ପିନ୍ଧିଥିଲା । ପୋଲିସ୍ ଯୁବକକୁ ଚିକିତ୍ସାଲାଗି ଜିକେଭଟ୍ଟର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପିଡିତର ନିକଟକୁ ଯିବାକୁ ଦିଆଯାଇନଥିଲା । ବରଂ ଆଇଆଇସି କେତେକ ସାମ୍ବାଦିକଙ୍କୁ ସେଠାକୁ ଯିବାକୁ ବାରଣ କରିଥିଲେ । ପରେ ପିଡିତକୁ ବାଲେଶ୍ୱର ଫକିରମୋହନ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ୬୦ନଂ ଜାତୀୟ ରାଜପଥର ରାଜଘାଟ ଠାରୁ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ଯାଏ ରାସ୍ତାରେ ବାରମ୍ବାର ଚୋରୀ, ଛିନ୍‌ତାୟୀ, ରାହାଜାନୀ ଓ ଅପହରଣ ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ପୁଲିସ୍‌ର ନଜର ନାହିଁ । ପ୍ରକାଶଯୋଗ୍ୟ ପ୍ରାୟ ୩ବର୍ଷ ମଧ୍ୟରେ ୫ଜଣ ଡ୍ରାଇଭରଙ୍କୁ ଅପହରଣ କରି ଅନ୍ୟସ୍ଥାନରେ ଛଡାଯାଇଥିବା ବେଳେ ପରେ ସେମାନେ ଫେରି ଆସି ଥାନାରେ ଲିଖିତ ବିବୃତି ଦେଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ । ସୁବର୍ଣ୍ଣରେଖା ନଦୀର ରାଜଘାଟ ପୋଲ ତଳୁ ଜଣେ ଟ୍ୟାଙ୍କର ଡ୍ରାଇଭର ମୃତ ଶରୀର ମିଳିଥିଲେ ମଧ୍ୟ ଘଟଣା ସଂପର୍କରେ ପୁଲିସ୍ ଅନ୍ଧାରରେ ବାଡି ବୁଲାଉଛି । ବିଭିନ୍ନ ସମୟରେ ଅପହରଣ କରାଯାଇଥିବା ଗାଡିଗୁଡିକ ଅନ୍ୟ ରାଜ୍ୟକୁ ନିଆଯାଉଥିବା ସିସି ଟିଭି ଫୁଟେଜ୍ ଓ ଜିପିଆର୍‌ଏସ୍‌ରୁ ଜଣା ପଡିଥିଲେ ମଧ୍ୟ ପୁଲିସ୍ ଖାଲି ହାତରେ ବସିଛି ।

# ଗଡପୋଖରି ହାଇସ୍କୁଲ ପୁରାତନ ଛାତ୍ରଙ୍କ ଦ୍ୱାରା ଚାରାରୋପଣ



ଖଇରା, ୧୦/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ପୁରାତନ ଛାତ୍ର ମାନଙ୍କ ଦ୍ୱାରା ରବିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପୁରାତନ ଛାତ୍ର ସଂଘର ସଭାପତି ଶତ୍ରୁଘ୍ନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ତପନ କୁମାର ବେହେରା, ମୁକ୍ତିକାନ୍ତ ଭୂୟାଁ, ଭରତ ଚନ୍ଦ୍ର ଦାସ, କ୍ଷୀରୋଦ ମହାପାତ୍ର ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରଜାତିର ୧ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା । ପ୍ରଧାନଶିକ୍ଷକ ରମାକାନ୍ତ ଶତପଥି, ଖଇରା ଅଞ୍ଚଳରେ ଟ୍ରିମ୍ୟାନ ଭାବେ ଖ୍ୟାତିଲାଭ କରିଥିବା ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ବାଲେଶ୍ୱର, ସୋମବାର, ୧୧ ଜୁଲାଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର, ୧୦/୦୭ (ନି.ପ୍ର): ରାଜ୍ୟର ଶିକ୍ଷାନୁଷ୍ଠାନ ଭିତରକୁ ସାମ୍ବାଦିକ ମାନଙ୍କର ପ୍ରବେଶ ଉପରେ କଟକଣା କୁ ଦୁର୍ଭାଗ୍ୟ ଜନକ ଏହା ଦ୍ୱାରା ପରୋକ୍ଷରେ ଅବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ବୋଲି ମତ ପ୍ରକାଶ ପାଇଥିଲା । ଆଜି ଜିଲ୍ଲା ସାମ୍ବାଦିକ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ପ୍ରତିଷ୍ଠା ଦିବସ ଏବଂ ନୂତନ କର୍ମକର୍ତ୍ତା ଚୟନ ସମ୍ପର୍କିତ ଆଲୋଚନା ହୋଇଥିଲା । ଆସନ୍ତା ଅଗଷ୍ଟ ୩୦ ତାରିଖ ଦିନ ସଂଘର ପ୍ରତିଷ୍ଠା ଦିବସ ପାଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେହିପରି ଆସନ୍ତା ସେପ୍ଟେମ୍ବର ୨୧ ତାରିଖ ଦିନ ସଂଘର ନିର୍ବାଚନ କରିବାକୁ ସ୍ଥିରୀକୃତ ହୋଇଥିଲା । ଏହି ଅବସରରେ ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନ ପରିସରକୁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ ରୋକ ଲଗାଯିବା ଭଳି ସରକାରଙ୍କ ନିଷ୍ପତ୍ତିକୁ ବୈଠକରେ ନିନ୍ଦା କରାଯାଇଥିଲା । ବୈଠକରେ ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ମିଶ୍ର, ମାନସ ରଂଜନ ମହାନ୍ତି, ସାଧାରଣ ସମ୍ପାଦକ ବଳରାମ ମିଶ୍ର, ସାଙ୍ଗଠାନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ ରଞ୍ଜିତ ବେହେରା, ଦିପକ ସମାଦ୍ଦାର, ବଂଶୀଧର ସେଠ, କୋଷାଧ୍ୟକ୍ଷ ସୁନିଲ କୁମାର ମହାନ୍ତି, ଉପଦେଷ୍ଟା ମଣ୍ଡଳୀ ଗୋପବନ୍ଧୁ ଶତପଥୀ, ନବୀନ ପଶାୟତ, ସୁବାସ ଚନ୍ଦ୍ର ପଣ୍ଡା, ସୋମନାଥ ଆଚାର୍ଯ୍ୟ, ସୁଧାଂଶୁ ଚନ୍ଦ୍ର ପଣ୍ଡା, ଶିଶିରକାନ୍ତ ଶତପଥି, ବିପ୍ଲବ ପୁରୋହିତ, କାର୍ଯ୍ୟକାରୀ କମିଟି ସଦସ୍ୟ ସତ୍ୟସୁନ୍ଦର ଭଞ୍ଜ, ଶିବପ୍ରସାଦ ପରିଡ଼ା, ସଦାଶିବ ସରାଫ, ଚନ୍ଦ୍ରଭାନୁ ମୋଲାନା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିତରଂଜନ ମିଶ୍ର, ବିମଳେନ୍ଦୁ ସାହୁ, ସଞ୍ଜୟ କୁମାର ବେହେରା ପ୍ରମୁଖ ସଦସ୍ୟ ଯୋଗଦାନ କରିଥିଲେ।

# ରଜନୀ ରଞ୍ଜନଙ୍କ 'ଅଚିହ୍ନା ସହରର ନକ୍ସା' ଲୋକାର୍ପିତ



ବାଲକାଟି, ୧୦/୦୭ (ନି.ପ୍ର): ଓଡ଼ିଆ ସାହିତ୍ୟରେ ମୌଳିକ ନାଟ୍ୟକର ଅଭାବ ରହିଛି । ଗଳ୍ପ, କବିତା ଓ ଉପନ୍ୟାସ ତୁଳନାରେ ନାଟକର ପ୍ରକାଶନ କମ୍ । ଏଥିପାଇଁ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଡ.ରଜନୀ ରଂଜନଙ୍କ ଲିଖିତ ଓ ପକ୍ଷୀଘର ପ୍ରକାଶନ ଦ୍ୱାରା ପ୍ରକାଶିତ ଛୋଟନାଟକ ସଂକଳନ 'ଅଚିହ୍ନା ସହରର ନକ୍ସା'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ସରଦେଇପୁରସ୍ଥିତ ଡାକବଂଗଳାରେ ଅନୁଷ୍ଠିତ ହୋଇଯାଇଛି । କଥାକାର ଡ. ଅଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଂଜନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ନାଟ୍ୟକାର ଶଙ୍କର ତ୍ରିପାଠୀ, ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟାନ୍ୟଙ୍କ ମଧ୍ୟରେ କବି ବିପିନ ମହାନ୍ତି, ନାଟ୍ୟକାର ବିଜୟ ଦାସ, ଗବେଷକ ମାଧବ ବେହେରା ପ୍ରମୁଖ ପୁସ୍ତକ ଉପରେ ଆଲୋଚନା କରିଥିଲେ । କବି ପୂର୍ଣ୍ଣଚନ୍ଦ୍ର ମହାରଣା, ବିଧୁଭୂଷଣ ପଟ୍ଟନାୟକ, ବଂକିମ୍ ଚନ୍ଦ୍ର ନାୟକ, ଡ. ଅଭିରାମ ଦାସ, ତନୟା ଦାସ ଗୋସ୍ୱାମୀ, ଭଗବାନ ସାହୁ, ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସାମ୍ବାଦିକ ସୋମନାଥ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସାମ୍ବାଦିକ ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଧ୍ୟମା ପରୀକ୍ଷାରେ ଲିପାରାଣୀ ତ୍ରିପାଠୀ ଜିଲ୍ଲା ଟପର

ଭଦ୍ରକ, ୧୦/୦୭ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକର ବଡବନସ୍ତା ସଂସ୍କୃତ ବିଦ୍ୟାଳୟ ଛାତ୍ରୀ ଲିପାରାଣୀ ତ୍ରିପାଠୀ ଚଳିତ ବର୍ଷ ମଧ୍ୟମା ପରୀକ୍ଷାରେ ଜିଲ୍ଲାସ୍ତରରେ ଟପର ହୋଇଛନ୍ତି । ଲିପାରାଣୀ ୯୮.୬୭% (୫୯୨) ନମ୍ବର ହାସଲ କରି ଗୌରବର ଅଧିକାରିଣୀ ହୋଇଛନ୍ତି । ଝୁଟୁଣା ଗ୍ରାମର ପଦ୍ମନାଭ ତ୍ରିପାଠୀ ଓ ବାସନ୍ତି ତ୍ରିପାଠୀଙ୍କ କନ୍ୟା ଲିପାରାଣୀ ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ଦେଇଛନ୍ତି ।

# ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ମହାପ୍ରଭୁଙ୍କ ସୁନାବେଶ



ବାଲିଆପାଳ, ୧୦/୦୭ (ନି.ପ୍ର): ଉତ୍ତର ବାଲେଶ୍ୱରର ପ୍ରସିଦ୍ଧ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଆଜି ମହାପ୍ରଭୁଙ୍କ ସୁନା ବେଶ ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ,ମଇଲମ ,ତଡପଲାଗି ,ଅବକାଶ,ସକାଳ ଧୂପ ପ୍ରଭୃତି ପୂଜାପାଠ କରାଯାଇ ଶ୍ରୀ ଜୀଉ ମାନଙ୍କର ସ୍ୱତନ୍ତ୍ର ବେଶ କରାଯାଇଥିଲା । ଅପରାହ୍ନରେ ଚତୁର୍ଦ୍ଧାମୂର୍ତିଙ୍କୁ ବିଭିନ୍ନ ସୁନା ଏବଂ ରୂପା ଅଳଙ୍କାରେ ବିଭୂଷିତ କରାଯାଇଥିଲା । ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏହି ସ୍ୱତନ୍ତ୍ର ବେଶ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଶହ ଶହ ଭକ୍ତ ମନ୍ଦିର ପରିସରରେ ଏହି ବେଶ ଦର୍ଶନ ପାଇଁ ଭିଡ ଜମାଇଥିଲେ । ଆସନ୍ତା କାଲି ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ । ମନ୍ଦିର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠୀ, ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ ପ୍ରମୁଖ ସେବାୟତମାନେ ସେବା କାର୍ଯ୍ୟ କରିଥିଲା ବେଳେ ମନ୍ଦିର ପରିଚାଳନା କମିଟିର ସଭାପତି ଜୟନାରାୟଣ ମହାନ୍ତି, କମିଟିର ସମ୍ପାଦକ ବ୍ରଜକିଶୋର ଭୂୟାଁ, ପୂର୍ବତନ ସରପଂଚ ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ, ମଧୁସୂଦନ ସାହୁ ପ୍ରମୁଖ ପରିଚାଳନା କରିଥଲେ ।

# ସାମ୍ବାଦିକଙ୍କ ଏକତା, ସୁରକ୍ଷା ସହିତ ଅଧିକାର ସଂକୁଚିତକୁ ନେଇ ଉଦ୍‌ବେଗ

ଜଳେଶ୍ୱର ୧୦/୭(ନି.ପ୍ର) : ସାମ୍ପ୍ରତିକ ସମାଜରେ ସାମ୍ବାଦିକ ମାନଙ୍କର ଅଧିକାର, ସୁରକ୍ଷା ଓ କର୍ତ୍ତବ୍ୟ ସମ୍ପାଦନ ସଂକୋଚିତ ହୋଇ ଆସୁଛି । ଅବାଧ ସମ୍ବାଦ ସଂଗ୍ରହ ବାଧାପ୍ରାପ୍ତ ହେଉଛି । ନିକଟରେ ଗଣଶିକ୍ଷାମନ୍ତ୍ରୀଙ୍କ ବିବୃତି ପରିସ୍ଥିତିକୁ ଜଟିଳ କରୁଛି । ସାମ୍ବାଦିକ ତାର ପରିସୀମା ଭିତରେ କାର୍ଯ୍ୟ କରିବା ନେଇ ନ୍ୟାୟାଳୟ ତାଗିଦ୍ କରିଛି । କିନ୍ତୁ ବାସ୍ତବରେ ସାମ୍ବାଦିକ ତାର କାର୍ଯ୍ୟ କରିବାରେ ଅନ୍ୟଦ୍ୱାରା ବାଧାପ୍ରାପ୍ତ ହେଉଛି ନା ଅନ୍ୟକୁ ବାଧା ସୃଷ୍ଟି କରୁଛି, ଏହା ଗଣତନ୍ତ୍ର ରାଷ୍ଟ୍ରରେ ଜନସାଧାରଣ ବିଚାର କରିବା ଉଚିତ୍ ବୋଲି ଆଜି ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ମତପ୍ରକାଶ ପାଇଛି । 'ଜଳେଶ୍ୱର ଇନ୍'ରେ ଅନୁଷ୍ଠିତ ଅପରାହ୍ନର ବନ୍ଧୁମିଳନ ଉତ୍ସବରେ ବଂଶୀଧର ଜେନା ସଭାପତିତ୍ୱ କରି ସାମ୍ବାଦିକ ଏକତାର ଆବଶ୍ୟକତା ଓ କର୍ମଶାଳା ସଂପର୍କରେ ସୂଚନା ଦେଇଥିଲେ । ଏଥିରେ ସାମ୍ବାଦିକ ଅବନୀ କୁମାର ଚନ୍ଦା, ରାମଚନ୍ଦ୍ର ଦେବ, ରବିନ୍ଦ୍ର ନାଥ ସେନାପତି, ଅଧ୍ୟାପକ ସୁକାନ୍ତ ଗିରି, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ମାନଙ୍କ ଏକତା ବିନା କର୍ତ୍ତବ୍ୟ ସମ୍ପାଦନ ଅସମ୍ଭବ, ଏଥିପାଇଁ ଏକତା ମାଧ୍ୟମରେ ସାଂବାଦିକମାନେ ଅଧିକାର ହାସଲ କରିବା ସଂପର୍କରେ କହିଥିଲେ । ସାମ୍ବାଦିକତା ଏକ ଅମିମାଂଶିତ ପ୍ରଶ୍ନ ହୋଇଥିବା ବେଳେ ନୂତନ ପିଡିର ସାମ୍ବାଦିକଙ୍କୁ ବିଭିନ୍ନ କ୍ଷେତ୍ରରେ ସୁଜଗ ଦେବା ଉଚିଥ ଓ ସେମାନଙ୍କ କର୍ତ୍ତବ୍ୟବୋଧ, ନିଷ୍ଠା ସହିତ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୁକୁମାର ରଣା, ସୁଶାନ୍ତ କୁମାର ପ୍ରଧାନ, ଅରୁଣ କୁମାର ଜେନା, ଦିଲ୍ଲିପ କୁମାର ଦାସ, ଦୀନବଂଧୁ ପ୍ରଧାନ, ଅପରାହ୍ନର ପ୍ରକାଶିକା ଲକ୍ଷ୍ମିପ୍ରିୟା ଦାସ, ମନୋଜ କୁମାର ଭୂୟାଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଡ. ଅଜିତ୍ କୁମାର ମହାନ୍ତି ସୂଚନା ପ୍ରଦାନ କରି ସାମ୍ବାଦିକଙ୍କ ଏକତାର ଆବଶ୍ୟକତା ସଂପର୍କରେ କହିଥିଲେ । ଜ୍ୟୋର୍ତିମୟୀ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଜଳେଶ୍ୱରର ବହୁ ସାମ୍ବାଦିକ ଯୋଗ ଦେଇଥିଲେ ।

## ବାହୁଡ଼ା ଯାତ୍ରାରେ ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଟାଣିଲେ ରଥ

ନୀଳଗିରି, ୧୦/୦୭ (ନି.ପ୍ର): ଓଡ଼ିଶାର ମାନ୍ୟବର ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ନୀଳଗିରି ର ବାହୁଡ଼ା ଯାତ୍ରାର ପ୍ରଥମ ଦିନରେ ପହଂଚି ଚତୁର୍ଦ୍ଧା ମୂର୍ତିଙ୍କ ରଥକୁଟାଣୁଥିବାର ଦେଖିବାକୁ ମିଳିଛି । ଶ୍ରୀଯୁକ୍ତ ପାତ୍ର ଅପରାହ୍ନ ପ୍ରାୟ ୫ଟା ସମୟରେ ନୀଳଗିରି ବଡ଼ଦାଣ୍ଡରେ ପହଂଚି ପ୍ରଥମେ ଚତୁର୍ଦ୍ଧା ମୂର୍ତିକୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି । ପରେ ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ରଥାରୁଢ଼ ଥିବା ମହାପ୍ରଭୁଙ୍କ ରଥକୁ ଟାଣିଥିଲେ । ଏହା ମୋଜୀବନର ସୌଭାଗ୍ୟ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହିତ ଜଗତର ନାଥ ଜଗନ୍ନାଥଙ୍କ ଡୋରୀ ମୋତେ ଆଜି ନୀଳଗିରିରେ ପହଂଚାଇ ପାରିଛି । ସେଥିପାଇଁ ମୋର ମହାବାହୁଙ୍କୁ କୋଟି କୋଟି ପ୍ରଣାମ କରିବା ସହ ନିଜକୁ ଧନ୍ୟ ମନେ କରୁଛି । ଏହି ଅବସରରେ ବିଜେଡି ନେତା ସନ୍ତୋଷ ଖଟୁଆ , ଗତିକୃଷ୍ଣ ନନ୍ଦ, ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ଏନ.ଏ.ସି. ସଭାପତି ରବିନ୍ଦ୍ର କୁମାର ପରିଡ଼ା, ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଶିଶିର ରାଉତ ପ୍ରମୁଖ ମନ୍ତ୍ରୀଙ୍କ ନିକଟରେ ଉପସ୍ଥିତଥିବା ଦେଖିବାକୁ ମିଳିଛି ।

# ବାହୁଡ଼ା ଯାତ୍ରା ! ଅଧାବାଟରେ ଅଟକିଲେ ଚତୁର୍ଦ୍ଧାମୂର୍ତ୍ତୀ



ନୀଳଗିରି, ୧୦/୦୭ (ନି.ପ୍ର): ଓଡ଼ିଶାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ବାହୁଡ଼ା ଯାତ୍ରାରେ ଚତୁର୍ଦ୍ଧାମୂର୍ତି ଅଧାବାଟରେ ଅଟକି ରହି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ରବିବାର ପ୍ରଥମ ଦିନ ବାହୁଡ଼ା ଯାତ୍ରାରେ ରୀତିନୀତି ଅନୁଯାଇ ଚତୁର୍ଦ୍ଧାମୂର୍ତୀଙ୍କୁ ପୂଜାର୍ଚ୍ଚନା କରାଯାଇ ଅପରାହ୍ନ ପ୍ରାୟ ୩.୩୦ମି. ସମୟରେ ପ୍ରଥମ ଦିନରେ ବାହୁଡ଼ା ଯାତ୍ରା ଆରମ୍ଭ କରାଯାଇଥିଲା । ପ୍ରଥମ ବାହୁଡ଼ା ଯାତ୍ରାରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ଭକ୍ତ ଓ ଭଗବାନଙ୍କ ମଧରେ ନୀଳଗିରି ବଡ଼ଦାଣ୍ଡ ଜନସମୁଦ୍ର ପାଲଟି ଯାଉଥିଲା । ଜୟ ଜଗନ୍ନାଥ ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା । ଅନୁକୂଳ ପାଗ ଯୋଗୁଁ ଭକ୍ତମାନଙ୍କର ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କରିବା ପାଇଁ ବେଶ ଭିଡ଼ ଜମିଛି । ଜନ ସମାଗମ ପରିସ୍ଥିତିକୁ ଦେଖି ନୀଳଗିରି ପୋଲିସ ପକ୍ଷରୁ ଛକ ଜାଗାମାନଙ୍କରେ ବ୍ୟାପକ ପୋଲିସ ମୁତୟନ କରାଯାଇ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ । ପ୍ରଥମ ଦିନ ବାହୁଡ଼ା ଯାତ୍ରା ନୀଳଗିରି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ନୀଳଗିରି ତହସିଲଦାର ତଥା ମାଜିଷ୍ଟ୍ରେଟ ଅଶେଷ କୁମାର ନାୟକ ରଥ ଉପରେ ରହି ରଥ ଟଣା କାର୍ଯ୍ୟକ୍ରମକୁ ପରିଚାଳନ କରୁଥିବା ବେଳେ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥ ଉପରେ ରହି ଦିଗ୍‌ଦର୍ଶନ ଦେଇଥିଲେ । ଏହିଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁଶେଖର ପରିଡ଼ା, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ଚିତରଂଜନ ଷଡ଼ଙ୍ଗୀ, ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ଏସ.ଡି.ପି.ଓ. ରିତେଶ ମହାପାତ୍ର, ବିଜେଡି ନେତା ସନ୍ତୋଷ ଖଟୁଆ, ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ ପ୍ରମୁଖ ଉପସ୍ଥିତ ଥିବା ଦେଖା ଯାଇଥିଲା । ଆଜିସୋମବାର ଦିନ ୨ୟ ଦିନ ବାହୁଡ଼ା ଯାତ୍ରାରେ ନିଜର ରତ୍ନବେଦୀକୁ ଯିବେ । ଫଳରେ ସଂଖ୍ୟାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ଅଛି ।

# ବିକ୍ରୟ ପାଇଁ ବିଦେଶ ଯିବ ଉଦଳାର ଲେମନଗ୍ରାସ ଓ ପାମାରୋଜା

ଉଦଳା, ୧୦/୦୭ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଶୋଭା' ତରଫରୁ ନାବାର୍ଡ଼ ସହାୟତାରେ ଗତକିଛି ବର୍ଷ ଧରି ଉଦଳା ବ୍ଲକର ପ୍ରାୟ ୧ ହଜାର ଏକର ଜମିରେ ୱାଡ଼ି ପ୍ରଜେକ୍ଟ ମାଧ୍ୟମରେ ଆମ୍ବ ଓ ପିଜୁଳି ଚାଷ ହୋଇ ଆସୁଅଛି । ଏହାଦ୍ୱାରା ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର, ନୂଆଗାଁ, ବଡ଼ଖମଣ ଏବଂ ବହୁବନ୍ଧ ପଞ୍ଚାୟତର ପାଖା ପାଖି ୧୨୫୦ ଅନୁସୂଚିତ ଜନଜାତିର ଚାଷୀ ଉପକୃତ ହେଉଛନ୍ତି । ତେବେ ଏହି ଜମିରୁ ଚାଷୀ ଅଧିକ ଲାଭବାନ ହେବା ଉଦେଶ୍ୟରେ ନାବାର୍ଡ ସହାୟତାରେ 'ହିଙ୍ଗୁଳା କୃଷକ ଉତ୍ପାଦକକ ସଂଘ' ଗଢ଼ି ଉଠିବା ସହିତ ଆରମ୍ଭ ହୋଇଛି ଲେମନ ଗ୍ରାସ ଓ ପାମାରୋଜା ଚାଷ । ୱାଡ଼ି ଅଞ୍ଚଳରେ ବର୍ଷକୁ ୩/୪ ଥର ଏହା ଅମଳ ହେବା ସହିତ ବେଶ ଦୁଇ ପଇସା ଲାଭ ହେଉଛି ବୋଲି ଚାଷୀ ମାନେ ଜଣାଇଛନ୍ତି । ଲେମନଗ୍ରାସ ଓ ପାମାରୋଜାରୁ ତେଲ ପେଡ଼ିବା ପାଇଁ ଏମ୍.ଏସ୍.ଏମ୍.ଇ. ମେସିନ ଯୋଗାଇ ଦେଇଛି । ଏହି ତେଲର ଔଷଧୀୟ ଗୁଣ ପାଇଁ ବିଦେଶରେ ମଧ ଏହାର ଚାହିଦା ରହିଛି ବୋଲି 'ଶୋଭା'ର ସଂପାଦକ ରଂଜନ କୁମାର ମିଶ୍ର ଜଣାଇଛନ୍ତି । ତେବେ ଆଗାମୀ ଦିନରେ ଏହି ତେଲ କିପରି ବିଦେଶ ବଜାରକୁ ପ୍ରବେଶ କରିବ ସେଥିପାଇଁ ଉଦ୍ୟମ ଜାରୀ ରହିଛି ବୋଲି ସଂପାଦକ ଅବଗତ କରାଇବା ସହିତ ଏହା ଦ୍ୱାରା ଚାଷୀ ମାନଙ୍କର ରୋଜଗାର ବହୁଗୁଣିତ ହେବ ବୋଲି ବ୍ୟକ୍ତ କରିଛନ୍ତି ।

## ବାହୁଡ଼ା ଯାତ୍ରାରେ ମହାବୀର ଫାଉଣ୍ଡେସନ ପକ୍ଷରୁ ପ୍ରସାଦ ବଂଟନ

ନୀଳଗିରି, ୧୦/୦୭ (ନି.ପ୍ର): ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମହାବୀର ଫାଉଣ୍ଡେସନ ପକ୍ଷରୁ ବାହୁଡ଼ା ଯାତ୍ରାର ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଂଟନ କରୁଥିବାର ଦେଖିବାକୁ ମିଳିଛି । ଅନୁଷ୍ଠାନର ପ୍ରତିଷ୍ଠାତା ବିଦ୍ୟାଧର ବାରିକଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ପ୍ରସାଦ ବଂଟନ କାର୍ଯ୍ୟକ୍ରମରେ ସାମିଲ ଥିବା ବେଳେ ପ୍ରସାଦ ସେବନ ପାଇଁ ଉକ୍ତ ସ୍ଥଳ ନିକଟରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ମହାବୀର ଫାଉଣ୍ଡେସନ ଲୋକମାନଙ୍କ ପାଇଁ ସେବାରେ ସଦାସର୍ବଦା ନିଜକୁ ନିୟୋଜିତ କରିଥାଏ ବୋଲି ସଂଗଠନର ଗଙ୍ଗାଧର ବାରିକ, ବିଶ୍ୱସୁନ୍ଦର ବାରିକ, ସରୋଜ ବାରିକ, ନାରାୟଣ ନାୟକ, ଶୁଭକାନ୍ତ ଘଡ଼େଇ, ଦିଗାମ୍ବର ବେହେରା, ସୁଦର୍ଶନ ପାତ୍ର, ପ୍ରଦୀପ ମଲିକ, ପମଜ୍ୟୋତି ବେହେରା, ବିଶ୍ୱଜିତ୍ ମଲିକ, ଅମର ମଲିକ ପ୍ରମୁଖ କର୍ମକର୍ତାମାନେ ପ୍ରକାଶ କରିଛନ୍ତି ।

# ଉଦଳାରେ ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କର୍ମଶାଳା




ଉଦଳା, ୧୦/୦୭ (ନି.ପ୍ର): ଦେବକୁଣ୍ଡ ଫେଡ଼ ଫାର୍ମସ ପ୍ରଡ୍ୟୁସର କମ୍ପାନି ଲିମିଟେଡ୍, ଉଦଳାର ଆୟୋଜନରେ ଝିଙ୍କେଶ୍ୱର ଆଗ୍ରୋଫେଡ୍ ଫାର୍ମସ କମ୍ପାନି ଲିମିଟେଡ୍, କପ୍ତିପଦା ଏବଂ ଟୁଙ୍କି ଫେଡ଼ ଫାର୍ମସ ପ୍ରଡ୍ୟୁସର କମ୍ପାନି ଲିମିଟେଡ୍, ଖୁଣ୍ଟା ସହଯୋଗରେ ଚଳିତ ଜୁଲାଇ ୬ ତାରିଖ ଦିନ ସ୍ଥାନୀୟ ଭିମିତାଳୀସ୍ଥିତ ଗାୟତ୍ରୀ ମନ୍ଦିର ସଭାଗୃହ ପରିସରରେ ଉନ୍ନତ ବ୍ୟବହାରିକ କୃଷି କୌଶଳ ଓ ସମ୍ମନ୍ୱିତ ରୋଗ ପୋକ ନିୟନ୍ତ୍ରଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲା ନାବାର୍ଡ଼ର ଡ଼ିଡ଼ିଏମ୍ ସ୍ମୃତି ରଂଜନ ପଟ୍ଟନାୟକ, ନାଫେଡ଼ର ଷ୍ଟେଟ ନୋଡ଼ାଲ ଅଫିସର ଗୋବିନ୍ଦ ମୁର୍ମୁ, ଉଦଳା ବ୍ଲକର କୃଷି ଅଧିକାରୀ ପ୍ରଫୁଲ୍ଲ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଆଗାମୀ ଦିନରେ କୃଷକ ମାନଙ୍କ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବା ସହ ଦଲାଲମୁକ୍ତ ବ୍ୟବସାୟ ତଥା ସରକାରୀ ଯୋଜନାକୁ ସଠିକ ଭାବରେ କୃଷକଙ୍କ ପାଖରେ ପହଞ୍ଚାଇ ତାଙ୍କର ଆୟକୁ ଦିଗୁଣିତ କରାଯାଇ ପାରିବ ବୋଲି ବ୍ୟକ୍ତ କରିଥିଲେ । ଏହାପରେ କୃଷି କୌଶଳ ଓ ରୋଗପୋକ ନିୟନ୍ତ୍ରଣ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦେବକୁଣ୍ଡ କୃଷକ ଉତ୍ପାଦକ ସଂଘର ପରିଚାଳନା ନିର୍ଦ୍ଦେଶକ ପ୍ରକାଶ କୁମାର ନାୟକ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା କ୍ଷେତ୍ର ସଂଯୋଜକ ଯୋଗେନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଭଦ୍ରକରେ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

ଭଦ୍ରକ, ୧୦/୦୭ (ନି.ପ୍ର): ଭଦ୍ରକ ଜିଲା ମତ୍ସ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲା ମତ୍ସ୍ୟ ଅଧିକାରୀ ମାନସ ରଂଜନ ସାହୁ ଅଧକ୍ଷତା କରିଥିବାବେଳେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡା. ଅରବିନ୍ଦ ଦାସ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭେନ୍ଦୁ ମିଶ୍ର ଓ କୃଷି ବିଭାଗର ସହକାରୀ କୃଷି ନିର୍ଦ୍ଦେଶକ ତଥା ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଭଦ୍ରକ ଜିଲାର ବିଭିନ୍ନ ବ୍ଲକ୍‌ରୁ ୫୦ ଜଣ ମତ୍ସ୍ୟ ଚାଷୀ ଉପସ୍ଥିତ ଥିଲେ । ମତ୍ସ୍ୟ ବିଭାଗ ତରଫରୁ ଅନୁମୋଦିତ ଯୋଜନାଗୁଡିକ ବିଷୟରେ ମତ୍ସ୍ୟଚାଷୀଙ୍କୁ ଅବଗତ କରାଯାଇଥିଲା ଏବଂ ଅନ୍ୟାନ୍ୟ ଜିଲା ଅଧିକାରୀମାନେ ତାଙ୍କ ଯୋଜନା ବିଷୟରେ ଚାଷୀଙ୍କୁ ମଧ ଅବଗତ କରାଇଥିଲେ । ଉପସ୍ଥିତ ଥିବା ବିଭିନ୍ନ ବ୍ଲକ୍‌ର ୪ ଜଣ ଅଗ୍ରଣୀ ମତ୍ସ୍ୟଚାଷୀଙ୍କୁ ଏବଂ ଗୋଟିଏ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ ସମସ୍ତ ବ୍ଲକ୍‌ର ସହକାରୀ ମତ୍ସ୍ୟ ଅଧିକାରୀ ଏବଂ ଜିଲାର ଅତିରିକ୍ତ ମତ୍ସ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ନବଦିନାତ୍ମକ ଯାତ୍ରାରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର କାର୍ଯ୍ୟକ୍ରମ



ଭଦ୍ରକ,୧୦/୦୭ (ନି.ପ୍ର): ନବଦିନାତ୍ମକ ରଥଯାତ୍ରାରେ "ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି' ପକ୍ଷରୁ ଶ୍ରୀକ୍ଷେତ୍ର ଧାମ ପୁରୀ ଓ ହରିବୋଲ କ୍ଷେତ୍ର କେଶପୁର ଠାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ରଥଯାତ୍ରା ଦିନ ହରିବୋଲ କ୍ଷେତ୍ର, କେଶପୁର ଠାରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ ଠାରୁ ଆଡ଼ପମଣ୍ଡପ, ମୋଡସାହି ପର୍ଯ୍ୟନ୍ତ ଧାରାବାହିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମିତିର ମୁଖ୍ୟ ପରିଚାଳକ ପ. ଭାଗୀରଥ ନନ୍ଦଶର୍ମାଙ୍କ ପରାମର୍ଶ ଓ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁଙ୍କ ନେତୃତ୍ୱରେ ସୁନାମ ଧନ୍ୟ ପ୍ରବଚିକା ସୁଶ୍ରୀ ତପସ୍ୱିନୀ ପାଢୀ, ବିଶ୍ୱମୈତ୍ରୀ ନାୟକ, ସୁଧାକର ଧନୀ, ଜ୍ୟୋସ୍ନାମୟୀ ପଣ୍ଡା, ସରୋଜ କୁମାର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ । ପ୍ରଚାର ସମିତି ସହିତ ଅନୁବନ୍ଧିତ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ଜିଲ୍ଲା ଆବାହକ କମଳାକାନ୍ତ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୫ଦଳ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ । ହେରାପଞ୍ଚମୀ ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ, ପୁରୀଙ୍କ ଆହ୍ୱାନ କ୍ରମେ ପୂର୍ବବର୍ଷ ପରି ଚଳିତ ବର୍ଷ ପୁରୀ ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ପଲ୍ଲୀଶ୍ରୀ ମେଳା ପରିସରରେ ଗର୍ଭଗୃହରୁ ସ୍ୱର୍ଗଦ୍ୱାର ତଥ୍ୟକୁ ଆଧାର କରି ଦୀର୍ଘ ୨ ଘଣ୍ଟା ଧରି ପ୍ରବଚନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ମଧ ସମିତିର ଆବାହକ ଶ୍ରୀଯୁକ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏହି ପ୍ରବଚକ ଓ ପ୍ରବଚିକାଗଣ ରଥଯାତ୍ରାର ତତ୍ତ୍ୱ ଓ ତଥ୍ୟ ସମ୍ପର୍କୀତ ପ୍ରବଚନ ପ୍ରଦାନ କରିଥିଲେ । ବାହୁଡାଯାତ୍ରା ଅବସରରେ ସମିତିର ମୁଖ୍ୟ ପରିଚାଳକଙ୍କ ତତ୍ତ୍ୱାବଧାନରେ ଏହି ପ୍ରବଚକ ଓ ପ୍ରବଚିକା ବୃନ୍ଦ ଆଡ଼ପମଣ୍ଡପ ଠାରୁ ହରିବୋଲ କ୍ଷେତ୍ର ପର୍ଯ୍ୟନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ । ଶେଷରେ ଏଥିରେ ସହଯୋଗ କରିଥିବା ସଂକୀର୍ତ୍ତନ କଳାକାର, ପ୍ରବଚକ ଓ ପ୍ରବଚିକାମାନଙ୍କୁ ପ୍ରଚାର ସମିତିପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ରୁଚିକା ମହାନ୍ତି ହତ୍ୟା ମାମଲା : ଏବିଭିପିର ବିଧାନସଭା ଘେରାଉ ସୋମବାର

ଭୁବନେଶ୍ୱର,୧୦/୦୭ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା ତରଫରୁବ ବିଜେବି କଲେଜର ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମ ହତ୍ୟା ଘଟଣା ଓ ରାଜ୍ୟର ଛାତ୍ରୀ ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା କାଲି ସକାଳ ୧୧ଘଟିକାରେ ବିଧାନସଭା ଘେରାଉ କରାଯିବ ।ରାଜ୍ୟ ସମ୍ପାଦକ ଶ୍ରୀ ସୌଭାଗ୍ୟ ମହାନ୍ତି ଏହି ସୂଚନା ଦେଇଛନ୍ତି ।

# ଗଗୁଆ କବର ସେବାଶ୍ରମରେ ଶିକ୍ଷକ ଅବିଭାବକ ସମ୍ମିଳନୀ

## ସରକାରଙ୍କ ଯୋଜନାର କାର୍ଯ୍ୟକାରିତା ଉପରେ ସଚେତନତା

ଖଇରା, ୧୦/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କବର ଓ ଗଗୁଆ ସେବାଶ୍ରମ ବିଦ୍ୟାଳୟରେ ଦୀର୍ଘ ୨ବର୍ଷର କୋଭିଡ କଟକଣା ପରେ ରବିବାର ଶିକ୍ଷକ ଅବିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । କବର ସେବାଶ୍ରମ ପରିସରରେ ପ୍ରଧାନଶିକ୍ଷକ ସଞ୍ଜୟ ଭଟ୍ଟରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ଅନ୍ତେବାସୀଙ୍କ ଉପସ୍ଥାନ କିଭଳି ଅଧୀକ ବଢ଼ିବ, ସରକାରଙ୍କ ଦ୍ୱାରା ପ୍ରନୟନ ହେଉଥିବା ବିଭିନ୍ନ ଯୋଜନା ର ଲାଭି ବିଦ୍ୟାଳୟର ଅନ୍ତେବାସୀଙ୍କୁ ମିଳିପାରିବ, ବାଲ୍ୟବିବାହ ରୋକାଯାଇପାରିବ ସେ ସମ୍ପର୍କରେ ସଚେତନ କରିଥିଲେ । ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀମାନେ କିଭଳି ସରକାର ପ୍ରମୁଖ ଯୋଜନାରେ ଭାଗିଦାରୀ ହୋଇପାରିବେ ଅତିଥିବୃନ୍ଦ ଗୁରୁତ୍ୱ ଆରୋପ କରିଥିଲେ । ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତପନ କୁମାର ବେହେରା, ଭଗବାନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ତଥା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ୧୨ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ଗ୍ରାମର ୨ଜଣ ବରିଷ୍ଠ ନାଗରିକ ଅନାମ ବାରିକ ଓ ଉପେନ୍ଦ୍ର ଜେନାଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧୀତ କରାଯାଇଥିଲା । ସ୍କୁଲ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ସେହିଭଳି ଗଗୁଆ ସେବଶ୍ରମ ବିଦ୍ୟାଳୟରେ ମଧ୍ୟ ପ୍ରଧାନଶିକ୍ଷୟତ୍ରୀ ନୟନାଲତା ପଣ୍ଡାଙ୍କ ସଭାପତିତ୍ୱରେ ଏହି ଅବିଭାବକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo